
ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-332 •SUNDAY •31 MAY 2026 •PAGE-12+4 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୩୨ •ରବିବାର •୩୧ ମେ ୨୦୨୬ •ପୃଷ୍ଠା-୧୨+୪ (ସିନ୍ଦୂରା) •ଟ.୭.୦୦


## ଉତ୍ତର ପ୍ରଦେଶ ଓ ବିହାରରେ ପ୍ରକୃତିର ତାଣ୍ଡବ

# ଝଡ଼, ବଜ୍ର ନେଲା ୪୮ ଜୀବନ



■ **ଲକ୍ଷ୍ନୌ/ପାଟନା, ୩୦।୫ (ଏଜେନ୍ସି):** ଦେଶର ବିଭିନ୍ନ ସ୍ଥାନରେ ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ମଧ୍ୟରେ ଅନେକ ରାଜ୍ୟରେ ପାଣିପାଗର ଉଗ୍ର ରୂପ ଦେଖିବାକୁ ମିଳିଛି। ଗତ ୨୪ ଘଣ୍ଟା ମଧ୍ୟରେ ଉତ୍ତର ପ୍ରଦେଶ ଏବଂ ବିହାରରେ ପ୍ରବଳ ଝଡ଼ବର୍ଷା, ପବନ ଏବଂ ବଜ୍ରପାତ ଯୋଗୁଁ ୪୮ ଜଣ ପ୍ରାଣ ହରାଇଛନ୍ତି। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିମାନ ଚଳାଚଳଠାରୁ ଆରମ୍ଭ କରି ରେଳ ସେବା ଏବଂ ଚାଷକାର୍ଯ୍ୟ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଉତ୍ତର ପ୍ରଦେଶରେ ଝଡ଼ବର୍ଷାର ପ୍ରକୋପ ସବୁଠାରୁ ଅଧିକ ଦେଖିବାକୁ ମିଳିଛି, ଯେଉଁଠାରେ ବିଭିନ୍ନ ସ୍ଥାନରେ ପ୍ରାୟ ୩୧ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟର ସାହାରନପୁରରେ ପ୍ରବଳ ବର୍ଷା ଯୋଗୁଁ ପାହାଡ଼ରୁ ଆସିଥିବା ପାଣିର ପ୍ରଖର ସ୍ରୋତରେ ଏକ ଟ୍ରାକ୍ଟର ଏବଂ ଇନୋଭା ସମେତ ୧୦ଟି ଗାଡ଼ି ଭାସିଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଆଜି ରାଜ୍ୟର ସମସ୍ତ ୭୫ଟି ଜିଲ୍ଲାରେ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଝଡ଼ବର୍ଷା ଯୋଗୁଁ ଅନେକ ସ୍ଥାନରେ ତାପମାତ୍ରା ପ୍ରାୟ ୧୦ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି।

ବିହାରରେ ମଧ୍ୟ ପରିସ୍ଥିତି ଗମ୍ଭୀର ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ଏବଂ ବର୍ଷା ଯୋଗୁଁ ୧୭ ଜଣଙ୍କର ପ୍ରାଣହାନି ଘଟିଛି। ରାଜଧାନୀ ପାଟନାରେ ପ୍ରବଳ ବର୍ଷା ଯୋଗୁଁ ବିମାନ ଅବତରଣରେ ସମସ୍ୟା ଦେଖା ଦେଇଥିଲା, ଯାହାଫଳରେ ୪ଟି ବିମାନର ଗତିପଥ ବଦଳାଇ ଦିଆଯାଇଛି ଏବଂ ୧୮ଟି ବିମାନ ବିଳମ୍ବରେ ଚଳାଚଳ କରିଛି। ଏହାଦ୍ୱାରା ୫୦୦ରୁ ଅଧିକ ଯାତ୍ରୀ ହଇରାଣ ହୋଇଛନ୍ତି। ଆଜି ମଧ୍ୟ ରାଜ୍ୟର ୨୫ଟି ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ପାଶ୍ଚାତ୍ୟ ଝଡ଼ ସକ୍ରିୟ ହେବା ଯୋଗୁଁ ରାଜସ୍ଥାନର ଚୁରୁ, ହନୁମାନଗଡ଼, ବିକାନେର ଏବଂ ସିକର ସମେତ ୯ଟି ଜିଲ୍ଲାରେ ପ୍ରବଳ କୁଆପଥର ମାଡ଼ ସହ ବର୍ଷା ହୋଇଛି, ଯାହାଫଳରେ ତାପମାତ୍ରା ୧୦ ଡିଗ୍ରୀ ପର୍ଯ୍ୟନ୍ତ କମିଯାଇଛି। ଆଜି ମଧ୍ୟ ୩୦ଟି ଜିଲ୍ଲା ପାଇଁ ସତର୍କ ସୂଚନା ରହିଛି। ସେହିପରି ପଞ୍ଜାବର ପଠାନକୋଟ୍‌ରେ ଶନିବାର ସକାଳେ କୁଆପଥର ବୃଷ୍ଟି ହୋଇଥିବା ବେଳେ ମୋହାଲି ଏବଂ ଚଣ୍ଡୀଗଡ଼ରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ପାହାଡ଼ିଆ ଅଞ୍ଚଳରେ ବର୍ଷା ସହ ବରଫପାତ ଯୋଗୁଁ ସେଓ ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ବିହାର ଭଳି ରାଜ୍ୟଗୁଡ଼ିକରେ ଘଣ୍ଟାପ୍ରତି ୪୦ରୁ ୯୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ଝଡ଼ବର୍ଷା ଓ କୁଆପଥର ମାଡ଼ ହେବାର ଆଶଙ୍କା ରହିଛି।

## ପଶ୍ଚିମବଙ୍ଗରେ ସମୀ ଟପିଲା ନିର୍ବାଚନ ପରବର୍ତ୍ତୀ ହିଂସା

# ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ


ସୋନାରପୁରରେ ମାଡ଼ ମାରିବା ସହ ପଥର ଓ ଅଣ୍ଡା ଫିଙ୍ଗିଲେ
ଅଭିଷେକ ମେଡିକାଲରେ ଭର୍ତ୍ତି, ହିଂସାକୁ ବିଭିନ୍ନ ଦଳର ନିନ୍ଦା

■ **କୋଲକାତା, ୩୦।୫ (ଏଜେନ୍ସି):** ପଶ୍ଚିମ ବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଆଜି ଏହାର ଉଗ୍ର ରୂପ ଦେଖିବାକୁ ମିଳିଛି ଦକ୍ଷିଣ ୨୪ ପ୍ରଗଣାର ସୋନାରପୁର ଅଞ୍ଚଳରେ। ଏଠାରେ ତୃଣମୂଳ କଂଗ୍ରେସ (ଟିଏମସି) ସାଧାରଣ ସମ୍ପାଦକ ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କୁ ବିଜେପିର କେତେକ କର୍ମୀ ଆକ୍ରମଣ କରିଛନ୍ତି। ତାଙ୍କୁ ମାଡ଼ ମାରିବା ସହିତ ଅଣ୍ଡାମାଡ଼ ମଧ୍ୟ କରିଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଏହି ଘଟଣାରେ ନେଇ ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟିଏମ୍‌ସି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏଥିପାଇଁ ବିଜେପିକୁ ଦାୟୀ କରି କହିଛନ୍ତି ଯେ ଶାସକ ପାଲଟିଛନ୍ତି ହତ୍ୟାକାରୀ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଏହାର ଦୃଢ଼ ନିନ୍ଦା କରିଛନ୍ତି। ରାଜ୍ୟ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ ତାଙ୍କ ଦଳର ସଂପୃକ୍ତିକୁ ଅସ୍ୱୀକାର କରି ଅଭିଯୋଗ କରିଛନ୍ତି ଯେ ଏହା ହେଉଛି ସ୍ଥାନୀୟ ଲୋକଙ୍କ ଆକ୍ରୋଶ।

ପୁଲିସ ସୂତ୍ରରୁ ପ୍ରକାଶ ଯେ ନିର୍ବାଚନ ପରବର୍ତ୍ତୀ ହିଂସାରେ ହତ୍ୟାର ଶିକାର ହୋଇଥିବା ଜଣେ ବ୍ୟକ୍ତିର ପରିବାରକୁ ଭେଟିବା ପାଇଁ ସୋନାରପୁର ଯାଇଥିଲେ ଅଭି।।ଷେକ। ଏହି ସମୟରେ ଅଭିଷେକଙ୍କ ଗାଡ଼ି ଉପରକୁ ପଥର ଓ ଅଣ୍ଡା ମାଡ଼ କରାଯାଇଥିଲା। ସେ ଗାଡ଼ିରୁ ଓହ୍ଲାଇ ଗାଁ ଭିତରେ ଯାଉଥିବା ବେଳେ ତାଙ୍କୁ କେତେକ ଲୋକ ଘେରି ▶ପୃଷ୍ଠା-୭

# ୮୮ ଡଲାରକୁ ଖସିଲା ଅଶୋଧିତ ତୈଳ ଦର



**୨୦୨୬ର ସର୍ବୋଚ୍ଚ ସ୍ତରଠାରୁ ୨୬% ହ୍ରାସ**

**କମିବ କି ପେଟ୍ରୋଲ ଏବଂ ଡିଜେଲ ଦର?**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଆମେରିକା ଏବଂ ଇରାନ ମଧ୍ୟରେ ପ୍ରସ୍ତାବିତ ଶାନ୍ତି ଚୁକ୍ତି ଖବରକୁ ନେଇ ବିଶ୍ୱ ବଜାରରେ ତଳମୁହାଁ ହୋଇଛି ଅଶୋଧିତ ତୈଳ ଦର। ଏହି ଯୁଦ୍ଧ ଯେ କୌଣସି ସମୟରେ ଶେଷ ହୋଇପାରେ, ଏହି ଆଶାରେ ଅଶୋଧିତ ତୈଳ ମୂଲ୍ୟରେ ବୃହତ୍ ହ୍ରାସ ଦେଖିବାକୁ ମିଳିଛି। ଅଶୋଧିତ ତୈଳ ଦର ଆଜି ବ୍ୟାରେଲ ପିଛା ୮୮ ଡଲାରକୁ ହ୍ରାସ ପାଇଛି। ୨୦୨୬ରେ ତୈଳ ଦରର ସର୍ବୋଚ୍ଚ ସ୍ତରଠାରୁ ଏପର୍ଯ୍ୟନ୍ତ ୨୬% ହ୍ରାସ ଘଟିଲାଣି। ଏବେ ପ୍ରଶ୍ନ ଉଠୁଛି ଅଶୋଧିତ ତେଲ ମୂଲ୍ୟରେ ଏତେ ହ୍ରାସ ପରେ ଘରୋଇ ବଜାରରେ କମିବ କି ପେଟ୍ରୋଲ ଏବଂ ଡିଜେଲ ଦର?

କେବଳ ଚଳିତ ସପ୍ତାହରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୧୧% ହ୍ରାସ ପାଇଛି, ଯାହା ୭ ସପ୍ତାହ ମଧ୍ୟରେ ସବୁଠାରୁ ବଡ଼ ସାପ୍ତାହିକ ହ୍ରାସ। ଏହି ସମୟରେ, ଆମେରିକୀୟ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) ୯% ରୁ ଅଧିକ ହ୍ରାସ ପାଇଛି, ଯାହା ବିଗତ ୬ ସପ୍ତାହ ମଧ୍ୟରେ ଏହାର ସବୁଠାରୁ ବଡ଼ ସାପ୍ତାହିକ ହ୍ରାସ। ଉଭୟ ବେଞ୍ଚମାର୍କ ଏପ୍ରିଲ ମଧ୍ୟଭାଗରୁ ସର୍ବନିମ୍ନ ସ୍ତରରେ ▶ପୃଷ୍ଠା-୭

## ତ୍ରିକୋଣୀୟ ପ୍ରେମର କରୁଣ ପରିଣତି

# ଯୁବକଙ୍କୁ ଥାର୍ ଚଢ଼ାଇ ହତ୍ୟା




**ରାଜଧାନୀରେ ଚାଞ୍ଚଲ୍ୟ**

**ନାବାଳକ ସମେତ ୭ ଗିରଫ, ଥାର୍ ଓ ବାଇକ୍ ଜବତ**

■ **ଭୁବନେଶ୍ୱର, ୩୦।୫ (ସମିସ):** ତ୍ରିକୋଣୀୟ ପ୍ରେମ ସଂପର୍କକୁ କେନ୍ଦ୍ର କରି ଯୁବକଙ୍କୁ କାର୍ ମଡ଼ାଇ ହତ୍ୟା। ଶୁକ୍ରବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ନୀଳାଦ୍ରିବିହାର ଅଞ୍ଚଳରେ ରହୁଥିବା ବରୁଣ କୁମାର ରାଉତରାୟ। ତାଙ୍କ ଘର ଖୋର୍ଦ୍ଧା କାଇପଦର ଅଞ୍ଚଳରେ। ହତ୍ୟାକାଣ୍ଡ ଭିଆଇବା ପରେ ଅଭିଯୁକ୍ତମାନେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ ରହସ୍ୟ ଭେଦ କରିବା ସହ ଏହି ଘଟଣାରେ ଜଣେ ନାବାଳକ ସମେତ ୭ ଜଣଙ୍କୁ ଗିରଫ କରିଛି। ରାଜଧାନୀରେ ଏଭଳି ବୀଭତ୍ସ ହତ୍ୟାକାଣ୍ଡ ଆତଙ୍କଜନକ ପରିସ୍ଥିତି ସୃଷ୍ଟି କରିଛି।

ଏହି ଘଟଣାରେ ଯେଉଁମାନଙ୍କୁ ଗିରଫ କରାଯାଇଛି ସେମାନେ ହେଲେ ବ୍ରହ୍ମାନନ୍ଦ ଦାସ ଓରଫ୍ ବାପୁନି (୩୬), ଚିଦାନନ୍ଦ ଦାସ ଓରଫ୍ ପାପୁ(୩୧), ଆଶିଷ ଦେହୁରି ଓରଫ୍ ପିଣ୍ଟୁ (୩୦), ସ୍ୱସ୍ତିକ ଭରଦ୍ୱାଜ ଓରଫ୍ ସରୋଜ, ସୂରଜ ବିଶ୍ୱକର୍ମା (୨୩) ଏବଂ ଶ୍ରୀଧର ନାୟକ(୨୦)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ ଘର ଚନ୍ଦ୍ରଶେଖରପୁର ଶୈଳଶ୍ରୀବିହାର ଅଞ୍ଚଳରେ। ଏହାବ୍ୟତୀତ, ପୁଲିସ୍ ଅପରାଧରେ ବ୍ୟବହୃତ କଳାରଙ୍ଗର ଏକ ଥାର୍ ଗାଡ଼ି (ଓଡ଼ି-୧୪-ଜେଡ୍-୨୩୩୮) ଏବଂ ଗୋଟିଏ ଦୁଇଚକିଆ ଯାନକୁ ଜବତ କରିଛି। ଶନିବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମୀନା ଏହି ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଅଭିଯୁକ୍ତ ବାପୁନିର ଶୈଳଶ୍ରୀବିହାର ଛକ ନିକଟରେ ଏକ ଜୁସ୍ ଦୋକାନ (ମହିମା ଜୁସ୍ ସେଣ୍ଟର୍) ରହିଛି। ସେଠାରେ କାମ କରୁଥିବା ସୂରଜ ୬ବର୍ଷ ହେଲା ▶ପୃଷ୍ଠା-୭

# ମନ୍ତ୍ରୀଙ୍କ ଦକ୍ଷତା ମାପିବେ ମୋହନ

## ଜୁନ୍ ୨ରୁ ୯ ପର୍ଯ୍ୟନ୍ତ ରିପୋର୍ଟ କାର୍ଡ ଦେଖିବେ ମୁଖ୍ୟମନ୍ତ୍ରୀ



**୨ ବର୍ଷ କାର୍ଯ୍ୟର ହିସାବ ରଖିବେ ସମସ୍ତ ମନ୍ତ୍ରୀ**

■ **ଭୁବନେଶ୍ୱର, ୩୦।୫ (ସମିସ):** ଆଉ ଦିନ କେଇଟା ପରେ ରାଜ୍ୟରେ ବିଜେପି ସରକାର ଗଠନକୁ ୨ ବର୍ଷ ପୂରିବ। ଏହି ଦୁଇ ବର୍ଷ ମଧ୍ୟରେ ସରକାର କେତେ କାମ କରିଛନ୍ତି ଓ କେଉଁ ବିଭାଗ କିପରି ଆଗକୁ ବଢ଼ିଛି ତାହାର ସମୀକ୍ଷା ହେବ। ମୁଖ୍ୟମନ୍ତ୍ରୀ ଫାଇଲ୍ ଧରି ମନ୍ତ୍ରୀମାନଙ୍କର କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ। ଏଥିପାଇଁ ସବୁ ବିଭାଗର ମନ୍ତ୍ରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୬ପୃଷ୍ଠାର ଫର୍ମାଟରେ ମନ୍ତ୍ରୀମାନେ ବିଗତ ୨ବର୍ଷର ବିସ୍ତୃତ ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜ କାର୍ଯ୍ୟ ଓ ବିଭାଗର କାର୍ଯ୍ୟର ବିବରଣୀ ଦାଖଲ କରିବେ। ଆସନ୍ତା ଜୁନ୍ ୨ ତାରିଖରୁ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହେବା ସହ ୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ପ୍ରଥମ ଦିନ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓଙ୍କ ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ ବୋଲି ସ୍ଥିର ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ଏହି ସମୀକ୍ଷା ନିଷ୍ପତ୍ତି ପରେ ଅନେକ ମନ୍ତ୍ରୀଙ୍କର ଏବେ ଛାତି ଧଡ଼ଧଡ଼ ଆରମ୍ଭ ହୋଇଛି। କାରଣ ଆଗକୁ ହେବାକୁ ଥିବା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ମଧ୍ୟରେ ଅନେକ ମନ୍ତ୍ରୀଙ୍କ ମୁଣ୍ଡ ଗଡ଼ିବା ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ତେଣୁ ଯେଉଁମନ୍ତ୍ରୀ ଏହି ଦୁଇ ବର୍ଷ ମଧ୍ୟରେ ବିଶେଷ କାମ କରିପାରିନାହାନ୍ତି, ସେମାନଙ୍କ ▶ପୃଷ୍ଠା-୭






# ଏନ୍‌ଟିଏର ଆଉ ଏକ ବିଫଳତା

**ସିୟୁଇଟି-ୟୁଜି ପରୀକ୍ଷାରେ ବିଭ୍ରାଟ**

**ବୈଷୟିକ ତ୍ରୁଟି; ୪ ଘଣ୍ଟା ପରୀକ୍ଷା ବିଳମ୍ବ**

**ପୁନଃ-ପରୀକ୍ଷା ଦେବେ ୩,୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ**

■ **ନୂଆଦିଲ୍ଲୀ, ୩୦।୫(ଏଜେନ୍ସି):** ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ବିବାଦ ଦେଶରେ ଥମିନାହିଁ। ପ୍ରତିବର୍ଷ ଜାତୀୟସ୍ତରୀୟ ପରୀକ୍ଷା ଗୁଡ଼ିକରେ ବିଭ୍ରାଟ ଦେଖାଦେଉଛି। ଏଥିରେ ହତାଶ ହୋଇ ଆତ୍ମହତ୍ୟା କରୁଥିବା ପରୀକ୍ଷାର୍ଥୀଙ୍କ ଜୁଇର ନିଆଁ ନ ଲିଭୁଣୁ ପୁଣି ଶନିବାର ସାରା ଦେଶର ବିଭିନ୍ନ କେନ୍ଦ୍ରରେ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା-ସ୍ନାତକ (ସିୟୁଇଟି-ୟୁଜି) ୨୦୨୬ରେ ବଡ଼ ଧରଣର ବିଭ୍ରାଟ ଦେଖାଦେଇଛି। ଫଳରେ ଅନେକ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆରମ୍ଭ ହେବାରେ ଅହେତୁକ ବିଳମ୍ବ ଘଟିଛି। ଏହାଦ୍ୱାରା ପରୀକ୍ଷାର୍ଥୀ ଏବଂ ଅଭିଭାବକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ମାମଲାରେ ଦୋଷୀ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ସିୟୁଇଟି-ୟୁଜି ପରୀକ୍ଷା ପରିଚାଳନାରେ ମଧ୍ୟ ଫେଲ୍ ମାରିଛି। ଏହି ଦୁଇଟି ପରୀକ୍ଷାର ପରିଚାଳନା ଦାୟିତ୍ୱ ଏନ୍‌ଟିଏ ହାତରେ ରହିଛି।

ଏନ୍‌ଟିଏର ଏଭଳି ବିଫଳତା ନେଇ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ପରିବାର ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏନ୍‌ଟିଏ ପକ୍ଷରୁ ସଫେଇ ଦିଆଯାଇଛି ଯେ ଟିସିଏସ୍ (ଟାଟା କନସଲଟାନ୍ସି ▶ପୃଷ୍ଠା-୭

# ନାବାଳିକାକୁ ସ୍କୁଲ ଘରେ ଗଣଦୁଷ୍କର୍ମ



**ଲଜ୍ଜା**

■ **ଲହୁଣୀପଡ଼ା, ୩୦।୫ (ସମିସ):** ବନ୍ଧୁଘରକୁ ବୁଲି ଆସିଥିବା ଜଣେ ନାବାଳିକାକୁ ସ୍କୁଲ ଘରେ ଗଣଦୁଷ୍କର୍ମ। ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅଞ୍ଚଳରେ ଏପରି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୁଣାପାଣି ଗ୍ରାମର ତନ୍ମୟ ମୁଣ୍ଡାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଥିବା ବେଳେ ପୁଲିସ୍ ତାକୁ ଧରିବାକୁ ତନାଘନା ଚଳାଇଛି। ସୂଚନା ମୁତାବକ, ନାବାଳିକାଜଣଙ୍କ ତାଙ୍କର ଜଣେ ସାଙ୍ଗ ସହ ଭିଣୋଇ ଘରକୁ ଆସିଥିଲେ। ଗତ ୨୮ ତାରିଖ ଦିନ ତାଙ୍କ ଦିଦି ଏବଂ ଭିଣୋଇ ଘରେ ନଥିଲେ। ରାତି ପ୍ରାୟ ୧୨ଟାରେ ନାବାଳିକାଦ୍ୱୟ ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ପୂର୍ବରୁ ଛକି ରହିଥିବା ଦୁଇ ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନାବାଳିକା କୌଣସିମତେ ଖସି ପଳାଇଥିବା ବେଳେ ତା' ସାଙ୍ଗ ମୁକୁଳି ପାରିନଥିଲା। ଦୁର୍ବୃତ୍ତମାନେ ତାକୁ ନିକଟସ୍ଥ ସ୍କୁଲ ଘରକୁ ଟେକିନେଇ ଗଣ ଦୁଷ୍କର୍ମ କରିଥିଲେ।

# ଯାତ୍ରାରେ ହିରୋଇନ୍ କରିବାକୁ ପ୍ରତିଶ୍ରୁତି ଦେଇ ଗଣଦୁଷ୍କର୍ମ

**୨.୮୦ ଲକ୍ଷ ଟଙ୍କା ଲୁଟ୍ ଓ ଭିଡିଓ ଭାଇରାଲ ଧମକ**

**୨ ଅଭିଯୁକ୍ତ ଗିରଫ**

■ **ପଟ୍ଟାମୁଣ୍ଡାଇ, ୩୦।୫ (ସମିସ):** ଯାତ୍ରାରେ ହିରୋଇନ୍ କରିବାକୁ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ଗଣଦୁଷ୍କର୍ମ। ଖାଲି ସେତିକି ନହେଁ, ଅଭିଯୁକ୍ତମାନେ ଯୁବତୀଙ୍କଠାରୁ ୨ଲକ୍ଷ ୮୦ ହଜାର ଟଙ୍କା ଲୁଟିନେବା ସହ ତାଙ୍କର ଅଶ୍ଳୀଳ ଭିଡିଓ ଭାଇରାଲ କରିଦେବାର ଧମକ ଦେଇ ପୁଣିଥରେ ଟଙ୍କା ମାଗୁଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରୁ ଏପରି ଏକ ସାଂଘାତିକ ଘଟଣା ପଦାକୁ ଆସିବା ପରେ ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଯୁବତୀଙ୍କ ଅଭିଯୋଗ ଆଧାରରେ ପୁଲିସ ନଂ ୨୩୩/୨୬ରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ବୁଲୁ ପଣ୍ଡା ଓ ଜ୍ୟୋତି ପଣ୍ଡା। ଅଭିଯୁକ୍ତଦ୍ୱୟ ନିଜକୁ ଯାତ୍ରା ପାର୍ଟିର ପରିଚାଳକ ବୋଲି ଜଣାଯାଇଛି।

ଯୁବତୀଙ୍କ ଏତଲା ଅନୁଯାୟୀ, ଜଣେ ଯୁବତୀଙ୍କୁ ଏକ ନାମୀଦାମୀ ଯାତ୍ରାପାର୍ଟିରେ ହିରୋଇନ୍ କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଇ ବୁଲୁ ଓ ଜ୍ୟୋତି ଗତ ଏପ୍ରିଲ ୬ ତାରିଖରେ ତାଙ୍କୁ ଏକ ପେଟ୍ରୋଲ ପମ୍ପରୁ ଉଠାଇ ନେଇଥିଲେ। କେନ୍ଦ୍ରାପଡ଼ା ଗରାପୁରର ଏକ ହୋଟେଲକୁ ନେଇ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଯୁବତୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଚେତାଶୂନ୍ୟ କରିବା ପରେ ଦୁହେଁ ଦୁଷ୍କର୍ମ କରିଥିଲେ। ଏହାସହ ଦୁଷ୍କର୍ମ ବେଳର ଫଟୋ ଓ ଭିଡିଓ କରିଥିଲେ। ଯୁବତୀଙ୍କ ଚେତା ଫେରିବା ପରେ ଅଭିଯୁକ୍ତଦ୍ୱୟ ତାଙ୍କୁ ଧମକଚମକ ଦେଇ ଏହି ଘଟଣା କାହାରି ▶ପୃଷ୍ଠା-୭

# ଆମେରିକାରେ ଭାରତୀୟ ଯୁବକଙ୍କୁ ୧୦ ବର୍ଷ ଜେଲ୍

ଓମାହା, ୩୦।୫(ଏଜେନ୍ସି): ଆମେରିକାରେ ଜଣେ ନାବାଳିକାକୁ ଶାରୀରିକ ଶୋଷଣ ଏବଂ ମାନବ ଚାଲାଣକାରୀଙ୍କୁ ସହାୟତା କରିବା ଅଭିଯୋଗରେ ଜଣେ ୨୭ ବର୍ଷୀୟ ଭାରତୀୟ ଯୁବକଙ୍କୁ ୧୦ ବର୍ଷର ଜେଲ୍ ଦଣ୍ଡାଦେଶ ହୋଇଛି। ଗୁଜରାଟର ବାସିନ୍ଦା କବନକୁମାର ପଟେଲ ନାମକ ଏହି ଯୁବକ ଆମେରିକାର ନେବ୍ରାସ୍କା ସ୍ଥିତ ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ଜେଲ୍ ମିଆଦ ଶେଷ ହେବା ପରେ ତାଙ୍କୁ ଭାରତ ସ୍ୱଦେଶ ପଠାଇ ଦିଆଯିବ ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଗତ ବର୍ଷ ଜାନୁଆରୀ ମାସରେ ଏହି ଘଟଣା ଘଟିଥିଲା। ମାନବ ଚାଲାଣକାରୀମାନେ ଦୁଇଜଣ ନାବାଳିକାଙ୍କୁ ଅନ୍ୟ ରାଜ୍ୟରୁ ଆଣି ଏହି ହୋଟେଲରେ ରଖି ଦେହ ବ୍ୟବସାୟରେ ନିୟୋଜିତ କରିଥିଲେ। ହୋଟେଲର କର୍ମଚାରୀ ଥିବା କବନକୁମାର, ହୋଟେଲର କାଉଣ୍ଟରରୁ ଟଙ୍କା ଚୋରି କରି ନାବାଳିକା ସହ ସମ୍ପର୍କ ରଖିବା ପାଇଁ ଚାଲାଣକାରୀଙ୍କୁ ଦେଇଥିବା ସ୍ୱୀକାର କରିଛନ୍ତି। ଏହା ବଦଳରେ ସେମାନେ ହୋଟେଲ ଭଡ଼ା କମ୍ କରି ଚାଲାଣକାରୀ ଓ ନାବାଳିକାମାନଙ୍କୁ ସେଠାରେ ରହିବାକୁ ଅନୁମତି ଦେଇଥିଲେ। ଏହି ମାମଲାରେ କବନକୁମାରଙ୍କ ବ୍ୟତୀତ ଅନ୍ୟ ଦୁଇଜଣ ଭାରତୀୟ କର୍ମଚାରୀ ସୁମିତ ଚୌଧୁରୀ ଏବଂ ବିଶାଳ ଗୋସ୍ୱାମୀଙ୍କ ସହ ତିନିଜଣ ମୁଖ୍ୟ ମାନବ ଚାଲାଣକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ସୁରକ୍ଷାକର୍ମୀମାନେ ନାବାଳିକା ଦ୍ୱୟଙ୍କୁ ଏହି ନର୍କପୁରୀରୁ ଉଦ୍ଧାର କରିଥିବା ବେଳେ ଆମେରିକା ନ୍ୟାୟାଳୟ ଦୋଷୀଙ୍କ ବିରୋଧରେ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

# ସ୍ତ୍ରୀକୁ ୪ ଘଣ୍ଟା 'କୁକୁଡ଼ା' ବନାଇ ରଖିବା ପରେ ଛୁରାମାଡ଼

ମୁମ୍ବାଇ, ୩୦।୫(ଏଜେନ୍ସି): ମୁମ୍ବାଇରେ ଜଣେ ସ୍ୱାମୀର ଚରମ ବର୍ବରତା ଏବଂ କ୍ରୂରତା ସାମ୍ନାକୁ ଆସିଛି। ପାରିବାରିକ କଳହ ଯୋଗୁଁ ଜଣେ ଯୁବକ ନିଜ ସ୍ତ୍ରୀକୁ ଘର ଭିତରେ ବନ୍ଦୀ କରି ଅମାନୁଷିକ ନିର୍ଯାତନା ଦେବା ସହ ୪ ଘଣ୍ଟା କାଳ 'କୁକୁଡ଼ା' ସ୍ଥିତିରେ ବସାଇ ରଖିଥିବା ଅଭିଯୋଗ ହୋଇଛି। ଏହାପରେ ସ୍ତ୍ରୀ ଜଣକ ଜୀବନ ବିକଳରେ ଖସି ପଳାଇବା ପରେ ମଧ୍ୟ ଅଭିଯୋଗକାରୀ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରାମାଡ଼ କରିଛି। ପୋଲିସ ସୂଚନା ମୁତାବକ, ୨୫ ବର୍ଷୀୟ ଅଭିଯୁକ୍ତ ଆରବାଜ ସୟଦ୍ ପ୍ରଥମେ ନିଜ ସ୍ତ୍ରୀକୁ ଖଣ୍ଡାରେ ହାଣିବା ଏବଂ ମୁହଁରେ ଏସିଡ୍ ପକାଇବାକୁ ଧମକ ଦେଇ ନିର୍ଯାତନା ଦେଇଥିଲା। ସ୍ତ୍ରୀ ଜଣକ କୌଶଳକ୍ରମେ ସେଠାରୁ ଖସି ନିଜ ବାପାଘରକୁ ପଳାଇଥିଲେ। ମାତ୍ର ଅଭିଯୁକ୍ତ ସେଠାରେ ପହଞ୍ଚି ଗଣ୍ଡଗୋଳ କରିବା ସହ ଏକ ଛୁରୀରେ ସ୍ତ୍ରୀଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା। ପୀଡ଼ିତାଙ୍କ ପରିବାର ଲୋକଙ୍କ ସୂଚନା ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆରବାଜକୁ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ଆରବାଜ ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତା' ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୯ଟି ଗୁରୁତର ଅପରାଧିକ ମାମଲା ରହିଛି। ପୋଲିସ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଉତ୍ତର ପ୍ରଦେଶରେ ବିଜୁଳି ଗ୍ରାହକ ଦେବେ ୧୦ % ଅତିରିକ୍ତ ଶୁଳ୍କ

ଲକ୍ଷ୍ନୌ,୩୦।୫(ଏଜେନ୍ସି): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଉତ୍ତର ପ୍ରଦେଶର ବିଜୁଳି ଗ୍ରାହକମାନଙ୍କୁ ଏକ ବଡ଼ ଆର୍ଥିକ ଝଟ୍‌କା ଲାଗିଛି। ରାଜ୍ୟରେ ଆସନ୍ତା ଜୁନ୍ ମାସରୁ ବିଦ୍ୟୁତ ବିଲ୍ ଉପରେ ୧୦ ପ୍ରତିଶତ 'ଇନ୍ଧନ ଏବଂ ବିଦ୍ୟୁତ କ୍ରୟ ଉପରେ ଅତିରିକ୍ତ ସରଚାର୍ଜ' ଲାଗୁ କରିବା ପାଇଁ ଉତ୍ତର ପ୍ରଦେଶ ପାୱାର କର୍ପୋରେସନ ଲିମିଟେଡ୍ ବିଧିବଦ୍ଧ ଭାବେ ସୂଚନା ଦେଇଛି। ଏହି ନିଷ୍ପତ୍ତି ଫଳରେ ସବୁ ବର୍ଗର ଗ୍ରାହକଙ୍କ ଉପରେ ମାସିକ ବିଲ୍‌ର ଅତିରିକ୍ତ ବୋଝ ପଡ଼ିବ। ବିଦ୍ୟୁତ କ୍ରୟ ଏବଂ ପରିବହନ ବାବଦରେ ହୋଇଥିବା ଅତିରିକ୍ତ ଖର୍ଚ୍ଚର ଭରଣା ପାଇଁ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗଙ୍କ ନିୟମ ଅନୁଯାୟୀ ଏହି ଶୁଳ୍କ ବୃଦ୍ଧି କରାଯାଇଛି। ମାର୍ଚ୍ଚ ମାସର ଖର୍ଚ୍ଚକୁ ଆଧାର କରି ଏହି ଅତିରିକ୍ତ ରାଶି ଜୁନ୍ ମାସର ବିଲ୍‌ରେ ଆଦାୟ କରାଯିବ। ଇନ୍ଧନ ମୂଲ୍ୟରେ ହେଉଥିବା ପରିବର୍ତ୍ତନ ଯୋଗୁଁ ବିତରଣ କମ୍ପାନୀଗୁଡ଼ିକର କ୍ଷତି ଭରଣା ପାଇଁ ଏହି ପଦକ୍ଷେପ ନିଆଯାଇଛି। ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ବିଦ୍ୟୁତ ବ୍ୟବହାର ବହୁଳ ଭାବେ ବୃଦ୍ଧି ପାଇଛି। ବିଜୁଳି ଚାହିଦା ପୂର୍ବ ବର୍ଷଗୁଡ଼ିକ ତୁଳନାରେ ପ୍ରାୟ ୫୦୦୦ ମେଗାୱାଟ୍ ବଢ଼ିଯାଇଛି, ଯାହାଫଳରେ ଅନେକ ସ୍ଥାନରେ ବିଦ୍ୟୁତ କାଟ୍ ସମସ୍ୟା ମଧ୍ୟ ଦେଖାଦେଇଛି। ଏଭଳି ସ୍ଥିତିରେ ଏହି ମୂଲ୍ୟ ବୃଦ୍ଧି ସାଧାରଣ ଜନତାଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି।

# ଅରୁଣାଚଳରେ ଅନୁପ୍ରବେଶ ଓ ଜନଜାତି ପ୍ରମାଣପତ୍ରର ଯାଞ୍ଚ ପାଇଁ କମିଟି ଗଠନ

ଇଟାନଗର, ୩୦।୫(ଏଜେନ୍ସି): ଅରୁଣାଚଳ ପ୍ରଦେଶ ସରକାର ରାଜ୍ୟର ସ୍ଥାନୀୟ ଆଦିବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ବେଆଇନ ଅନୁପ୍ରବେଶ ରୋକିବା ଏବଂ ଜନଜାତି (ଏସ୍‌ଟି) ପ୍ରମାଣପତ୍ରର ପୁନଃ ଯାଞ୍ଚ ପାଇଁ ୪ଟି ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଘୋଷଣା କରିଛନ୍ତି। ସ୍ଥାନୀୟ ସଂଗଠନ ଓ ଛାତ୍ର ସଂଘଗୁଡ଼ିକର ଦୀର୍ଘଦିନର ଦାବି ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ତ କମିଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯେପରିକି ଆଦିବାସୀ ପ୍ରମାଣପତ୍ରର ସତ୍ୟାସତ୍ୟ, ଅଣ-ଆଦିବାସୀଙ୍କ ସନ୍ତାନମାନଙ୍କ ସ୍ଥିତି ଏବଂ ବେଆଇନ ଅନୁପ୍ରବେଶ ଉପରେ ସମୀକ୍ଷା କରିବେ। ଏହା ସହିତ ରାଜ୍ୟରେ ପ୍ରବେଶ ପାଇଁ ଆବଶ୍ୟକ ହେଉଥିବା 'ଇନର ଲାଇନ୍ ପରମିଟ୍' (ଆଇଏଲ୍‌ପି) ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ଏଥିପାଇଁ ସରକାର ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ ଗଠନ କରିବେ। ଏହି ସମସ୍ତ କମିଟିକୁ ନିଜର ରିପୋର୍ଟ ଓ ସୁପାରିଶ ଦାଖଲ କରିବା ପାଇଁ ୬ ମାସର ସମୟ ଦିଆଯାଇଛି। କ୍ଷେତ୍ର ପରିଦର୍ଶନ ଏବଂ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ଆଧାରରେ ଏହି ସମୟସୀମା ଆବଶ୍ୟକ ସ୍ଥଳେ ବୃଦ୍ଧି କରାଯାଇପାରେ। ରାଜ୍ୟର ଜନସଂଖ୍ୟାଗତ ସନ୍ତୁଳନ ଏବଂ ସ୍ଥାନୀୟ ଜନଜାତିଙ୍କ ସଂସ୍କୃତିକୁ ସୁରକ୍ଷିତ ରଖିବା ପାଇଁ ଏହି ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି।

# ୬୪ % ମହିଳା ବ୍ୟବହାର କରୁଛନ୍ତି ଇଣ୍ଟରନେଟ୍



ନୂଆଦିଲ୍ଲୀ, ୩୦।୫(ଏଜେନ୍ସି): ଭାରତୀୟ ମହିଳାଙ୍କ ମଧ୍ୟରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଷଷ୍ଠ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁଯାୟୀ, ଦେଶରେ ଅତିକମରେ ଦିନେ ହେଲେ ଇଣ୍ଟରନେଟ୍ ବ୍ୟବହାର କରିଥିବା ମହିଳାଙ୍କ ସଂଖ୍ୟା ୬୪.୩ ପ୍ରତିଶତରେ ପହଞ୍ଚିଛି। ଏହାପୂର୍ବରୁ ପଞ୍ଚମ ସର୍ଭେରେ ଏହି ସଂଖ୍ୟା ମାତ୍ର ୩୩.୩ ପ୍ରତିଶତ ରହିଥିଲା। ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି ବଡ଼ ପରିବର୍ତ୍ତନ ମହିଳାଙ୍କ କ୍ଷେତ୍ରରେ ଡିଜିଟାଲ୍ ସାକ୍ଷରତାର ଅଭିବୃଦ୍ଧିକୁ ଦର୍ଶାଉଛି। ରିପୋର୍ଟ ଅନୁସାରେ, କେବଳ ଇଣ୍ଟରନେଟ୍ ନୁହେଁ, ବରଂ ମହିଳାଙ୍କ ଆର୍ଥିକ ଏବଂ ବୈଷୟିକ ସଶକ୍ତିକରଣ କ୍ଷେତ୍ରରେ ମଧ୍ୟ ବ୍ୟାପକ ସୁଧାର ଆସିଛି। ବ୍ୟାଙ୍କ କିମ୍ବା ସଞ୍ଚୟ ଖାତା ଥିବା ମହିଳାଙ୍କ ସଂଖ୍ୟା ୭୮.୬ ପ୍ରତିଶତରୁ ବୃଦ୍ଧି ପାଇ ୮୯ ପ୍ରତିଶତ ହୋଇଛି। ସେହିପରି ନିଜସ୍ୱ ମୋବାଇଲ୍ ଫୋନ୍ ବ୍ୟବହାର କରୁଥିବା ମହିଳାଙ୍କ ସଂଖ୍ୟା ମଧ୍ୟ ୫୩.୯ ପ୍ରତିଶତରୁ ୬୩.୬ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ସହିତ ସରକାରଙ୍କ ବିଭିନ୍ନ ଯୋଜନା ଯୋଗୁଁ ୧୫ରୁ ୨୪ ବର୍ଷ ବୟସର ଯୁବତୀଙ୍କ ମଧ୍ୟରେ ମାସିକ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟପ୍ରଦ ଓ ସୁରକ୍ଷିତ ସାମଗ୍ରୀ ବ୍ୟବହାରର ହାର ମଧ୍ୟ ୭୯.୨ ପ୍ରତିଶତକୁ ବଢ଼ିଛି। ମୁମ୍ବାଇ ସ୍ଥିତ ଜନସଂଖ୍ୟା ବିଜ୍ଞାନ ଆନ୍ତର୍ଜାତୀୟ ସଂସ୍ଥାନ ସହାୟତାରେ ଦେଶର ୭୧୫ଟି ଜିଲ୍ଲାର ପ୍ରାୟ ୬.୭୯ ଲକ୍ଷ ପରିବାରକୁ ନେଇ ଏହି ସର୍ଭେ କରାଯାଇଥିଲା। ଏହି ସଫଳତା ଭାରତର ସାମଗ୍ରିକ ବିକାଶ ଏବଂ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଏକ ସକାରାତ୍ମକ ସଙ୍କେତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରକାଶ କରିଛି। ମାତ୍ର ଏହା ସହିତ ବଦଳୁଥିବା ଜୀବନଶୈଳୀ ଯୋଗୁଁ ସୃଷ୍ଟି ହେଉଥିବା ମେଦବହୁଳତା ଏବଂ ଅଣ-ସଂକ୍ରାମକ ରୋଗ ଭଳି ଆହ୍ୱାନର ମୁକାବିଲା ପାଇଁ ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ଆତଙ୍କବାଦୀ ଆକ୍ରମଣ ଯୋଜନା

ନୂଆଦିଲ୍ଲୀ, ୩୦।୫(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀ ଏବଂ ବାଣିଜ୍ୟିକ ନଗରୀ ମୁମ୍ବାଇ ସମେତ ବିଭିନ୍ନ ପ୍ରମୁଖ ସହରକୁ ରକ୍ତରଞ୍ଜିତ କରିବା ପାଇଁ ରଚାଯାଇଥିବା ଏକ ବଡ଼ ଷଡ଼ଯନ୍ତ୍ରକୁ ପଣ୍ଡ କରିଛି ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍। ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସଆଇ ଏବଂ ମାଫିଆ ଡନ୍ ଦାଉଦ୍ ଇବ୍ରାହିମର ସଙ୍ଗଠନ ସହ ସମ୍ପୃକ୍ତ ଥିବା ୯ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ମାରାତ୍ମକ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି। ପୋଲିସର ସୂଚନା ଅନୁଯାୟୀ, ଏହି ଆତଙ୍କବାଦୀମାନେ ଦେଶର ଅତି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ସୁରକ୍ଷାକର୍ମୀମାନଙ୍କ ଉପରେ ଆତ୍ମଘାତୀ ଆକ୍ରମଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ବିଶେଷ କରି ଜାତୀୟ ପରମାଣୁ କେନ୍ଦ୍ର, ପ୍ରମୁଖ ବିମାନବନ୍ଦର, ରେଳ ଷ୍ଟେସନ ଏବଂ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଗୁଡ଼ିକ ସେମାନଙ୍କର ମୁଖ୍ୟ ଟାର୍ଗେଟରେ ଥିଲା। ଜନଗହଳିପୂର୍ଣ୍ଣ ସ୍ଥାନରେ ଗାଡ଼ି ମାଧ୍ୟମରେ ବିସ୍ଫୋରଣ ଏବଂ ଆଖିବୁଜା ଗୁଳିଚାଳନା କରି ଭୟର ବାତାବରଣ ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଦିଲ୍ଲୀ, ମୁମ୍ବାଇ ଏବଂ ପଞ୍ଜାବର ବାସିନ୍ଦା ରହିଥିବା ବେଳେ କେତେକ ବିଦେଶୀ ନାଗରିକ ମଧ୍ୟ ସାମିଲ ଅଛନ୍ତି। ଏହି ସନ୍ତ୍ରାସବାଦୀ ଗୋଷ୍ଠୀ ଦୀର୍ଘ ଦିନ ଧରି ଗୁପ୍ତଚର ସଂସ୍ଥାର ନଜରରେ ଥିଲେ। ସୀମା ପାର୍ଶ୍ୱରୁ ସେମାନଙ୍କୁ କିପରି ସହାୟତା ମିଳୁଥିଲା, ଏହି ମାଧ୍ୟମ ପାଇଁ କେଉଁଠାରୁ ପାଣ୍ଠି ଯୋଗାଇ ଦିଆଯାଉଥିଲା ଏବଂ ବିଦେଶରେ ବସିଥିବା ମାଷ୍ଟରମାଇଣ୍ଡମାନଙ୍କର ଏଥିରେ କି ଭୂମିକା ରହିଛି, ସେ ନେଇ ବର୍ତ୍ତମାନ ପୋଲିସ ତଦନ୍ତ ଚଳାଇଛି। ଗତ ବର୍ଷ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ହୋଇଥିବା ଭୟଙ୍କର କାର ବିସ୍ଫୋରଣ ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ସେହି ଘଟଣାରେ ଜଣେ କାଶ୍ମୀରୀ ଡାକ୍ତର ଏବଂ କେତେକ ଶିକ୍ଷାନୁଷ୍ଠାନର କର୍ମଚାରୀ ସାମିଲ ଥିଲେ, ଯେଉଁମାନେ ଆଲ-କାଏଦା ଅନୁବନ୍ଧିତ ଆତଙ୍କବାଦୀ ସଙ୍ଗଠନ ଅନସାର ଗଜୱାତ-ଉଲ-ହିନ୍ଦ ସହ ଜଡ଼ିତ ଥିଲେ। ଏହି ନୂତନ ବିପଦକୁ ଦୃଷ୍ଟିରେ ରଖି ଦିଲ୍ଲୀର ସମସ୍ତ ଜିଲ୍ଲା ସୁରକ୍ଷା ୟୁନିଟ୍ ଏବଂ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀକୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକର ସଠିକ୍ ସମୟରେ ପଦକ୍ଷେପ ଯୋଗୁଁ ଭାରତ ଆଜି ଏକ ବଡ଼ ବିପଦରୁ ରକ୍ଷା ପାଇଯାଇଛି। ଏହି ଗିରଫଦାରୀ ସୀମାପାର ମାଫିଆ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଥିବା ଅପବିତ୍ର ମେଣ୍ଟକୁ ପଦାରେ ପକାଇଛି। ଏହି ଆତଙ୍କବାଦୀ ମଡ୍ୟୁଲର ସମ୍ପୂର୍ଣ୍ଣ ଚେର ଖୋଜି ବାହାର କରିବା ପାଇଁ ଦିଲ୍ଲୀ ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଅଧିକ ତଥ୍ୟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।



**ଦାଉଦ ଓ ଆଇଏସଆଇ ସହ ସମ୍ପୃକ୍ତ ୯ ଗିରଫ**

# ଗ୍ରୀନ୍ କାର୍ଡ ନିୟମରେ ଆମେରିକାର ୟୁ ଟର୍ଣ୍ଣ

ୱାସିଂଟନ, ୩୦।୫(ଏଜେନ୍ସି): ଆମେରିକାରେ ଗ୍ରୀନ୍ କାର୍ଡ ବା ସ୍ଥାୟୀ ନାଗରିକତ୍ୱ ପାଇଁ ଆବେଦନ କରୁଥିବା ପ୍ରବାସୀମାନଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଗ୍ରୀନ୍ କାର୍ଡ ପ୍ରକ୍ରିୟା ଚାଲୁଥିବା ସମୟରେ ଅଧିକାଂଶ ଆବେଦନକାରୀଙ୍କୁ ଆମେରିକା ଛାଡ଼ି ନିଜ ଦେଶକୁ ଫେରିବାକୁ ପଡ଼ିବ ନାହିଁ ବୋଲି ଆମେରିକାର ଗୃହ ସୁରକ୍ଷା ବିଭାଗ ସ୍ପଷ୍ଟ କରିଛି। ଏହାପୂର୍ବରୁ ଆସିଥିବା ଏକ ନିୟମକୁ ନେଇ ପ୍ରବାସୀମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଓ ଆଶଙ୍କା ଉପରେ ଏହି ସ୍ପଷ୍ଟୀକରଣ ଦ୍ୱାରା ବିରାମ ଲାଗିଛି। ନିକଟରେ ଆମେରିକା ନାଗରିକତ୍ୱ ଏବଂ ଆପ୍ରବାସନ ସେବା ସଂସ୍ଥାର ଏକ ବିଜ୍ଞପ୍ତି ପରେ ଚର୍ଚ୍ଚା ହେଉଥିଲା ଯେ, ଆବେଦନକାରୀମାନଙ୍କୁ ଗ୍ରୀନ୍ କାର୍ଡ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ନିଜ ଦେଶରେ ରହିବାକୁ ହେବ। ମାତ୍ର ଶୁକ୍ରବାର ଦିନ ଗୃହ ସୁରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ନୀତିରେ କୌଣସି ବଡ଼ ଧରଣର ପରିବର୍ତ୍ତନ କରାଯାଇ ନାହିଁ। କେବଳ ଭିସା ଅବଧି ଶେଷ ହେବା କିମ୍ବା ଅନ୍ୟ କୌଣସି ଆଇନଗତ ସମସ୍ୟା ଥିବା ନିର୍ଦ୍ଦିଷ୍ଟ ମାମଲାରେ ହିଁ ଅଧିକାରୀମାନେ ସ୍ଥିତି ଅନୁଯାୟୀ ନିଷ୍ପତ୍ତି ନେବେ, ଯାହା ପୂର୍ବରୁ ମଧ୍ୟ ପ୍ରଚଳିତ ଥିଲା। ହ୍ୱାଇଟ୍ ହାଉସ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ, ଏହା କୌଣସି ନୂଆ ରଣନୀତି ନୁହେଁ, ବରଂ ଏକ ସାଧାରଣ ପ୍ରଶାସନିକ ପ୍ରକ୍ରିୟା।

**ଆବେଦନକାରୀଙ୍କୁ ଦେଶ ଛାଡ଼ିବାକୁ ପଡ଼ିବ ନାହିଁ**

# ୨୦ ବର୍ଷର ସରକାରୀ ବାସଭବନ ଖାଲି କରିବେ ରାବ୍ରି ଦେବୀ

ପାଟନା, ୩୦।୫(ଏଜେନ୍ସି): ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଧାନ ପରିଷଦର ବିରୋଧୀ ଦଳ ନେତ୍ରୀ ରାବ୍ରି ଦେବୀଙ୍କୁ ପାଟନାସ୍ଥିତ '୧୦, ସର୍କୁଲାର ରୋଡ୍' ସରକାରୀ ବାସଭବନ ଖାଲି କରିବାକୁ ବିହାର ସରକାର ପୁଣି ଥରେ ନୋଟିସ୍ ଜାରି କରିଛନ୍ତି। ୨୦୦୬ ମସିହାରୁ ସେ ଏବଂ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏହି ବାସଭବନରେ ରହିଆସୁଥିଲେ। ଗତ ମେ ୨୯ ତାରିଖରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ଚିଠି ଅନୁଯାୟୀ, ଏହି ଘରଟି ଏବେ ରାଜ୍ୟର ପଶୁସମ୍ପଦ, ମତ୍ସ୍ୟ ଓ ଦୁଗ୍ଧ ସମ୍ପଦ ମନ୍ତ୍ରୀ ନନ୍ଦକିଶୋର ରାମଙ୍କୁ ଆଲଟ୍ କରାଯାଇଛି। ସୂଚନାଯୋଗ୍ୟ ଯେ, ରାବ୍ରି ଦେବୀଙ୍କୁ ପୂର୍ବରୁ '୩୯, ହାର୍ଡିଞ୍ଜ ରୋଡ୍' ବାସଭବନ ଯୋଗାଇ ଦିଆଯାଇଥିଲେ ମଧ୍ୟ ସେ ବର୍ତ୍ତମାନର ଘର ଖାଲି କରିବାକୁ ମନା କରିଦେଇଥିଲେ। ଆରଜେଡି ରାଜ୍ୟ ସଭାପତିଙ୍କ କହିବା ଅନୁସାରେ, ବର୍ତ୍ତମାନର ବାସଭବନରେ ଲିଫ୍ଟ ବ୍ୟବସ୍ଥା ଥିବାରୁ ଅସୁସ୍ଥ ଲାଲୁ ପ୍ରସାଦ ଯାଦବଙ୍କ ପାଇଁ ଏହା ଅଧିକ ସୁବିଧାଜନକ ଥିଲା। ହେଲେ ସରକାରଙ୍କ ଭବନ ନିର୍ମାଣ ବିଭାଗ ଏବେ ଚିଠି ଲେଖି ତୁରନ୍ତ ଏହି ପ୍ରତିଷ୍ଠିତ ବାସଭବନ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛି।

# ଡିକେ ଶିବକୁମାର ନେତା ନିର୍ବାଚିତ

## ୩ରେ ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ

ବେଙ୍ଗାଲୁରୁ, ୩୦।୫(ଏଜେନ୍ସି): କର୍ଣ୍ଣାଟକ ରାଜନୀତିରେ ଏବେ ନୂଆ ଯୁଗରେ ପ୍ରବେଶ କରିବାକୁ ଯାଉଛି। ପ୍ରଦେଶ କଂଗ୍ରେସ ସଭାପତି ତଥା ଉପ-ମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର ଆସନ୍ତା ଜୁନ୍ ୩ ତାରିଖରେ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। କର୍ଣ୍ଣାଟକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଜି. ସି ଚନ୍ଦ୍ରଶେଖର ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଲୋକ ଭବନର ଗ୍ଲାସ୍ ହାଉସ୍‌ଠାରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଜ୍ୟୋତିଷଙ୍କ ପରାମର୍ଶ କ୍ରମେ ଜୁନ୍ ୩ ଅପରାହ୍ନ ୫ଟା ୧୫ ମିନିଟ୍‌ରେ ଏହି ଶପଥ ଗ୍ରହଣ ଅନୁଷ୍ଠିତ ହେବାକୁ ଥିବାବେଳେ ଦଳ ପକ୍ଷରୁ ଏହାକୁ ବେଶ୍ ନିରାଡ଼ମ୍ବର ଭାବେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରେ ଶିବକୁମାର ଜନସାଧାରଣଙ୍କ ଆଶୀର୍ବାଦ ନେବା ପାଇଁ ସାରା ରାଜ୍ୟ ଗସ୍ତ କରିବେ। ସୂଚନାଯୋଗ୍ୟ, ଗତ ମେ ୨୮ ତାରିଖରେ ସିଦ୍ଦରମୈୟା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ କର୍ଣ୍ଣାଟକ କଂଗ୍ରେସ ଶିବିରରେ ରାଜନୈତିକ ହଲଚଲ ଜୋର ଧରିଥିଲା। ବିକଳ୍ପ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ରାଜ୍ୟପାଳ ସିଦ୍ଦରମୈୟାଙ୍କୁ ଦାୟିତ୍ୱ ତୁଲାଇବାକୁ କହିଛନ୍ତି। ଏହି ନିଷ୍ପତ୍ତି ପରେ ଆଜି କଂଗ୍ରେସ ବିଧାୟକ ଦଳ ବୈଠକରେ ଚୂଡ଼ାନ୍ତ ମୋହର ବାଜିବ।



# ୧୪ ବର୍ଷର ଶ୍ରେୟ ଜିତିଲେ ଆମେରିକା ସ୍ପେଲିଂ 'ବି' ମୁକୁଟ




ୱାସିଂଟନ, ୩୦।୫(ଏଜେନ୍ସି): ଆମେରିକାର ସବୁଠାରୁ କଠିନ ପ୍ରତିଯୋଗିତା ମଧ୍ୟରୁ ଅନ୍ୟତମ 'ସ୍କ୍ରିପ୍ସ ନ୍ୟାସନାଲ ସ୍ପେଲିଂ ବି' ଜିତି ଭାରତୀୟ ବଂଶୋଦ୍ଭବ ଛାତ୍ର ଶ୍ରେୟ ପାରିଖ ଇତିହାସ ରଚିଛନ୍ତି। କାଲିଫର୍ଣ୍ଣିଆର ଏହି ୧୪ ବର୍ଷର ଅଷ୍ଟମ ଶ୍ରେଣୀ ଛାତ୍ର ମାତ୍ର ୯୦ ସେକେଣ୍ଡରେ ୩୨ଟି ଶବ୍ଦର ସଠିକ ବନାନ (ଅକ୍ଷର ବିନ୍ୟାସ) କରି ବିଶ୍ୱ ଚାମ୍ପିଅନ ହୋଇଛନ୍ତି। ସେ ନ୍ୟୁଜର୍ସିର ୧୨ ବର୍ଷର ଇଶାନ ଗୁପ୍ତାଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ବିଜେତା ଭାବେ ଶ୍ରେୟଙ୍କୁ ସମ୍ମାନଜନକ ରୌପ୍ୟ କପ୍ ସହ ୫୦ ହଜାର ଆମେରିକୀୟ ଡଲାର (ପ୍ରାୟ ୪୧ ଲକ୍ଷରୁ ଅଧିକ ଟଙ୍କା) ପୁରସ୍କାର ମିଳିଛି। ନିୟମ ଅନୁଯାୟୀ, ଅଷ୍ଟମ ଶ୍ରେଣୀ ପରେ ଏହି ପ୍ରତିଯୋଗିତାରେ ଭାଗ ନେଇ ହେଉ ନଥିବାରୁ ଶ୍ରେୟଙ୍କ ପାଇଁ ଏହା ଶେଷ ସୁଯୋଗ ଥିଲା। ଚଳିତ ବର୍ଷ ପ୍ରତିଯୋଗିତା ଏତେ ସଂଘର୍ଷପୂର୍ଣ୍ଣ ଥିଲା ଯେ ୯ମ ପର୍ଯ୍ୟାୟ ପରେ ମଧ୍ୟ କେହି ବିଜେତା ଜଣାପଡ଼ି ନଥିଲେ। ଶ୍ରେୟ 'ଫିଲେପିଟା' ଓ ଇଶାନ 'ଅର୍ଟେବୋଲେ' ଶବ୍ଦର ସଠିକ ବନାନ କରିବା ପରେ ବିଚାରକମାନେ ନିର୍ଣ୍ଣାୟକ ପର୍ଯ୍ୟାୟର ସାହାଯ୍ୟ ନେଇଥିଲେ। ଏହି ବିଶେଷ ପର୍ଯ୍ୟାୟରେ ଏକ ସମୟ ମଧ୍ୟରେ ସବୁଠାରୁ ଅଧିକ ଶବ୍ଦ କହିବାର ଥାଏ। ଏଥିରେ ଶ୍ରେୟ ୩୫ଟି ଶବ୍ଦରୁ ୩୨ଟିର ସଠିକ ବନାନ କରି ନୂଆ ବିଶ୍ୱ ରେକର୍ଡ କରିଥିବା ବେଳେ ଇଶାନ ୨୫ଟି ସଠିକ ଶବ୍ଦ କହି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ କ୍ରମାଗତ ପଞ୍ଚମ ଥର ପାଇଁ ଜଣେ ଭାରତୀୟ ବଂଶୋଦ୍ଭବ ଛାତ୍ର ବିଜୟୀ ହୋଇଛନ୍ତି। ଗତ ଚାରି ବର୍ଷରେ ଯଥାକ୍ରମେ ହରିଣୀ ଲୋଗାନ (୨୦୨୨), ଦେବ ଶାହା (୨୦୨୩), ବୃହତ ସୋମା (୨୦୨୪) ଏବଂ ଫୈଜାନ ଜାକି (୨୦୨୫) ଏହି ମୁକୁଟ ଜିତିଥିଲେ। ଶେଷ ୩୭ଟି ସଂସ୍କରଣ ମଧ୍ୟରୁ ୩୧ ଥର ଭାରତୀୟ ବଂଶୋଦ୍ଭବ ପିଲାମାନେ ହିଁ ଏହି ପ୍ରତିଯୋଗିତା ଜିତି ଆସୁଛନ୍ତି। ବାଲୁ ନଟରାଜନ ୧୯୮୫ ମସିହାରେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଏହି ଗୌରବ ଆଣିଥିଲେ। ୧୯୨୫ ମସିହାରେ ମାତ୍ର ୯ ଜଣ ପିଲାଙ୍କୁ ନେଇ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା।

# ଖସିଲା ଆଫଗାନ୍ ଟ୍ରକ୍; ୨୨ ଶରଣାର୍ଥୀ ମୃତ

କାବୁଲ, ୩୦।୫(ଏଜେନ୍ସି): ପାକିସ୍ତାନରୁ ନିଜ ଦେଶକୁ ଫେରୁଥିବା ଆଫଗାନ ଶରଣାର୍ଥୀଙ୍କ ଏକ ଟ୍ରକ ଶନିବାର ପୂର୍ବାଞ୍ଚଳ ଆଫଗାନିସ୍ତାନର ଏକ ଜାତୀୟ ରାଜପଥରେ ଓଲଟି ପଡ଼ିବାରୁ ଅତିକମରେ ୨୨ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ପ୍ରାୟ ୩୬ ଜଣ ଆହତ ହୋଇଛନ୍ତି। ଆହତ ଓ ମୃତକଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ରହିଛନ୍ତି। ରାଜ୍ୟପାଳଙ୍କ ମୁଖପାତ୍ର ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ଲାଗମାନ ପ୍ରଦେଶର କାବୁଲ-ନଙ୍ଗରହାର ରାଜପଥରେ ଏହି ଦୁର୍ଘଟଣା ଘଟିଛି। ଗାଡ଼ି ଚଳାଉଥିବା ସମୟରେ ଚାଳକଙ୍କୁ ନିଦ ଆସିଯିବାରୁ ଟ୍ରକଟି ନିୟନ୍ତ୍ରଣ ହରାଇ ଏକ ଗଭୀର ଖାତକୁ ଖସି ପଡ଼ିଥିଲା। ମୃତକଙ୍କ ମଧ୍ୟରେ ୧୦ ଜଣ ଶିଶୁ ଏବଂ ୫ ଜଣ ମହିଳା ସାମିଲ ଅଛନ୍ତି। ସମସ୍ତ ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ନଙ୍ଗରହାରର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଯାତ୍ରୀମାନେ ସେହି ହଜାର ହଜାର ଆଫଗାନିସ୍ତାନ ନାଗରିକଙ୍କ ମଧ୍ୟରୁ ଜଣେ ଥିଲେ, ଯେଉଁମାନେ ପାକିସ୍ତାନ ସରକାରଙ୍କ କଡ଼ା ଆଇନ ଯୋଗୁଁ ନିକଟରେ ନିଜ ଦେଶକୁ ଫେରୁଥିଲେ। ଖରାପ ରାସ୍ତାଘାଟ ଏବଂ ଗାଡ଼ି ଚାଳକଙ୍କ ବେପରୁଆ ନିୟମ ଉଲ୍ଲଂଘନ ଯୋଗୁଁ ଆଫଗାନିସ୍ତାନରେ ଏଭଳି ସଡ଼କ ଦୁର୍ଘଟଣା ସାଧାରଣ କଥା ହୋଇଯାଇଛି। ଅନ୍ୟ ଏକ ସେହିଭଳି ଦୁର୍ଘଟଣାରେ ନୁରିସ୍ତାନ ପ୍ରଦେଶରେ ଏକ କାର ନଦୀକୁ ଖସିପଡ଼ିବାରୁ ୪ ଜଣ ଯାତ୍ରୀ ନିଖୋଜ ଥିବା ସୂଚନା ମିଳିଛି।

# କେରଳ, କର୍ଣ୍ଣାଟକ ଓ ତାମିଲନାଡୁରେ ଏନ୍‌ଆଇଏ ଚଢ଼ଉ

ନୂଆଦିଲ୍ଲୀ, ୩୦।୫(ଏଜେନ୍ସି): କେରଳର ମାଲାପୁରମ୍ ଅଞ୍ଚଳରୁ ବିପୁଳ ପରିମାଣର ବେଆଇନ ବିସ୍ଫୋରକ ଜବତ ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଶନିବାର ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ମାମଲାର ଯୋଗାଣ ଶୃଙ୍ଖଳା ଓ ଆନ୍ତଃରାଜ୍ୟ ନେଟୱର୍କର ପର୍ଦ୍ଦାଫାଶ କରିବା ପାଇଁ ଏନଆଇଏ ପକ୍ଷରୁ କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁର ୧୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। କେରଳର ମାଲାପୁରମ୍‌ରେ ଥିବା ଏକ ଗୋଦାମ ଏବଂ ଜଣେ ଟ୍ରକ୍ ମାଲିକଙ୍କ ଘରେ ମଧ୍ୟ ଏହି ସର୍ଚ୍ଚ ଅପରେସନ କରାଯାଇଛି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଫେବୃଆରୀ ୭ ତାରିଖରେ ମାଲାପୁରମ୍‌ର ଚେମ୍ମାଡ୍‌ଠାରେ ପୋଲିସ ଏକ ପିଆଜ ବୋଝେଇ ଟ୍ରକ୍‌ରୁ ୪୪୮ଟି ବାକ୍ସରେ ଲୁଚାଇ ରଖାଯାଇଥିବା ୮୯, ୬୦୦ଟି ଜେଲାଟିନ୍ ଷ୍ଟିକ ଏବଂ ୧୦, ୫୦୦ଟି ଡେଟୋନେଟର ଜବତ କରିଥିଲା। ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା ଯେ ଏହି ବିସ୍ଫୋରକ ସାମଗ୍ରୀ କର୍ଣ୍ଣାଟକର ବିଜାପୁର (ବିଜୟପୁରା)ରୁ ଅଣାଯାଇଥିଲା ଏବଂ ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଥିଲା। ବିସ୍ଫୋରକର ବିପୁଳ ପରିମାଣ ଏବଂ ସୁରକ୍ଷା ପ୍ରତି ଥିବା ବିପଦକୁ ଦୃଷ୍ଟିରେ ରଖି ଏନଆଇଏ କେରଳ ପୋଲିସଠାରୁ ଏହି ମାମଲାର ତଦନ୍ତ ଭାର ନିଜ ହାତକୁ ନେଇଥିଲା। ବର୍ତ୍ତମାନ ଏହି ବିସ୍ଫୋରକ ବେଆଇନ ଖଣି ଖନନ ପାଇଁ ଉଦ୍ଦିଷ୍ଟ ଥିଲା ନା କୌଣସି ବେଆଇନ ଉଗ୍ରବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର ହେବାର ଥିଲା, ସେ ନେଇ ଏନଆଇଏ ତଦନ୍ତ ଚଳାଇଛି।



ତାଜମହଲ ପରିଭ୍ରମଣରେ ସ୍ୱାମୀ ମାଇକେଲ୍ ବୋଲୋସ୍‌ଙ୍କ ସହ ଡୋନାଲ୍ଡ ଟ୍ରମ୍ପଙ୍କ ଝିଅ ଟିଫନି ଟ୍ରମ୍ପ

# ବାଲ୍ୟ ବିବାହରେ ପଶ୍ଚିମବଙ୍ଗ ନମ୍ବର-୧

ନୂଆଦିଲ୍ଲୀ, ୩୦।୫(ଏଜେନ୍ସି): ଦେଶର ଜନସଂଖ୍ୟା, ସ୍ୱାସ୍ଥ୍ୟ, ପୋଷଣ ଏବଂ ପରିବାର କଲ୍ୟାଣ ସମ୍ପର୍କିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (୨୦୨୩–୨୪)ର ଷଷ୍ଠ ସଂସ୍କରଣ ରିପୋର୍ଟ ଶୁକ୍ରବାର ଦିନ ପ୍ରକାଶ ପାଇଛି। ବାଲ୍ୟ ବିବାହ କ୍ଷେତ୍ରରେ କେରଳ ସବୁଠାରୁ ସୁରକ୍ଷିତ (୨.୯%) ଥିବା ବେଳେ ପଶ୍ଚିମବଙ୍ଗ (୩୬.୪%) ଶୀର୍ଷରେ ରହିଛି। ସେହିପରି ବିହାର (୩୪.୬%)ର ସ୍ଥିତି ମଧ୍ୟ ଖରାପ ରହିଛି। ଦେଶର ୭୧୫ଟି ଜିଲ୍ଲାର ପ୍ରାୟ ୬.୭୯ ଲକ୍ଷ ପରିବାରକୁ ନେଇ କରାଯାଇଥିବା ଏହି ସର୍ଭେରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଦେଶରେ ଘରୋଇ ହିଂସା ଏବଂ ବାଲ୍ୟ ବିବାହ ମାମଲାରେ ହ୍ରାସ ଘଟିଥିବା ବେଳେ ମହିଳାଙ୍କ ମଧ୍ୟରେ ମେଦବହୁଳତା ବୃଦ୍ଧି ପାଇଛି। ନୂତନ ସର୍ଭେ ଅନୁଯାୟୀ, ଦେଶର ଅଧିକାଂଶ ପରିବାର ନିକଟରେ ମୌଳିକ ସୁବିଧା ପହଞ୍ଚିପାରିଛି। ଦେଶର ୯୮.୩% ଗ୍ରାହକଙ୍କ ସେବା ପାଇଁ ବିଦ୍ୟୁତ ସଂଯୋଗ ପହଞ୍ଚିଥିବା ବେଳେ ୯୬.୫% ଘରେ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ ହେଉଛି। ମହିଳାଙ୍କ ମଧ୍ୟରେ ଇଣ୍ଟରନେଟ୍ ବ୍ୟବହାର ପ୍ରାୟ ଦୁଇଗୁଣ ବୃଦ୍ଧି ପାଇ ୬୪.୩% ରେ ପହଞ୍ଚିଛି। ଦେଶରେ ଘରୋଇ ହିଂସା ହାର ୨୯.୨% ରୁ ହ୍ରାସ ପାଇ ୨.୩% ହୋଇଛି। ସେହିପରି ବାଲ୍ୟ ବିବାହ ହାର ମଧ୍ୟ ୨୩.୩% ରୁ କମି ୨୦.୧% ହୋଇଛି। କାର୍ଯ୍ୟରତ ମହିଳାଙ୍କ ସଂଖ୍ୟା ୨୫.୪% ରୁ ବୃଦ୍ଧି ପାଇ ୩୦.୮% ହୋଇଛି। ଏଥିସହ ପ୍ରାୟ ୧୮.୮% ପରିବାରରେ ମହିଳାମାନେ ନିଜ ନାମରେ ଘର କିମ୍ବା ଜମିର ମାଲିକାନା ପାଇଛନ୍ତି। ରିପୋର୍ଟରୁ ଜଣାପଡ଼ିଛି ଯେ, ବେସରକାରୀ ଚିକିତ୍ସାଳୟଗୁଡ଼ିକରେ ଅସ୍ତ୍ରୋପଚାର ପ୍ରସବ ସଂଖ୍ୟା ରେକର୍ଡ ସ୍ତରକୁ ଛୁଇଁ ପ୍ରାୟ ୫୪.୧% ହୋଇଛି। ଅପରପକ୍ଷେ, ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ପାନ କରୁଥିବା ଶିଶୁଙ୍କ ହାର ୬୩.୭% ରୁ ହ୍ରାସ ପାଇ ୫୫.୮% ହୋଇଯାଇଛି। କୁପୋଷଣ ଯୋଗୁଁ ଶିଶୁମାନଙ୍କର ଉଚ୍ଚତା ନ ବଢ଼ିବା ହାର ୩୫.୫% ରୁ କମି ୨୯.୩% ହୋଇଛି, ଯାହା ଏକ ସକାରାତ୍ମକ ସଙ୍କେତ। ତେବେ ୬ ମାସରୁ ୨ ବର୍ଷର ଶିଶୁଙ୍କ ମଧ୍ୟରୁ ମାତ୍ର ୧୫.୩% ଶିଶୁଙ୍କୁ ହିଁ ସଠିକ୍ ଓ ସନ୍ତୁଳିତ ଆହାର ମିଳୁଛି।

**ମହାନଦୀ ଜଳ ବିବାଦ: ଆପୋସ ସମାଧାନ ଦିଗରେ ଟ୍ରିପଲ୍ ଇଂଜିନ**

# କେତେ ସାଧିତ ହେବ ଓଡ଼ିଶାର ସ୍ୱାର୍ଥ

- ଟ୍ରିବ୍ୟୁନାଲ ନିକଟରେ ଓଡ଼ିଶାର ତଥ୍ୟ ଭ୍ରମାତ୍ମକ
- ୧୫ ପ୍ରସଙ୍ଗ ମଧ୍ୟରୁ ୧୨ଟିରେ ସହମତି ପ୍ରକାଶ

ଭୁବନେଶ୍ୱର,୩୦।୫(ସମିସ): ଶୁଖିଲା ପଡ଼ିଛି ମହାନଦୀ। ଛତିଶଗଡ଼ ସରକାରଙ୍କ ମନୋମୁଖୀ ଯୋଗୁ ଖରାଦିନେ ଓଡ଼ିଶା ପଟେ ମହାନଦୀରେ ପାଣି ଟୋପାଏ ନାହିଁ। ଓଡ଼ିଶାର ଅଧିକାଂଶ ଅଞ୍ଚଳରେ ଉତ୍କଟ ଜଳାଭାବ। ସେପଟେ ମହାନଦୀ ଜଳବିବାଦ ସମାଧାନ ଆଶା ଉଜ୍ୱଳ ବୋଲି ଦାବି କରିଛନ୍ତି ଆଡ୍‌ଭୋକେଟ ଜେନେରାଲ। ଶନିବାର ମହାନଦୀ ଟ୍ରିବ୍ୟୁନାଲରେ ଓଡ଼ିଶା-ଛତିଶଗଡ଼ ଜଳ ବିବାଦ ଶୁଣାଣି ବେଳେ ୧୫ଟି ବିବାଦୀୟ ପ୍ରସଙ୍ଗରୁ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଭିତରେ ଆଲୋଚନା ମାଧ୍ୟମରେ ୧୨ଟି ବିବାଦୀୟ ବିନ୍ଦୁ ଉପରେ ସହମତି ପ୍ରକାଶ ପାଇଥିବା ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି। ହେଲେ ଏହି ଆପୋସ ଆଲୋଚନାକୁ ସରକାର ନିଜର ବିଜୟ ବୋଲି ପ୍ରଦର୍ଶନ କରିବାକୁ ଚାହୁଁଥିବା ବେଳେ ରାଜ୍ୟର ଜଳ ବିଶେଷଜ୍ଞମାନେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଆପୋସ ଆଲୋଚନା ସୂତ୍ରରୁ ଓଡ଼ିଶାର ସ୍ୱାର୍ଥ କେତେ ସାଧିତ ହେବ ବୋଲି ପ୍ରଶ୍ନ ଉଠିଛି।

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ କୁହାଯାଇଛି, ଚଳିତ ମେ' ୨ ତାରିଖରେ ଟ୍ରିବ୍ୟୁନାଲର ଶୁଣାଣି ସମୟରେ ଉଭୟ ଛତିଶଗଡ଼ ଓ ଓଡିଶା ପକ୍ଷରୁ ମହାନଦୀରେ କେତେ ପାଣି ଉପଲବ୍ଧ ସେ ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପିତ ହୋଇଛି। ଏହି ତଥ୍ୟ ଅତ୍ୟନ୍ତ ବିଭ୍ରାନ୍ତିକର ବୋଲି ସଂଗଠନ କହିଛି। ଏହି ତଥ୍ୟ ସୂଚାଏ ଯେ ମହାନଦୀରେ ପ୍ରଚୁର ପାଣି ରହିଛି ଓ ଛତିଶଗଡ଼ ସହିତ ବିବାଦର କୌଣସି କାରଣ ନାହିଁ। ଏହି ତଥ୍ୟ ଓଡ଼ିଶାର ସ୍ୱାର୍ଥର ପରିପନ୍ଥୀ ଏବଂ ଓଡିଶା ପାଇଁ ଆତ୍ମଘାତୀ ସଦୃଶ। ଛତିଶଗଡ଼ ସହିତ ଚାଲି ଆସିଥିବା ଜଳ ବିବାଦର ସମାଧାନ ପୂର୍ବରୁ ଛତିଶଗଡ଼ ନିକଟରେ ଏହା ଓଡ଼ିଶାର ସମର୍ପଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସଂଗଠନ କହିଛି। ଟ୍ରିବ୍ୟୁନାଲ ନିକଟରେ ଦାଖଲ ହୋଇଥିବା ତଥ୍ୟକୁ ପୁନର୍ବିଚାର କରାଯିବା ଜରୁରୀ; ନ ଚେତ ଟ୍ରିବ୍ୟୁନାଲରେ ଓଡ଼ିଶାର ପରାଜୟ ସୁନିଶ୍ଚିତ ବୋଲି ସଂଗଠନ ଆବାହକ ସୁଦର୍ଶନ ଦାସ କହିଛନ୍ତି।

ଦୀର୍ଘ ୮ ବର୍ଷ ହେବ ମହାନଦୀ ମାମଲା ଟ୍ରିବ୍ୟୁନାଲରେ ପଡ଼ି ରହିଥିଲେ ବି ଓଡ଼ିଶା ଅଣମୌସୁମୀ ଋତୁରେ ଜଳକଷ୍ଟ ଭୋଗି ଆସୁଛି। ହେଲେ ଟ୍ରିବ୍ୟୁନାଲ ଓଡ଼ିଶା ସ୍ୱାର୍ଥରେ ଥରୁଟିଏ ବି ଅନ୍ତରୀଣ ଆଦେଶ ଦେଇପାରିଲେନି ମହାନଦୀ ବଞ୍ଚାଅ ଆନ୍ଦୋଳନ କହିଛି। ଯାହାକୁ ନେଇ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ସଂଗଠନ ପକ୍ଷରୁ ବାଲି ସତ୍ୟାଗ୍ରହ କରଯାଇଛି। ଭାରତର ଜଳ ମାନବ ଡଃ ରାଜେନ୍ଦ୍ର ସିଂ ଓଡ଼ିଶା ଗସ୍ତରେ ଆସି ଏହି ସତ୍ୟାଗ୍ରହରେ ଯୋଗ ଦେଇଛନ୍ତି। ଏହାସହିତ ମହାନଦୀ ବଞ୍ଚାଅ ଆନ୍ଦୋଳନ ଅଭିଯୋଗ କରିଛି ମହାନଦୀ ବିବାଦ ସମାଧାନ ନେଇ ଓଡ଼ିଶା ସରକାର ଯେଉଁ ମନ୍ତ୍ରୀ ସ୍ତରୀୟ କମିଟି ଗଠନ କଲେ ସେଇ କମିଟି ଏ ପର୍ଯ୍ୟନ୍ତ ଛତିଶଗଡ଼ ଗସ୍ତ କଲା କି ନ କଲା କେହି ଜାଣିପାରୁ ନାହାନ୍ତି।

ସେପଟେ ଆଡ୍‌ଭୋକେଟ ଜେନେରାଲ ଦାବି କରିଛନ୍ତି କି ଏଣିକି ଟ୍ରିବ୍ୟୁନାଲରେ ମାମଲାର ଶୁଣାଣି ତ୍ୱରାନ୍ୱିତ ହେଉଛି। ଯେଉଁଥିପାଇଁ ଶୁଣାଣି ତାରିଖ କମ୍ ଅବଧିରେ ଘନ ଘନ ଧାର୍ଯ୍ୟ କରୁଛନ୍ତି ଟ୍ରିବ୍ୟୁନାଲ। ଓଡ଼ିଶା ଓ ଛତିଶଗଡ଼ ପକ୍ଷରୁ ଦାୟର ହୋଇଥିବା ଯୁଗ୍ମ ସତ୍ୟପାଠ ଉପରେ ଟ୍ରିବ୍ୟୁନାଲ ସନ୍ତୋଷ ପ୍ରକାଶ କରିଛନ୍ତି। ଏଥିରୁ ଖୁବ୍‌ଶୀଘ୍ର ଉଭୟ ରାଜ୍ୟରଅଧିକାରୀ ଓ ମନ୍ତ୍ରୀସ୍ତରୀୟକମିଟି ଜରିଆରେ ଆପୋସ ସମାଧାନର ରାସ୍ତା ବାହାରିବ ବୋଲି ଶ୍ରୀ ଆଚାର୍ଯ୍ୟ ଆଶାବ୍ୟକ୍ତ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁନ ୬ ତାରିଖରେ ଧାର୍ଯ୍ୟ ହୋଇଛି।

**ମହାନଦୀ ଜଳ ବଣ୍ଟନ ସମସ୍ୟା**

# ନବୀନଙ୍କୁ ଭେଟିଲେ ଜଳ ମାନବ ରାଜେନ୍ଦ୍ର ସିଂ

## ଓଡ଼ିଶାର ସ୍ୱାର୍ଥ ହାନି ହେବାକୁ ଦେବ ନାହିଁ ବିଜେଡି: ନବୀନ



ଭୁବନେଶ୍ୱର,୩୦।୫(ସମିସ): ବିଶିଷ୍ଟ ପରିବେଶବିତ୍ ତଥା ଜଳ ମାନବ ଡଃ ରାଜେନ୍ଦ୍ର ସିଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଶନିବାର ସନ୍ଧ୍ୟାରେ ନବୀନ ନିବାସରେ ଡଃ ସିଂ ନବୀନଙ୍କୁ ସାକ୍ଷାତ କରି ମହାନଦୀ ଜଳ ବଣ୍ଟନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ବିଜୁ ଜନତା ଦଳ କୌଣସି ପରିସ୍ଥିତିରେ ମହାନଦୀ ଜଳ ବଣ୍ଟନରେ ଓଡ଼ିଶାରେ ସ୍ୱାର୍ଥ ହାନୀ ହେବାକୁ ଦେବ ନାହିଁ ଏବଂ ଲଢ଼େଇ ଜାରୀ ରହିବ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ଏହି ଆଲୋଚନାରେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ମହାନଦୀ କମିଟିର ସଦସ୍ୟ ନିରଞ୍ଜନ ପୂଜାରୀ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମହାନଦୀରେ ବାଲି ସତ୍ୟାଗ୍ରହ

**ଯୋଗଦେଲେ ଜଳ ପୁରୁଷ ଡ. ରାଜେନ୍ଦ୍ର ସିଂହ**

କଟକ,୩୦।୫(ସମିସ): ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଆଜି କଟକର ଯୋବ୍ରା ଆନିକଟସ୍ଥିତ ଛିନ୍ନମସ୍ତା ଘାଟ ନିକଟରେ ବାଲି ସତ୍ୟାଗ୍ରହ କରାଯାଇଛି। ଟ୍ରିବ୍ୟୁନାଲ ନିକଟରେ ଦାଖଲ ହୋଇଥିବା ମହାନଦୀରେ ଉପଲବ୍ଧ ଜଳରାଶିର ବିଭ୍ରାନ୍ତିକର ତଥ୍ୟକୁ ପ୍ରତ୍ୟାହାର, କଲମା ବ୍ୟାରେଜ ଗେଟଗୁଡିକୁ ଖୋଲା ରଖି ଖରାଦିନେ ଓଡ଼ିଶାକୁ ପାଣି ଛାଡ଼ିବା ଓ ଛତିଶଗଡ଼ରେ ବେଆଇନ ଭାବରେ ନିର୍ମିତ ଜଳ ପ୍ରକଳ୍ପଗୁଡିକୁ ଅସିଦ୍ଧ ଘୋଷଣା ଇତ୍ୟାଦି ଦାବି ନେଇ ଏହି ବାଲି ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା।

ଏହି ବାଲି ସତ୍ୟାଗ୍ରହରେ ଯୋଗ ଦେଇ ଜଳ ପୁରୁଷ ଡ. ରାଜେନ୍ଦ୍ର ସିଂହ କହିଲେ ଯେ ଟ୍ରିବ୍ୟୁନାଲରେ ଯେଉଁ ତଥ୍ୟ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଯୁଗ୍ମ ବୈଷୟିକ କମିଟି ଦେଇଛନ୍ତି ତାହା ଓଡ଼ିଶା ଓ ମହାନଦୀ ପ୍ରତି ବିଶ୍ୱାସଘାତକତା। ଏଭଳି ତଥ୍ୟ ଓଡିଶାକୁ ତାର ଅଧିକାର ପାଇବା କ୍ଷେତ୍ରରେ ବାଧା ସୃଷ୍ଟି କରିବା ସହ ମହାନଦୀ ମଧ୍ୟ ତାରଅଧିକାର ହରାଇବ। ଛତିଶଗଡ଼ ବେଆଇନ ଭାବରେ ଯେଉଁ ନଦୀ ଜଳ ପ୍ରକଳ୍ପ କରିଛି ସେଗୁଡିକୁ କାର୍ଯ୍ୟକ୍ଷମ ନ କରିବା ପାଇଁ ସେ ଦାବି କରିଥିଲେ। ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଲେ ଯେ ଗ୍ରୀଷ୍ମ ଋତୁରେ ଆମେ ଜଳ କଷ୍ଟ ଭୋଗୁଛୁ। କଟକର




ବିଭିନ୍ନ ସ୍ଥାନରୁ ଶତାଧିକ ଲୋକ ଆଜିର ବାଲି ସତ୍ୟାଗ୍ରହରେ ଯୋଗ ଦେଇଥିଲେ। କଟକ ସଦର ବିକାଶ ମଞ୍ଚ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲା। ଏହାର ସଭାପତି ପ୍ରବୋଧ ବେହେରାଙ୍କ ସମେତ ସର୍ବଶ୍ରୀ ଦେବେନ୍ଦ୍ର ସୁରାର, ମନୋଜ ପତି, ଦୀପକ ସାମନ୍ତରାୟ, ହରିବନ୍ଧୁ ଶତପଥୀ, ରମାକାନ୍ତ ମଣ୍ଡଳ, ପ୍ରସନ୍ନ ବିଶୋଇ, ବିଜ୍ଞାନ ଭୂୟାଁ, ବୈକୁଣ୍ଠ ସ୍ୱାଇଁ, ନିଗମ ପଣ୍ଡା, ରେହେମନ ଖାଁ ପ୍ରମୁଖ ଯୋଗ ଦେଇଥିଲେ।

# ବୟସ୍କଙ୍କୁ ଭତ୍ତା ଦେବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ

- ୨ ମାସ ହେଲା ଭତ୍ତା ଦେବାରେ ଅସମର୍ଥ ବିଜେପି ସରକାର
- ନିର୍ଦ୍ଦିଷ୍ଟ ଦିନରେ ଘର ପାଖରେ ଭତ୍ତା ପହଞ୍ଚାଉଥିଲା ବିଜେଡି ସରକାର
- ଧାଡ଼ିରେ ଛିଡ଼ା ହୋଇ ହନ୍ତସନ୍ତ ହେଉଛନ୍ତି ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅସହାୟ

ଭୁବନେଶ୍ୱର,୩୦।୫(ସମିସ): ରାଜ୍ୟର ବୟସ୍କ, ଭିନ୍ନକ୍ଷମ ଓ ବିଧବା ମାନଙ୍କୁ ୨ ମାସ ହେଲା ଭତ୍ତା ପ୍ରଦାନ ନ କରି ହନ୍ତସନ୍ତ କରୁଛନ୍ତି ରାଜ୍ୟ ସରକାର। ପ୍ରତିଦିନ ଭତ୍ତା ପାଇବା ପାଇଁ ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଗରେ ଧାଡ଼ିରେ ଛିଡ଼ା ହୋଇ ହିତାଧିକାରୀମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବା କହି ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ନୟାଗଡ଼ ବିଧାୟକ ଡଃ ଅରୁଣ ସାହୁ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ଦଳର ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ବିଜେପି ସରକାରକୁ ଆସିବା ପରେ ସବୁ କ୍ଷେତ୍ରରେ ଲୋକଙ୍କୁ ଧାଡ଼ିରେ ଛିଡ଼ା କରାଉଛି। ବୟସ୍କଙ୍କୁ ଧାଡ଼ିରେ ଛିଡ଼ା କରାଇ ସରକାର ତାଙ୍କୁ ଯେଉଁ ଯନ୍ତ୍ରଣା ଦେଉଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ।

ଡଃ ଅରୁଣ ସାହୁ କହିଥିଲେ, ଡିଜିଟାଲ ଇଣ୍ଡିଆର ବାହାବାହା ନେଉଥିବା ଡବଲ ଇଞ୍ଜିନ ସରକାର ଅସହାୟ ମାନଙ୍କୁ ଆକାଉଣ୍ଟ ମାଧ୍ୟମରେ କି ଘର ପାଖରେ ଭତ୍ତା ଦେଇପାରୁନି। ସରକାରୀ ସ୍କୁଲ ଛାତ୍ରଛାତ୍ରୀ ୟୁନିଫର୍ମ ପାଇପାରୁ ନାହାନ୍ତି। ସରକାରୀ କର୍ମଚାରୀ ଠିକ୍ ସମୟରେ ଦରମା ପାଉନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। କିନ୍ତୁ ବର୍ତ୍ତମାନର ବାହାପିଆ ବିଜେପି ସରକାର ବୟସ୍କଙ୍କୁ ଖର୍ଚ୍ଚାନ୍ତ କରାଇ ଧାଡ଼ିରେ ଛିଡ଼ା କରାଉଛନ୍ତି। ପ୍ରମିଳା ମଲ୍ଲିକ ମଧ୍ୟ ସରକାରଙ୍କୁ କଠୋର ସମାଲୋଚନା କରି କହିଥିଲେ, ପ୍ରଚାର ସର୍ବସ୍ୱ ରାଜ୍ୟ ସରକାର ନବୀନ ପଟ୍ଟନାୟକଙ୍କ



ସବୁ ଯୋଜନାର ରଙ୍ଗ ଓ ନାମ ପରିବର୍ତ୍ତନ କରିଚାଲିଛନ୍ତି। ପ୍ରତି ମାସର ୧୫ ତାରିଖ ପୂର୍ବରୁ ହିତାଧିକାରୀ ମାନଙ୍କ ଘରେ ଭତ୍ତା ପହଞ୍ଚାଇବାର ଯେଉଁ ବ୍ୟବସ୍ଥା ନବୀନ ବାବୁ କରିଥିଲେ, ସେ ବ୍ୟବସ୍ଥାକୁ ସରକାର ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ନବୀନ ବାବୁ ଭତ୍ତାର ପରିମାଣ ୩୦୦ ଟଙ୍କାରୁ ବୃଦ୍ଧି କରି ୧୦୦୦ ଟଙ୍କା କରିଥିଲେ। ମଧୁବାବୁ ପେନସନ ଯୋଜନାରେ ୧୨ ଲକ୍ଷରୁ ୩୮ ଲକ୍ଷ ଲୋକଙ୍କୁ ସାମିଲ କରିଥିଲେ। କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିଲା ପରେ ବୟସ୍କ ମାନଙ୍କୁ ଏଭଳି ଡହଳବିକଳ କରି କି ଆନନ୍ଦ ପାଉଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଥିଲେ।

ଗୌତମବୁଦ୍ଧ ଦାସ କହିଥିଲେ, ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ପ୍ରତିଟି ଜୀବନ ମୂଲ୍ୟବାନ। ପ୍ରତ୍ୟେକ ମଣିଷର ବଞ୍ଚିବାର ଅଧିକାର ଅଛି। ତାଙ୍କ ଶାସନ ସମୟରେ ହୋଇଥିବା ବିଭିନ୍ନ ଯୋଜନା ମଧ୍ୟରୁ ମଧୁବାବୁ ପେନସନ ଯୋଜନା ଏକ ଉଲ୍ଲେଖନୀୟ ଯୋଜନା। କିନ୍ତୁ ଯେବେଠୁ ବିଜେପି ସରକାରକୁ ଆସିଛି, ସେବେଠୁ ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ଅସହାୟ ମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପଞ୍ଚାୟତ ଅଫିସ୍, ବ୍ୟାଙ୍କ ଆଗରେ ଯେଉଁପରି ଅସହାୟ ଅବସ୍ଥାରେ ହିତାଧିକାରୀ ବସୁଛନ୍ତି ତାହା ସମଗ୍ର ରାଜ୍ୟବାସୀଙ୍କୁ ବିଚଳିତ କରୁଛି। ଏ ସରକାର ପାଖରେ ସମ୍ବେଦନଶୀଳତା ବୋଲି କିଛି ନାହିଁ। ଲାଗୁଛି ସରକାର ଏବେ ଦେବାଳିଆ ହୋଇଗଲେଣି। ୨୦୦୦ ମସିହା ପୂର୍ବରୁ ସରକାରୀ କର୍ମଚାରୀଙ୍କୁ ଦରମା ଦେବା ପାଇଁ ତତ୍କାଳୀନ ସରକାର ଓଭରଡ୍ରାଫ୍ଟ କରୁଥିଲେ। ବର୍ତ୍ତମାନ ତାହାର ପୁନରାବୃତ୍ତି ଘଟିବାକୁ ଯାଉଛି। ବୟସ୍କଙ୍କୁ ଧାଡ଼ିରେ ଛିଡ଼ା କରାଇ ଯନ୍ତ୍ରଣା ଦେଉଥିବା ଏ ସରକାରକୁ ଆଗାମୀ ଦିନରେ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ପୂର୍ବତନ ଅତିରିକ୍ତ ତହସିଲଦାରଙ୍କୁ ବରଖାସ୍ତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୫(ସମିସ): ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ସ୍ୱରୂପ ଭୁବନେଶ୍ୱର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶ୍ରୀ ପିଲ୍ଲା ପୂର୍ବରୁ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ଏବଂ ପରେ ଜଗତସିଂହପୁରରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଥିବାବେଳେ ତାଙ୍କର ଅନେକ ନିଷ୍ପତ୍ତିରେ ଅନିୟମିତତାର ତଥ୍ୟ ଆସିଥିଲା। ଶ୍ରୀ ପିଲ୍ଲାଙ୍କର ଜମିଜମା ସମ୍ପର୍କିତ ଅନେକ ନିଷ୍ପତ୍ତି ସମ୍ବନ୍ଧରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇଛି ଏବଂ ଏହି ତଦନ୍ତରୁ ବିଭିନ୍ନ ଅନିୟମିତତା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ପୃକ୍ତ ଅଧିକାରୀଙ୍କୁ ସରକାରୀ ସେବାରୁ ବରଖାସ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଦୁର୍ନୀତି ବିରୋଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡ଼ା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ କଡ଼ା ଚେତାବନୀ ଦେଇଛନ୍ତି।


ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଲେଦୟନ୍ତ୍ୟାପୋଃ ନ ଶୋଷୟତି ମାରୁତଃ ॥

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ଧରଣୀଧର ରାଉତ

ଧରାବତରଣ : ୧୭.୦୭.୧୯୪୫, ସ୍ୱର୍ଗାରୋହଣ : ୨୧.୦୫.୨୦୨୬

ତୁମର ନିରନ୍ତର ଉତ୍ସର୍ଗ, ସ୍ନେହ ଓ ଜ୍ଞାନର ମାର୍ଗଦର୍ଶନ ଆମ ଜୀବନକୁ ଆକାର ଦେଇଛି।
ଆମେ କୃତଜ୍ଞ ଯେ ତୁମେ ଆମକୁ ସହନଶୀଳତାର ପାଠ ଶିଖାଇଛ
ଏବଂ ସ୍ୱପ୍ନଗୁଡିକୁ ପୂରଣ କରିବାର ଶକ୍ତି ଦେଇଛ।
ତୁମର ପ୍ରତି ଆମର ଅସୀମ କୃତଜ୍ଞତା।
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ

ପୁଅ - ବିକ୍ରମ, ସଂଗ୍ରାମ, ପ୍ରଶାନ୍ତ,
ବୋହୂ- ଅଶ୍ମିତା, ବିଶାଖା, ଝିଅ- ଶୋଭାରାଣୀ, ଜ୍ୱାଇଁ - ପ୍ରଦୀପ୍ତ,
ନାତି, ନାତୁଣୀ - ରୁଦ୍ରପ୍ରତାପ, ଆଦିତ୍ୟ, ଅଂଶୁମାନ, ଅଭିନାଶ, ଅନନ୍ୟା,
ବନାନୀ, ଆଦ୍ୟାଶା, ସାନଭାଇ - ବିଜୟ
ଓ ବନ୍ଧୁ, ପରିବାରବର୍ଗ


**ବାରଙ୍ଗ 'ବର୍ବରତା': ମାମଲା ଚାପିବାକୁ ଉଦ୍ୟମ**

# ବାପାଙ୍କୁ ଟଙ୍କା, ଭାଇକୁ ଚାକିରି ପ୍ରଲୋଭନ !

- ରାକେଶ ଭଉଣୀଙ୍କ ବିସ୍ଫୋରକ ବୟାନ
- କୋମାରେ ଶୋଇଛନ୍ତି ନିରୀହ ରାକେଶ
- ଶାନ୍ତି କମିଟିର ଶରଣ ପଶିଲା ପରିବାର



ବାରଙ୍ଗ, ୩୦।୫ (ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାରେ ପୁଲିସର ଅମାନୁଷିକ ନିର୍ଯାତନା ମାମଲାରେ ପୁଲିସ୍ ପ୍ରଶାସନର ସାଂଘାତିକ ଚେହେରା ସାମ୍ନାକୁ ଆସିଛି। ରକ୍ଷକ ଯେତେବେଳେ ଭକ୍ଷକ ସାଜେ, ସେଠାରେ ସାଧାରଣ ନାଗରିକ ପାଇଁ ନ୍ୟାୟର ଆଶା କାହିଁ ବୋଲି ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏକ ଅଜଣା ମୃତଦେହକୁ ନିଜର ନିଖୋଜ ପତ୍ନୀ ବୋଲି ଜୋରଜବରଦସ୍ତି ସ୍ୱୀକାର କରାଇବା ପାଇଁ ବାରଙ୍ଗ ପୁଲିସ ଚଣ୍ଡିପ୍ରସାଦ ଗ୍ରାମର ନିରୀହ ଯୁବକ ରାକେଶ ବେହେରାଙ୍କୁ ହେପାଜତ ଭିତରେ ଯେଉଁଭଳି ଅମାନବୀୟ ନିର୍ଯାତନା ଦେଇଛି, ତାହା ଆଜି ତାଙ୍କୁ ଜୀବନ ଓ ମୃତ୍ୟୁର ସନ୍ଧିକ୍ଷଣରେ କୋମାରେ ଶୁଆଇ ଦେଇଛି।

ଚିକିତ୍ସାଧୀନ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପୁଲିସ ସଠିକ୍ ସୂଚନା ଦେଉନଥିବାରୁ ଏବଂ କୌଣସି ପରିବାର ସଦସ୍ୟଙ୍କୁ ତାଙ୍କ ପାଖକୁ ଛଡ଼ା ନଯିବା ପଛର ରହସ୍ୟ କ'ଣ? ତାହାର ଉତ୍ତର ମାଗି ଗତକାଲି ଶୁକ୍ରବାର ଅପରାହ୍ଣ ୨ଟାରୁ ଚଣ୍ଡିପ୍ରସାଦ ଗ୍ରାମବାସୀ ଥାନା ସମ୍ମୁଖରେ ମୁଖ୍ୟ ରାଜରାସ୍ତା ଅବରୋଧ କରିଥିଲେ। ମାତ୍ର ଉଚ୍ଚ ପଦାଧିକାରୀମାନେ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଓଲଟା ରକ୍ତମୁଖା ସାଜିଥିଲେ। ନ୍ୟାୟ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ନିରୀହ ଗ୍ରାମବାସୀ ଓ ମହିଳାମାନଙ୍କ ଉପରକୁ ପୁଲିସ୍ ବଳପୂର୍ବକ ଲାଠିଚାର୍ଜ ଉଦ୍ୟମ କରି ସେମାନଙ୍କୁ ସେଠାରୁ ଗୋଡ଼ାଇ ଗୋଡ଼ାଇ ଘଉଡ଼ାଇ ଦେଇଥିଲା। ପୁଲିସ୍‌ର ଏଭଳି କାର୍ଯ୍ୟାନୁଷ୍ଠାନ ଦେଖି ନିରୁପାୟ ରାକେଶଙ୍କ ପରିବାର ଲୋକ ଓ ଗ୍ରାମବାସୀ ଅତ୍ୟନ୍ତ ଭୟଭୀତ ହୋଇ ସେଠାରୁ ଫେରିବାକୁ ବାଧ୍ୟ ହୋଇଛନ୍ତି। ବର୍ତ୍ତମାନ ଆଇନଶୃଙ୍ଖଳା ପରିସ୍ଥିତିକୁ ଦେଖି ଥାନା ଆଗରେ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି।

ପୁଲିସର ଏହି ଅମାନୁଷିକ ଅତ୍ୟାଚାର ଏବଂ ବର୍ବରତା ଆଗରେ ଆଦୌ ମୁଣ୍ଡ ନ ନୁଆଁଇବା ପାଇଁ ପୀଡ଼ିତ ପରିବାର ଏବେ ଅଣ୍ଟା ଭିଡ଼ିଛନ୍ତି। ପୁଲିସର ଆକ୍ରୋଶରୁ ରକ୍ଷା ପାଇବା ଏବଂ ନ୍ୟାୟ ପାଇଁ ପରିବାରଲୋକେ ଗ୍ରାମ କମିଟି ସହିତ ସ୍ଥାନୀୟ ଶାନ୍ତି କମିଟିର ସହାୟତା ଲୋଡ଼ିଛନ୍ତି। ଆଜି ଗ୍ରାମ କମିଟି ଓ ଶାନ୍ତି କମିଟିର ଏକ ମିଳିତ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନିଷ୍ପତ୍ତି ନିଆଯାଇଛି ଯେ ପୀଡ଼ିତ ରାକେଶଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବାକୁ ଅନୁମତି ଦେବାକୁ ଶାନ୍ତି କମିଟି ଡିସିପିଙ୍କୁ ଅନୁରୋଧ କରିବ ବୋଲି ରାକେଶଙ୍କ ଭଉଣୀ ରଶ୍ମିତା ବେହେରା ଗଣମାଧ୍ୟମକୁ ଜଣାଇଛନ୍ତି।

ରଶ୍ମିତା ପୁଲିସ ପ୍ରଶାସନର କଳା କାରନାମାକୁ ପଦାରେ ପକାଇ ଆହୁରି ଏକ ବିସ୍ଫୋରକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ଶନିବାର ଦିନ ତାଙ୍କ ଭାଇ ରାକେଶଙ୍କୁ ମେଡିକାଲରେ ଦେଖା କରିବା ପାଇଁ ବାପା କାର୍ତ୍ତିକଙ୍କୁ ପୁଲିସ ଅନୁମତି ଦେଇଥିଲା। ମାତ୍ର, ଏହି ଅନୁମତି ସହ ସଂପୂର୍ଣ୍ଣ ଘଟଣାକୁ ଚାପିଦେବା ପାଇଁ ପୁଲିସର କେତେକ ଉଚ୍ଚ ପଦାଧିକାରୀ ତାଙ୍କ ବାପାଙ୍କୁ ଲାଞ୍ଚସ୍ୱରୂପ ପ୍ରଚୁର ଟଙ୍କା ମଧ୍ୟ ଯାଚିଛନ୍ତି। ଏହାସହ ମାମଲାରୁ ଓହରିଗଲେ, ତାଙ୍କର ସାନ ଭାଇକୁ ଏକ ସରକାରୀ ଚାକିରି କରାଇଦେବା ପାଇଁ ପ୍ରଲୋଭନ ଦିଆଯାଉଛି। ରଶ୍ମିତାଙ୍କ ଏହି ବୟାନ ପରେ ପୁଲିସର ସଫେଇ ଏବଂ ନିରପେକ୍ଷ ତଦନ୍ତର ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ରୂପେ କାଠଗଡ଼ାକୁ ଆସିଛି।

ଏହି ସାଙ୍ଘାତିକ ଖବର ପ୍ରଚାରିତ ହେବା ପରେ ରାଜ୍ୟର ଶାସନ ବ୍ୟବସ୍ଥା ଓ କଥିତ 'ରୂପାନ୍ତରଣ' ଉପରେ ସାଧାରଣ ଜନତା ଏବଂ ବୁଦ୍ଧିଜୀବୀ ମହଲ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସାଧାରଣରେ ମତ ପ୍ରକାଶ ପାଇଛି ଯେ ଯଦି ସରକାର ନିଜ ନାଗରିକଙ୍କ ସୁରକ୍ଷା ପାଇଁ ସାମାନ୍ୟତମ ସମ୍ବେଦନଶୀଳ ନୁହନ୍ତି, ତେବେ ଏହି ବଡ଼ବଡ଼ ରୂପାନ୍ତରଣର ନାଟକ କାହା ପାଇଁ? ଦୋଷୀ ପୁଲିସ ଅଧିକାରୀଙ୍କୁ ବଞ୍ଚାଇବା ପାଇଁ ପ୍ରଶାସନର ଏଭଳି ନିରବତା ସେମାନଙ୍କ ଅପରାଧକୁ ପରୋକ୍ଷରେ ସମର୍ଥନ କରୁଛି ବୋଲି ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।

ଯଦି ପୁଲିସ ପ୍ରକୃତରେ ନିର୍ଦ୍ଦୋଷ, କ୍ଷତିପୂରଣ ଏବଂ ଚାକିରି ଦେବାର ଲିଖିତ ପ୍ରତିଶ୍ରୁତି ଓ ଲାଞ୍ଚ କାହିଁକି ଦିଆଯାଉଛି ବୋଲି ଜନତା ପ୍ରଶ୍ନ କରିଛନ୍ତି। ବାରଙ୍ଗ ଅଞ୍ଚଳରେ ଏବେ ପ୍ରତିଟି ଲୋକଙ୍କ ମନରେ ଏହି ଭୟ ସୃଷ୍ଟି ହୋଇଛି ଯେ ଆଜି ଯାହା ରାକେଶଙ୍କ ସହ ଘଟିଲା, କାଲି ତାହା ଆମ ସହ ହେବନି ବୋଲି ଗ୍ୟାରେଣ୍ଟି କ'ଣ? ଥାନାକୁ ଅଭିଯୋଗ ନେଇ ଗଲେ ଲୋକେ ସୁସ୍ଥ ଶରୀରରେ ଫେରିବେ ନା ହାଜତରୁ କୋମାକୁ ଯିବେ, ତାହା ବଡ଼ ପ୍ରଶ୍ନ। ଯଦି ତୁରନ୍ତ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ଆଗାମୀ ଦିନରେ ଏହି ଆନ୍ଦୋଳନ ବିସ୍ଫୋରକ ରୂପ ଧାରଣ କରିବ ବୋଲି ସ୍ଥାନୀୟ ବାସିନ୍ଦା ସ୍ପଷ୍ଟ ଚେତାବନୀ ଦେଇଛନ୍ତି।

# ଦୁର୍ଦ୍ଧାନ୍ତ ଜୟକୁ ଏନ୍‌କାଉଣ୍ଟର୍

ଝାରସୁଗୁଡ଼ା, ୩୦।୫(ସମିସ): ରେଙ୍ଗାଲି ଥାନା ଅଞ୍ଚଳରେ ଏକ ସଶସ୍ତ୍ର ଡକାୟତି ଯୋଜନାକୁ ପଣ୍ଡ କରିବା ସହ ଝାରସୁଗୁଡ଼ା ପୁଲିସ୍ ୫ଡକାୟତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ଦୁର୍ଦ୍ଧାନ୍ତ ଅଭିଯୁକ୍ତକୁ ପୁଲିସ୍ ଏନ୍‌କାଉଣ୍ଟର୍ କରି ଧରିଛି। ସେ ହେଲା, ବ୍ରଜରାଜନଗର ଗାନ୍ଧିଛକ ଅଞ୍ଚଳର

## ୫ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

ଜୟଚୌହାନ(୩୦)।ତା'ଡାହାଣଗୋଡ଼ରେ ଗୁଳି ବାଜିଛି। ପୁଲିସ୍ ତାକୁ ଚିକିତ୍ସା ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛି। ଅନ୍ୟ ଅଭିଯୁକ୍ତମାନେ ହେଲେ,କରନ ଚୌହାନ(୨୮), ବିଶ୍ୱଜିତ ନାୟକ (୨୭), ସନ୍ତୋଷ ମହାତୋ ଓରଫ ବାଡେ (୨୮), ରୋହିତ କୁମାର ସିଂ ଓରଫ ରବି ଓରଫ ବାରୁଦ (୩୦)। ଝାରସୁଗୁଡା ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ଦେଇଛନ୍ତି। ଅପରପକ୍ଷେ, ପୁଲିସ ଘଟଣାସ୍ଥଳରୁ ଏକ ଦେଶୀ ପିସ୍ତଲ, ଦୁଇଟି ଖାଲି କାର୍ଟିଜ୍, ଏକ ଭୁଜାଲି, ଏକ ନକଲି ବନ୍ଧୁକ ଏବଂ ଅପରାଧରେ ବ୍ୟବହୃତ ହୋଇଥିବା



ଏକ ପିକଅପ୍ ଭ୍ୟାନ୍ ଜବତ କରିଛି।

ସୂଚନାନୁଯାୟୀ, ଶୁକ୍ରବାର ରାତିରେ ଅଭିଯୁକ୍ତମାନେ ରେଙ୍ଗାଲି ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା ଚଳାଇଥିବା ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ସୂଚନା ଆଧାରରେ ତୁରନ୍ତ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ସେଠାରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଅଭିଯୁକ୍ତମାନେ ଏକ ଗାଡ଼ିରେ ସେଠାରୁ ଫେରାର୍ ହେବାକୁ ଚେଷ୍ଟା କରିଥିଲେ। ପୁଲିସ୍ ଉକ୍ତ ଗାଡ଼ିକୁ ପିଛା କରିବା ସମୟରେ ଜୟ ପୁଲିସ ଉପରକୁ ଗୁଳି ଚଳାଇଥିଲା। ଅଭିଯୁକ୍ତମାନଙ୍କୁ ବାରମ୍ବାର ଆତ୍ମସମର୍ପଣ କରିବାକୁ ପୁଲିସ କହିଥିଲେ ହେଁ ସେମାନେ ପୁଲିସ ଉପରକୁ ଗୁଳି ଚଳାଇବା ଜାରି ରଖିଥିଲେ। ତେଣୁ ଆତ୍ମରକ୍ଷା ପାଇଁ ପୁଲିସ ପାଲଟା ଗୁଳିଚାଳନା କରିଥିଲା। ଗୋଟିଏ ଗୁଳି ଜୟର ଡାହାଣ ଗୋଡ଼ରେ ବାଜିଥିଲା ଏବଂ ସେ ସେଠାରେ ଟଳି ପଡ଼ିଥିଲା। ଏହା ଦେଖି ଅନ୍ୟ ୪ ଅଭିଯୁକ୍ତ ନିକଟସ୍ଥ ଜଙ୍ଗଲକୁ ଦୌଡ଼ିଥିଲେ। ଝାରସୁଗୁଡ଼ା ପୁଲିସ ସ୍ଥାନୀୟ ଅଞ୍ଚଳରେ ନାକାବନ୍ଦୀ କରି କମ୍ବିଂ ଅପରେସନ୍ କରିଥିଲା। ଶେଷରେ ପୁଲିସ ସମସ୍ତଙ୍କୁ କାବୁ କରିଥିଲା।

ପୁଲିସ ସୂଚନାନୁଯାୟୀ, ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ହତ୍ୟା ଉଦ୍ୟମ, ଡକାୟତି ଯୋଜନା, ଚୋରି, ଧମକ ଏବଂ ଆର୍ମସ ଆକ୍ଟ ଭଳି ୧୦ରୁ ଅଧିକ ସଙ୍ଗୀନ ମାମଲା ରହିଛି।

## ପୁରୀରେ ଗର୍ଜିଲା ପୁଲିସ ବନ୍ଧୁକ

# କୁଖ୍ୟାତ ହାଇୱେ ଲୁଟେରା ଚନ୍ଦନକୁ ଏନ୍‌କାଉଣ୍ଟର

ପୁରୀ, ୩୦।୫ (ସମିସ): ରାଜ୍ୟରେ ବଢୁଥିବା ଅପରାଧ ଓ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ଉଠୁଥିବା ପ୍ରଶ୍ନ ମଧ୍ୟରେ ପୁରୀ ପୁଲିସ ଆକ୍ସନ ମୋଡ୍‌କୁ ଆସିଛି। ଶନିବାର ବିଳମ୍ବିତ ରାତିରେ ବାସେଳୀସାହି ଥାନା ପୁଲିସ୍ ଏନ୍‌କାଉଣ୍ଟର୍‌ରେ ଜଣେ କୁଖ୍ୟାତ ଜାତୀୟ ରାଜପଥ ଡକାୟତ ବିଷ୍ଣୁ ଜେନା ଓରଫ୍ ଚନ୍ଦନକୁ ଗୁଳି କରି କାବୁ କରିଛି।



ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଶ୍ରୀସେତୁ ରୋଡ୍ ଅଞ୍ଚଳର ମଙ୍ଗଳାହାଟ ଷ୍ଟର୍ଲିଂ ବାଇପାସ୍ ରୋଡ୍‌ର ଓଁକାରେଶ୍ୱର ମନ୍ଦିର ନିକଟରେ ରାତିରେ ଚନ୍ଦନ ଜେନା ମରଣାସ୍ତ୍ର ଧରି ଲୁଟ୍‌ପାଟ୍ ଉଦ୍ଦେଶ୍ୟରେ ଛକି ରହିଥିଲା। ଖବର ପାଇ ବାସେଳୀସାହି ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସକୁ ଦେଖି ଚନ୍ଦନ ଚକମା ଦେଇ ବାଇକ୍‌ରେ ଖସିଯିବାକୁ ଉଦ୍ୟମ କରିଥିଲା। କିନ୍ତୁ କୌଣସି କାରଣବଶତଃ ସେ ବାଇକ୍‌ରୁ ପଡ଼ିଯାଇଥିଲା। ପୁଲିସ ତାକୁ ଅଟକାଇବା ବେଳେ ସେ ପୁଲିସ ଉପରକୁ ଗୁଳି ଚଳାଇଥିଲା। ଆତ୍ମରକ୍ଷା ପାଇଁ ପୁଲିସ ପାଲଟା ଗୁଳି ଚଳାଇଥିଲା। ସେଥିରୁ ଗୋଟିଏ ଗୁଳି ଚନ୍ଦନର ଡାହାଣ ଗୋଡ଼ରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାକୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଜଣାପଡ଼ିଛି। କୋଣାର୍କ-ଚନ୍ଦ୍ରଭାଗା ମେରାଇନ୍ ଅଞ୍ଚଳର ଚନ୍ଦନ ଜେନା ଜଣେ କୁଖ୍ୟାତ ଜାତୀୟ ରାଜପଥ ଲୁଟେରା। ପୁରୀକୁ ସଂଯୋଗ କରୁଥିବା ବିଭିନ୍ନ ଜାତୀୟ ରାଜପଥ, ବିଶେଷକରି କୋଣାର୍କ-ପିପିଲି ରାସ୍ତାରେ ରାତି ଅଧରେ ପଥଚାରୀ, ବାଇକ୍ ଆରୋହୀ ଓ ଗାଡ଼ିକୁ ଅଟକାଇ ମାରଣାସ୍ତ୍ର ଦେଖାଇ ଲୁଟ୍‌ପାଟ୍ କରିବା ତା'ର ମୁଖ୍ୟ କାମ। ତା' ନାଁରେ ପୁରୀ ସମେତ ଅନ୍ୟାନ୍ୟ ଥାନାରେ ଡକାୟତି, ଲୁଟ୍ ଭଳି ୩୦ରୁ ଊର୍ଦ୍ଧ୍ୱ ସଙ୍ଗୀନ ମାମଲା ରହିଛି।

## ସମ୍ବଲପୁର ଶୀତଳ ଷଷ୍ଠୀ ପାଇଁ ୧ କୋଟି ୮ ଲକ୍ଷ ଟଙ୍କା ସରକାରୀ ଅନୁଦାନ

ଭୁବନେଶ୍ୱର,୩୦।୫(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମ ଓଡ଼ିଶାର ପର୍ବପର୍ବାଣୀ ଓ ଯାନିଯାତ୍ରାକୁ ବିଶ୍ୱ ଦରବାରରେ ଏକ ଅନନ୍ୟ ପରିଚୟ ପ୍ରଦାନ କରିବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି।

■ ନିମ୍ନମାନର କହି ଫେରାଇଦେଲା ଓମ୍‌ଫେଡ୍

## ରାସ୍ତାରେ ୩୭ ହଜାର ଲିଟର କ୍ଷୀର ଢାଳି ଚାଷୀଙ୍କ ପ୍ରତିବାଦ

ଉମରକୋଟ, ୩୦।୫(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟରେ ଓମଫେଡ୍ ବିରୋଧରେ ତାତିଛନ୍ତି ଚାଷୀ। ନିମ୍ନମାନର କହି ବିଭାଗ ଫେରାଇଦେବା ପରେ ୩୭ହଜାର ଲିଟର କ୍ଷୀର ରାସ୍ତାରେ ଢାଳି ପ୍ରତିବାଦ କରିଛନ୍ତି ଚାଷୀ। ଆଜି ସନ୍ଧ୍ୟାରେ ଜୟପୁର ଆଞ୍ଚଳିକ ଦୁଗ୍ଧ ସଂଗ୍ରହ



ସମବାୟ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଉମରକୋଟ କ୍ଷେତ୍ର ପରିଦର୍ଶନ ବେଳେ ଅଧିକାରୀଙ୍କ ଆଗରେ ହିଁ ଚାଷୀମାନେ କ୍ଷୋଭପ୍ରକାଶ କରି କ୍ଷୀର ରାସ୍ତାରେ ଢାଳି ଦେଇଥିଲେ। ସୂଚନାନୁଯାୟୀ, ଉମରକୋଟ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଅଧୀନରେ ଓମ୍‌ଫେଡ୍‌ର ୪ଟି ସଂଗ୍ରହ କେନ୍ଦ୍ର ରହିଛି। ସ୍ଥାନୀୟ ଚାଷୀମାନେ ଆଜି ୩୭ହଜାର ଲିଟର କ୍ଷୀର ଦେଇଥିଲେ। ଜୟପୁର ଆଞ୍ଚଳିକ ଓମ୍‌ଫେଡ୍ ପ୍ରୋସେସିଂ ୟୁନିଟ୍‌କୁ ଏହା ପଠାଯାଇଥିଲା। ସେଠାରେ ଏହାକୁ ନିମ୍ନମାନର କହି ଫେରସ୍ତ କରାଯାଇଥିଲା। ଜୟପୁର ଅଧିକାରୀ ଗତ ୩ ଦିନ ହେଲା କ୍ଷୀର ଫେରାଇ ଦେଉଥିବା ଚାଷୀମାନେ କହିଛନ୍ତି।

# ଓଡ଼ିଶାରେ ଆରମ୍ଭ ହେଲା ଏସ୍‌ଆଇଆର୍

ଭୁବନେଶ୍ୱର,୩୦।୫(ସମିସ): ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି। ଏହି କ୍ରମରେ ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ନିଜ ନିଜ ଅଞ୍ଚଳରେ ଘରକୁ ଘର ବୁଲି ଭୋଟରମାନଙ୍କ ତଥ୍ୟ ଯାଞ୍ଚ କରୁଛନ୍ତି। ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଗଣନା ଫର୍ମ ବଣ୍ଟନ କରାଯାଉଛି। ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଭୋଟର କାର୍ଡରେ ଥିବା ତ୍ରୁଟି ସଂଶୋଧନ ପାଇଁ ଏହି ସଘନ ଅଭିଯାନ ଆରମ୍ଭ ହୋଇଛି।

ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି

### ପ୍ରଥମ ଦିନରେ ୨.୫୯ ଲକ୍ଷ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ

ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ ଯୋଗାଇ ଦିଆଯାଉଛି। ପ୍ରଥମ ଦିନରେ ୨ଲକ୍ଷ ୫୯ହଜାର ୧୬୬ ଜଣ ଭୋଟରଙ୍କୁ ବିଏଲଓ ମାନଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପ୍ରାପ୍ତ ଭାବେ ଫେରସ୍ତ କରାଯାଉଛି, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ। ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି। ବିଜେପିରୁ ସର୍ବାଧିକ ୧୯ ହଜାର ୩୮୦, ବିଜେଡି ୮ ହଜାର ୮୮୧, କଂଗ୍ରେସ ୪ ହଜାର ୬୫୮, ସିପିଆଇଏମ୍ ୬୦, ବିଏସପି ପକ୍ଷରୁ ୪୭ ଜଣ ବି ଏଲଏ ନିଯୁକ୍ତ ହୋଇଛନ୍ତି।

# ସ୍ତ୍ରୀକୁ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା!

କରଞ୍ଜିଆ, ୩୦।୫(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ ବାଲିଭୋଳ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗାଁର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ବେଳେ ଏହାର କିଛି ସମୟ ପରେ ନିକଟସ୍ଥ ଜଙ୍ଗଲରୁ ତାଙ୍କ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଦମ୍ପତି ହେଲେ, ଜ୍ୟୋତ୍ସ୍ନାରାଣୀ ଟୁଡୁ ଓ ତାଙ୍କ ସ୍ୱାମୀ ରାମଚନ୍ଦ୍ର ଟୁଡୁ। କରଞ୍ଜିଆ ପୁଲିସ୍ ଶବଦ୍ୱୟଙ୍କୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହାକୁ ନେଇ ଅଞ୍ଚଳରେ ନାନା ଆଲୋଚନା ଜୋର୍ ଧରିଛି। ଘରୋଇ କଳହକୁ କେନ୍ଦ୍ର କରି ଜ୍ୟୋତ୍ସ୍ନାରାଣୀଙ୍କୁ ହତ୍ୟା କରିବା ପରେ ରାମଚନ୍ଦ୍ର ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଜ୍ୟୋତ୍ସ୍ନାଙ୍କ ଶବ ଜବତ ହେବା ପରଠାରୁ ରାମଚନ୍ଦ୍ର ଫେରାର୍ ଥିବାରୁ ଏପରି ଚର୍ଚ୍ଚା ଜୋର୍ ଧରିଛି। ଏନେଇ ପୁଲିସ୍ ଦୁଇଟି ଅପମୃତ୍ୟୁ ମାମଲା

### ଜଙ୍ଗଲରୁ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ଜବତ

ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ସୂଚନାନୁଯାୟୀ, ଜ୍ୟୋତ୍ସ୍ନାରାଣୀ ପ୍ରଥମେ ଘଷିପୁରାର ଜଣେ ଯୁବକଙ୍କୁ ବିବାହ କରିଥିଲେ। ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ତିନି ସନ୍ତାନଙ୍କୁ ନେଇ ବାଲିଭୋଳ ଗ୍ରାମର ରାମଚନ୍ଦ୍ର ଟୁଡୁଙ୍କୁ ଦ୍ୱିତୀୟ ବିବାହ କରି ସେଠାରେ ରହୁଥିଲେ। ଗତ ୨୭ ତାରିଖରେ ଜ୍ୟୋତ୍ସ୍ନାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ତାଙ୍କ ଘରେ ତାଙ୍କ ମୃତଦେହ ପଡ଼ିଥିଲା। ଖବର ପାଇ କରଞ୍ଜିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ଘଟଣା ପରଠାରୁ ରାମଚନ୍ଦ୍ର ନିଖୋଜ ଥିଲେ। ଆଜି ସକାଳୁ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା।

# ତେଲଙ୍ଗାନା ଇଟାଭାଟିରେ ଫସିଛନ୍ତି କଳାହାଣ୍ଡି ପ୍ରବାସୀ ପରିବାର

ଭୁବନେଶ୍ୱର, ୩୦।୬ (ସମିସ): କଳାହାଣ୍ଡି ଜିଲ୍ଲାର ଜଣେ ପ୍ରବାସୀ ଶ୍ରମିକ ପରିବାର ତେଲେଙ୍ଗାନାର ଏକ ଇଟାଭାଟିରେ ଶୋଷଣର ଶିକାର ହୋଇ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି। ପରିବାରର ୫ ସଦସ୍ୟ ସେଠାରେ ବନ୍ଦୀ ଭଳି ଜୀବନ କାଟୁଛନ୍ତି। ଏପରିକି, ଶିଶୁ ସଦସ୍ୟମାନଙ୍କୁ ଇଟାଭାଟି ମାଲିକ ଶିଶୁ ଶ୍ରମିକ ସେମାନେ ତେଲେଙ୍ଗାନାର ଥିରୁମାଲାଗିରି ମଣ୍ଡଳ, ଏଟୁର୍ ନିକଟସ୍ଥ କେଟିଆର୍ ବ୍ରିକ୍ ଫ୍ୟାକ୍ଟ୍ରିରେ କାମ କରୁଥିବା ଜଣାପଡ଼ିଛି। ଅତ୍ୟଧିକ ସମୟ କାମ, ମଜୁରି ନ ମିଳିବା, ପର୍ଯ୍ୟାପ୍ତ ଖାଦ୍ୟର ଅଭାବ, ଅସ୍ୱାସ୍ଥ୍ୟକର ରହଣି ବ୍ୟବସ୍ଥା ଏବଂ ନିଜ ସୁରକ୍ଷାକୁ ନେଇ ଭୟ ଥିବା ଅଭିଯୋଗ କରାଯାଇଛି। ନାବାଳକମାନଙ୍କୁ

### ■ ଉଦ୍ଧାର ପାଇଁ ଆକୁଳ ନିବେଦନ
### ■ ଚିନ୍ତା ପ୍ରକଟ କଲେ ସାମାଜିକ କର୍ମୀ

ଭାବେ ନିୟୋଜିତ କରୁଛନ୍ତି। କୌଣସି ଉପାୟ ନ ପାଇ ଉଦ୍ଧାର ପାଇଁ ପରିବାର ପକ୍ଷରୁ ଏକ ଭିଡିଓ ବାର୍ତ୍ତା ଜାରି କରାଯାଇଛି। ଏହାସହ ସାମାଜିକ କର୍ମୀ ଲୋକେଶ ଦୁର୍ଗାଙ୍କୁ ସାହାଯ୍ୟ କରିବାକୁ ପରିବାରଲୋକେ ଫୋନ୍ ଯୋଗେ ଯୋଗାଯୋଗ କରିଛନ୍ତି। ନାବାଳକ ପିଲାମାନଙ୍କ ସହ ପରିବାରର ଅସହାୟ ଅବସ୍ଥା ଦେଖି ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି।

ଲୋକେଶଙ୍କ ସୂଚନାନୁଯାୟୀ, ଜିତେନ୍ଦ୍ର ମାଝୀ ତାଙ୍କ ପତ୍ନୀ ସୁନଲତା ମାଝୀ ଏବଂ ୧୫, ୧୦ ଓ ୭ ବର୍ଷ ବୟସର ତିନି ସନ୍ତାନ ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ଆଟିଗାଁ ପଞ୍ଚାୟତର ମିଛାଗାଁର ମୂଳ ବାସିନ୍ଦା। କାମ ଖୋଜିବାକୁ ସେମାନେ ତେଲେଙ୍ଗାନା ଯାଇଥିଲେ। ବର୍ତ୍ତମାନ ମଧ୍ୟ ଶ୍ରମିକ ଭାବେ ଖଟାଯାଉଛି। ପରିବାର ପକ୍ଷରୁ ସରକାରୀ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ସହାୟତା ପାଇଁ ନିବେଦନ କରାଯାଇଛି। ସେମାନେ ଏନେଇ ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ଭିଡିଓରେ ପରିବାରଲୋକେ କାନ୍ଦିକାନ୍ଦି ସୁରକ୍ଷା, ଉଦ୍ଧାର ଏବଂ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି। ଫସି ରହିଥିବା ପରିବାରର ବ୍ୟଥିତ କଲ୍ ଓ ଭିଡିଓ ପାଇବା ପରେ ଲୋକେଶ କଳାହାଣ୍ଡି ଜିଲ୍ଲା ପ୍ରଶାସନକୁ ଜଣାଇ ତୁରନ୍ତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ସେ ତେଲେଙ୍ଗାନା ପ୍ରଶାସନ ସହ ସମନ୍ୱୟ ରଖି ପରିବାରର ଅବସ୍ଥା ତୁରନ୍ତ ଯାଞ୍ଚ କରିବାକୁ ଦାବି କରିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

## ବସ୍ ଚଳାଚଳ ବନ୍ଦ ପାଇଁ ମାଲିକ ସଂଘର ଚେତାବନୀ

# ଭଡ଼ା ବୃଦ୍ଧି ପାଇଁ ସରକାରଙ୍କୁ ୧୦ ଦିନର ମହଲତ

କଟକ, ୩୦।୫ (ସମିସ): ରାଜ୍ୟରେ ବସ୍ ଚଳାଚଳ କ୍ଷେତ୍ରରେ ଏକ ବଡ଼ ସଙ୍କଟ ଦେଖାଦେଇଛି। ଡିଜେଲ ଦର ସହ ବିଭିନ୍ନ ପ୍ରକାରର ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଉଥିବା ବେଳେ ବସ୍ ଭଡ଼ା ବୃଦ୍ଧି କରାଯାଉ ନଥିବାରୁ ମାଲିକମାନେ କ୍ଷତି ସହୁଛନ୍ତି। ୧୩ଟି ମାପଦଣ୍ଡ ଆଧାରରେ ବସ୍‌ଭଡ଼ା ବୃଦ୍ଧି ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏଣୁ, ଆବଶ୍ୟକସ୍ଥଳେ ବସ୍ ଚଳାଚଳକୁ ବନ୍ଦ କରିଦିଆଯିବ ବୋଲି ବସ୍ ମାଲିକ ସଂଘ ଚେତାବନୀ ଦେଇଛି। ନିଖିଳ ଓଡ଼ିଶା ବସ୍ ମାଲିକ ସଂଘର ଏକ ଜରୁରୀ ବୈଠକରେ ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯିବା ସହ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେଥିରେ ୧୩ଟି ମାପଦଣ୍ଡକୁ ଆଧାର କରି ବସ୍ ଭଡ଼ା ସଂଶୋଧନ କରିବାକୁ ଅନୁରୋଧ କରାଯାଇଛି।

ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁଙ୍କ ପକ୍ଷରୁ ଦିଆଯାଇଥିବା ଏହି ଚିଠିରେ ଦର୍ଶାଯାଇଛି ଯେ ଯଦି ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦିଅନ୍ତି, ତେବେ ଆଗାମୀ ଦିନରେ ବସ୍ ଚଳାଚଳ କରିବା ମାଲିକମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିବ।

ସଂଘର କହିବା ଅନୁଯାୟୀ, ଶେଷଥର ପାଇଁ ୨୦୨୧ ମସିହାରେ ଏହି ସମସ୍ତ ୧୩ଟି ମାପଦଣ୍ଡ ଆଧାରରେ ଭଡ଼ା ବୃଦ୍ଧି କରାଯାଇଥିଲା। ମାତ୍ର ବିଗତ ୬ବର୍ଷ ହେବ, ଏହି ସବୁ ମାପଦଣ୍ଡକୁ ବିଚାରକୁ ନିଆଯାଇନାହିଁ। ଫଳରେ ବସ୍ ମାଲିକମାନେ ଏବେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ପୂର୍ବରୁ ସରକାରୀ ନିର୍ଦ୍ଦେଶନାମା ମୁତାବକ, ପ୍ରତିବର୍ଷ ଏପ୍ରିଲରେ ୧୨ଟି ମାପଦଣ୍ଡକୁ ବିଚାରକୁ ନେଇ ପରିବହନ କମିଶନର ମୂଳ ବସ୍ ଭଡ଼ା ସଂଶୋଧନ କରିବା କଥା। ଏହାସହ ଡିଜେଲ ଦର ପରିବର୍ତ୍ତନ ଅନୁସାରେ ସ୍ୱୟଂଚାଳିତ ବ୍ୟବସ୍ଥା ଦ୍ୱାରା ଭଡ଼ା ସଂଶୋଧନ ହେବା କଥା, କିନ୍ତୁ ବର୍ତ୍ତମାନର ଡିଜେଲ ଦର ଅନୁପାତରେ ବସ୍ ଭଡ଼ା ବଢ଼ାଯାଉ ନାହିଁ ବୋଲି ସଂଘ ଅଭିଯୋଗ କରିଛି।

ଗତ କିଛି ବର୍ଷ ମଧ୍ୟରେ ବସ୍ ପରିଚାଳନା ଖର୍ଚ୍ଚ ବହୁ ପରିମାଣରେ ବୃଦ୍ଧି ପାଇଛି। ୨୦୨୦ ମସିହାରେ ଡିଜେଲ ଦର ୭୮ ଟଙ୍କା ଥିବା ବେଳେ ଏବେ ୧୦୦ ଟଙ୍କା ୯୧ ପଇସା ହୋଇଛି। ସେହିଭଳି, ପ୍ରତିଦିନ ଲୁବ୍ରିକାଣ୍ଟ ବାବଦରେ ୩୪୬ ଟଙ୍କା ବଦଳରେ ଏବେ ୪୫୦ ଟଙ୍କା ଖର୍ଚ୍ଚ ହେଉଛି। କର୍ମଚାରୀଙ୍କ ଦରମା, ଟାୟାର୍, ବ୍ୟାଟେରି, ବୀମା, ଟୋଲ୍ ଓ ପାର୍କିଂ ଫି, ଋଣ ବାବଦ ସୁଧ ଓ ଅନ୍ୟ ଆନୁସଙ୍ଗିକ ଖର୍ଚ୍ଚ ଆଦି ୧୩ଟି ମାପଦଣ୍ଡ କ୍ଷେତ୍ରରେ ୨୦୨୦ ତୁଳନାରେ ବର୍ତ୍ତମାନ ଖର୍ଚ୍ଚ ଅହେତୁକ ବୃଦ୍ଧି ପାଇଥିବା କୁହାଯାଇଛି। ଯଦି ସରକାର ଏହି ୧୩ଟି ଯାକ ମାପଦଣ୍ଡକୁ ଆଧାର କରି ତୁରନ୍ତ ମୂଳଭଡ଼ାରେ ସଂଶୋଧନ ନ କରନ୍ତି, ଆଗକୁ ବସ୍ ଶିଳ୍ପ ସମ୍ପୂର୍ଣ୍ଣ ବୁଡ଼ିଯିବ ଏବଂ ମାଲିକମାନେ ବସ୍ ଚଳାଇବାକୁ ସକ୍ଷମ ହେବେ ନାହିଁ।

ସଂଘ ସ୍ପଷ୍ଟ କରିଛି ଯେ ବର୍ତ୍ତମାନ ପରିସ୍ଥିତିରେ ଯାତ୍ରୀବାହୀ ପରିବହନ ବ୍ୟବସାୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଚିଠିର ନକଲ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ରାଜ୍ୟ ମୁଖ୍ୟ ଶାସନ ସଚିବ, ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ରାଜ୍ୟ ପରିବହନ କମିଶନରଙ୍କୁ ମଧ୍ୟ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି। ଏବେ ସରକାର ଏହା ଉପରେ କି ନିଷ୍ପତ୍ତି ନେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଜୁଲାଇ ୩ରୁ +୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା

ଭୁବନେଶ୍ୱର, ୩୦।୫(ସମିସ): ଯୁକ୍ତ ୨ ଇନ୍‌ଷ୍ଟାଣ୍ଟ ଓ ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ଜୁଲାଇ ୩ ତାରିଖରୁ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି।

### ଜୁଲାଇ ୨୦ ସୁଦ୍ଧା ପ୍ରକାଶ ପାଇବ ଫଳ

ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଆଶାୟୀ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଫର୍ମପୂରଣ କରିପାରିବେ। ୪ ତାରିଖ ମଧ୍ୟରେ ପରୀକ୍ଷା ଫି' ଦାଖଲ କରିବା ସହ ୬ ତାରିଖ ସୁଦ୍ଧା ଶିକ୍ଷାନୁଷ୍ଠାନଗୁଡ଼ିକ ପରୀକ୍ଷାର୍ଥୀଙ୍କ ଫି' ଦାଖଲ ତଥ୍ୟ ପ୍ରଦାନ କରିବେ। ଚଳିତ ବର୍ଷ ଇନ୍‌ଷ୍ଟାଣ୍ଟ ପରୀକ୍ଷା ପାଇଁ ୬୦୦ ଟଙ୍କା ଏବଂ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ୮୦୦ ଟଙ୍କା ଲେଖାଏଁ ଫି' ଧାର୍ଯ୍ୟ କରାଯାଇଛି। ସମୁଦାୟ ଦୁଇ ଦିନ ଅର୍ଥାତ୍ ଜୁଲାଇ ୩ ଓ ୪ ତାରିଖରେ ଉଭୟ ପରୀକ୍ଷା ଅନୁଷ୍ଠିତ ହେବ। ଦିନକୁ ଗୋଟିଏ ଲେଖାଏଁ ସିଫ୍ଟରେ ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତବର୍ଷ ପ୍ରଥମ ଥର ପାଇଁ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ହେବ। ସମସ୍ତ ପରୀକ୍ଷାରେ ପାସ୍ କରିଥିବା ପିଲାମାନେ କେବଳ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଏହି ଇମ୍ପ୍ରୁଭମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କୁ ସୁଯୋଗ ମିଳିବ। ଏକାଧିକ ବିଷୟରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ ନାହିଁ। ସେହିପରି ଗୋଟିଏ ପରୀକ୍ଷାରେ ଫେଲ୍ ହୋଇଥିବା ପିଲାମାନେ ୨୧୦ ବା ତା'ଠାରୁ ଅଧିକ ମାର୍କ ରଖିଥିଲେ, ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ। ଉଭୟ ଇମ୍ପ୍ରୁଭମେଣ୍ଟ ଓ ଇନ୍‌ଷ୍ଟାଣ୍ଟ ପରୀକ୍ଷା ସମାନ ସମୟରେ ଅନୁଷ୍ଠିତ ହେବ। ଜୁଲାଇ୨୦ତାରିଖ ସୁଦ୍ଧା ଏସବୁର ପରୀକ୍ଷା ଫଳ ପ୍ରକାଶ କରିବାକୁ ସିଏଚ୍‌ଏସ୍‌ଇ ଲକ୍ଷ୍ୟ ରଖିଛି।

## ଓଡ଼ିଶାରୁ ଗଞ୍ଜେଇ ଚାଲାଣ ମାମଲା

# ଜମ୍ମୁରୁ ୨ ଅଭିଯୁକ୍ତଙ୍କୁ ଗିରଫ କଲା ଏନ୍‌ସିବି

ଭୁବନେଶ୍ୱର, ୩୦।୬(ସମିସ): ଗଞ୍ଜେଇ ଚାଲାଣ ମାମଲାରେ ସମ୍ପୃକ୍ତ ଥିବା ଜମ୍ମୁର ଦୁଇ ଜଣ ବ୍ୟକ୍ତିଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଗିରଫ କରି ଓଡ଼ିଶା ଆଣିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିକ୍ରମ ସିଂହ ଏବଂ ଦରୱିନ୍ଦର ସିଂହ। ଉଭୟ ଗଞ୍ଜେଇ କାରବାରରେ ମଧ୍ୟସ୍ଥି ଭାବେ କାମ କରୁଥିଲେ। ଓଡ଼ିଶାରୁ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଭଳି ରାଜ୍ୟକୁ ଗଞ୍ଜେଇ ଯୋଗାଣରେ ସହଯୋଗ କରୁଥିଲେ। ନିଶା ବେପାରୀଙ୍କଠାରୁ ୧,୦୦୦ ଟଙ୍କା କମିଶନ ନେଉଥିଲେ।

ଏନ୍‌ସିବି ସୂଚନା ମୁତାବକ, ଚଳିତ ବର୍ଷ ଫେବୃଆରୀ ମାସରେ ସମ୍ବଲପୁର ନିକଟରେ ଏନ୍‌ସିବି ଏକ ଟ୍ରକ୍‌ରୁ ୨୦୦ କେଜି ଗଞ୍ଜେଇ ଜବତ କରିଥିଲେ। ଏହି ଗଞ୍ଜେଇ ଓଡ଼ିଶାରୁ ମହାରାଷ୍ଟ୍ରକୁ ଚାଲାଣ ହେଉଥିଲା। ତଦନ୍ତ ବେଳେ ଏନ୍‌ସିବି ଅଧିକାରୀମାନେ ଜାଣିବାକୁ ପାଇଥିଲେ ଯେ, ବିକ୍ରମ ଓ ଦରୱିନ୍ଦରଙ୍କର ଓଡ଼ିଶାରେ କିଛି ଲିଙ୍କ୍ ଅଛି। ସେମାନେ ଏହି ବେଆଇନ କାରବାରରେ ମଧ୍ୟସ୍ଥି ଭୂମିକା ନିର୍ବାହ କରୁଥିଲେ। ଗଞ୍ଜେଇ ନିଆଯାଉଥିବା ଟ୍ରକ୍‌ଟି ଅଭିଯୁକ୍ତ ଦରୱିନ୍ଦର ସିଂହଙ୍କର ବୋଲି ଜଣାପଡ଼ିଥିଲା। ଏହି ତଥ୍ୟ ମିଳିବା ପରେ ଏନ୍‌ସିବିର ଏକ ସ୍ୱତନ୍ତ୍ର ଟିମ୍ ଜମ୍ମୁ ଯାଇ ଉଭୟ ବିକ୍ରମ ଓ ଦରୱିନ୍ଦରଙ୍କୁ କାବୁ କରିଥିଲା। ପରେ ସେମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି।

ଏମାନେ ଓଡ଼ିଶାରୁ ଗଞ୍ଜେଇ ସଂଗ୍ରହ କରି ତାକୁ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ସମେତ ଅନ୍ୟ ରାଜ୍ୟକୁ ଯୋଗାଣ କରିବାରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ। ଏହି ନେଟ୍‌ୱର୍କରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ତାହା ଜାଣିବା ପାଇଁ ଏନ୍‌ସିବି ଉଭୟଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରୁଛି। ଓଡ଼ିଶା ଏବେ ଗଞ୍ଜେଇ ଚାଲାଣର ଏକ ପ୍ରମୁଖ କରିଡର ପାଲଟିଛି। ବାହାର ରାଜ୍ୟର ବେପାରୀମାନେ ସ୍ଥାନୀୟ ମଧ୍ୟସ୍ଥିଙ୍କ ଜରିଆରେ ଏଠାରୁ ଗଞ୍ଜେଇ ସଂଗ୍ରହ କରି ଅନ୍ୟ ରାଜ୍ୟକୁ ପଠାଉଛନ୍ତି।

# ଧର୍ମେନ୍ଦ୍ରଙ୍କ ଇସ୍ତଫା ମାଗିଲା ରାଜ୍ୟ କଂଗ୍ରେସ

ଭୁବନେଶ୍ୱର,୩୦।୫(ସମିସ): ନିଟ୍-ୟୁଜି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷା ବାତିଲକୁ ମାସେ ପୂରିବ। ୨୨ ଲକ୍ଷରୁ ଅଧିକ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳାଗଲା; ମାତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଲେ ନାହିଁ। ଏହି ବିବାଦରୁ ମନ୍ତ୍ରୀ ମୁକ୍ତ ହୋଇ ନ ଥିବା ବେଳେ ଏବେ ପୁଣି ସିବିଏସ୍‌ଇ ପରୀକ୍ଷାର ମୂଲ୍ୟାୟନକୁ ନେଇ ଅନିୟମିତତା ଦେଖାଦେଇଛି। ତେଣୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ରାଜ୍ୟ କଂଗ୍ରେସ କହିଛି।

ଶନିବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ବିଧାୟକ ତଥା ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି କହିଥିଲେ, ଗତକାଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ କହିଛନ୍ତି, ବ୍ୟକ୍ତିଙ୍କୁ ଉତ୍ତରଦାୟୀ କର, ବ୍ୟବସ୍ଥାକୁ ଦୋଷ ଦେଇ ଖସିଯାଇପାରିବ ନାହିଁ। ଏବେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୧୮.୫ ଲକ୍ଷ ପିଲାଙ୍କ ଜୀବନ ସହ ଖେଳ ଖେଳାଯାଇଛି। ଓଡ଼ିଶାକୁ ବାରମ୍ବାର ଲଜ୍ଜିତ କରୁଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଶ୍ରୀ ବାହିନୀପତି ଦାବି କରିଛନ୍ତି। ୨୦ ଜଣ ବିଜେପି ସାଂସଦଙ୍କୁ ଓଡ଼ିଶାବାସୀ ଲୋକସଭାକୁ ପଠାଇଥିବା ବେଳେ ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତା




ସହ ଖେଳିବା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।

ସେହିପରି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଥିଲେ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ତିନିଥର "ଅନ୍-ସ୍କ୍ରିନ୍ ମାର୍କିଂ" ଟେଣ୍ଡର ଆହ୍ୱାନ କରିଥିଲା। ପ୍ରଥମଥର କୌଣସି ବିଡ୍ ଆସି ନ ଥିଲା। ଦ୍ୱିତୀୟଥର କୌଣସି ଯୋଗ୍ୟ ବିଡର୍ ମିଳି ନ ଥିଲେ। ଶେଷରେ, ପ୍ରାଯୁକ୍ତିକ ମାନଦଣ୍ଡକୁ ଏତେ ହ୍ରାସ କରାଗଲା ଯେ "କୋଏମ୍ପ୍" ତାହାକୁ ପାର କରିପାରିଲା। ସ୍କାନିଂ ରେଜଲ୍ୟୁସନ୍ କମାଯାଇଲା। ରୋବୋଟିକ୍ ସ୍କାନର୍‌ର ଆବଶ୍ୟକତାକୁ ହଟାଯାଇଲା। କ୍ୟାପାବିଲିଟି ମ୍ୟାଚୁରିଟି ମଡେଲ୍ ଇଣ୍ଟିଗ୍ରେସନ୍ ପ୍ରମାଣପତ୍ରକୁ ଲେଭେଲ୍ ୫ରୁ ଲେଭେଲ୍ ୩କୁ କମାଯାଇଲା। ଉତ୍ତରଖାତାର ତ୍ରୁଟି ପାଇଁ ଥିବା ଜରିମାନାକୁ ହଟାଯାଇଥିଲା। ଭାରତର ସବୁଠାରୁ ବଡ଼ ସୂଚନା ପ୍ରଯୁକ୍ତି ସେବା କମ୍ପାନୀ "ଟାଟା କନ୍‌ସଲଟାନ୍ସି ସର୍ଭିସେସ୍" ମଧ୍ୟ ତୃତୀୟ ପର୍ଯ୍ୟାୟରେ ଯୋଗ୍ୟ ହୋଇଥିଲା। କିନ୍ତୁ "ଟାଟା କନ୍‌ସଲଟାନ୍ସି ସର୍ଭିସେସ୍" ହାରିଗଲା ଏବଂ ଅସଫଳତାର ଏକ ଚମତ୍କାର ଇତିହାସ ଥିବା "କୋଏମ୍ପ୍" ଜିତିଗଲା କେମିତି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ପିସିସି ଗବେଷଣା ବିଭାଗ ଅଧ୍ୟକ୍ଷ ଡଃ ନଳିନୀ ମହାନ୍ତି, ରାଧାକ୍ରିଷ୍ଣନ କମିଟିର ସୁପାରିସ ପ୍ରତି କେନ୍ଦ୍ର କିପରି ଆଖି ବୁଜିଦେଇଛି ତାହା ବର୍ଣ୍ଣନା

### ସିବିଏସ୍‌ଇ ମୂଲ୍ୟାୟନ ଅନିୟମିତତାର ନ୍ୟାୟିକ ତଦନ୍ତ ଦାବି

କରିଥିଲେ। ପିସିସି ମୁଖପାତ୍ର ତଥା ଛାତ୍ରନେତା ବିଭୂତି ମହାପାତ୍ର ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଓ ସିବିଏସ୍‌ଇ ପରୀକ୍ଷା ମୂଲ୍ୟାୟନରେ ଅନିୟମିତତାର ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ନ ହେଲେ ପ୍ରତି ଜିଲ୍ଲା ମୁଖ୍ୟାଳୟରେ ଛାତ୍ରକଂଗ୍ରେସ ଓ ଦଳର ଅନ୍ୟ ଛାମୁଆ ସଂଗଠନଗୁଡ଼ିକ ଦ୍ୱାରା ବିକ୍ଷୋଭ, ଗଣଧାରଣା କରାଯିବା ସହ ଅନୁରୂପ ସାମ୍ବାଦିକ ସମ୍ମିଳନୀମାନ ହେବ ବୋଲି ସୂଚନା ଦେଇଥିଲେ।

# କଟକ ସିଟି



# ଜନଗହଳି ଅଞ୍ଚଳରେ ବେପରୁଆ ଗାଡ଼ି ଚାଳନା | ଦୁର୍ଘଟଣାରେ ଯୁବତୀ ମୃତ

କଟକ,୩୦।୫(ସମିସ):







ମାଲଗୋଦାମ ଥାନା ନିକଟରେ ଥିବା ଆଇ ଲଭ୍ କଟକ ଲୋଗୋ ନିକଟରେ ଘଟିଛି ଅଘଟଣ। ସହରର ଏହି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଜଣଙ୍କ ଜୀବନ ଯାଇଥିବା ବେଳେ ତାଳଦଣ୍ଡା କେନାଲ ସଂପ୍ରସାରିତ ରାସ୍ତାରେ ଏକ କମ୍ପାନୀରେ ନିୟୋଜିତ ବସ ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତା ଯୁବତୀ ଜଣକ ହେଲେ ତୁଳସୀପୁର ଅଞ୍ଚଳର ପଞ୍ଚାନନ ମହାନ୍ତିଙ୍କ ଝିଅ ସ୍ୱାଗତିକା(୨୩)। ଏହି ଘଟଣାରେ ମାଲଗୋଦାମ ଥାନା ପୁଲିସ ଦୁର୍ଘଟଣା ଘଟାଇଥିବା ବସକୁ ଜବତ କରିବା ସହ ଚାଳକ ଲକ୍ଷ୍ମୀଧର ସାହୁକୁ ଗିରଫ କରିଛି।

ସୂଚନା ଅନୁସାରେ, ସ୍ୱାଗତିକା କଲେଜରେ ପାଠପଢ଼ା ସହ ଏକ ଏନ୍‌ଜିଓରେ ସଦସ୍ୟ ହୋଇ ସମାଜସେବା କାର୍ଯ୍ୟ କରୁଥିଲେ। ଆଜି ଉକ୍ତ ଏନଜିଓ ପକ୍ଷରୁ ଚାଉଳିଆଗଞ୍ଜ ଅଞ୍ଚଳରେ ରକ୍ତଦାନ ଶିବିର ହୋଇଥିଲା। ଉକ୍ତ ଶିବିରରେ ରକ୍ତ ଦେବା ଲାଗି ମଧ୍ୟାହ୍ନ ସମୟରେ ସ୍ୱାଗତିକା ସ୍କୁଟି ନେଇ ଘରୁ ବାହାରିଥିଲେ। ସେ ଯୋବ୍ରା ଆନିକଟ ଛକରୁ ଭାଙ୍ଗି କଲେଜଛକ ଦେଇ ଓଏମପି ଆଡକୁ ଯାଉଥିଲେ। ଏତିକିବେଳେ ଆଇ ଲଭ୍ କଟକ ନିକଟରେ ଥିବା ଗ୍ରେଟ୍ ଇଣ୍ଡିଆ ଟ୍ରାନ୍ସପୋର୍ଟ ସମ୍ମୁଖରେ ହଠାତ ଏକ ବସ ପଛରୁ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଏହାପରେ ସେ ସ୍କୁଟିରୁ ତଳେ ପଡିଯାଇଥିଲେ। କ୍ଷଣିକରେ ବସ୍‌ର ଚକା ସ୍ୱାଗତିକାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ବସର ଚାଳକ ଫେରାର ହେବାକୁ ଉଦ୍ୟମ କରୁଥିଲା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରି ନେଇଥିଲେ। ସେଠାରେ ଦେଢ଼ ଘଣ୍ଟା ଧରି ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ମାଲଗୋଦାମ ଥାନା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଏସସିବି ମେଡିକାଲ ପଠାଇଥିଲା। ଏହି ଘଟଣାରେ ପୁଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟି ସହିତ ଦୁର୍ଘଟଣା ଘଟାଇଥିବା ବସ୍(ଓଆର-୧୯-ଏନ-୮୬୯୨)କୁ ଜବତ କରିଛି। ତତ୍‌ସହିତ ବସର ଚାଳକ ଲକ୍ଷ୍ମୀଧରକୁ ଗିରଫ କରିବା ପରେ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ବସଟି ଏକ ସଂସ୍ଥା ପକ୍ଷରୁ ନିର୍ମାଣାଧୀନ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟରେ

## ମାଲଗୋଦାମ ଥାନା ନିକଟରେ ସ୍କୁଟିକୁ ଧକ୍କାଦେଲା ବସ୍; ଚାଳକ ଗିରଫ

## ଘଟଣାସ୍ଥଳରେ ଚାପା ଉତ୍ତେଜନା; ପୁଲିସ ହସ୍ତକ୍ଷେପରେ ପରିସ୍ଥିତି ସ୍ୱାଭାବିକ

ନିୟୋଜିତ ହୋଇଥିଲା। ଶ୍ରମିକଙ୍କୁ ନେବାଆଣିବା କାର୍ଯ୍ୟ କରୁଥିଲା। ଦୁର୍ଘଟଣା ପୂର୍ବରୁ ବସ ଚାଳକ ଶ୍ରମିକଙ୍କୁ ଧରି ଜଗତପୁରସ୍ଥିତ ମେସ୍ ଅଭିମୁଖେ ଯାଉଥିଲେ ବୋଲି ଜଣାପଡିଛି। ଏନେଇ ପୁଲିସ କେସ୍ ନଂ ୧୯୫/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଅନ୍ୟପଟେ ମାଲଗୋଦାମ ଛକ ଟ୍ରାଫିକ୍ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚୌଦ୍ୱାର ପଟୁ ଆସୁଥିବା ଗାଡ଼ି, ରିଂରୋଡ୍‌ରେ ଆସୁଥିବା ଗାଡ଼ି ଏବଂ କଲେଜ ଛକ ପଟୁ ଅସୁଥିବା ଗାଡ଼ିକୁ ଶୃଙ୍ଖଳିତ ଭାବେ ଯାତାୟାତ କରୁ ନଥିବା ଅଭିଯୋଗ ହୋଇଛି। ଏଠାରେ ମାତ୍ର ଜଣେ ଟ୍ରାଫିକ୍ ପୁଲିସ ଡ୍ୟୁଟି କରୁଥିବା ବେଳେ ଅନେକ ସମୟରେ ରଂରୁଟ୍‌ରେ ଲୋକମାନେ ଯାତାୟାତ କରୁଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପୁଲିସ ନିୟୋଜିତ କରାଯାଉ ନାହିଁ। ସେହିପରି କଲେଜ ଛକ ପଟୁ ଆସୁଥିବା ଗାଡ଼ିଗୁଡ଼ିକ ଦ୍ରୁତ ଗତିରେ ଆସୁଥିବା ବେଳେ ସେମାନେ ଟ୍ରାଫିକ୍ ନିୟମ ପାଳନ କରୁନାହାନ୍ତି। ନିକଟରେ ମାଲଗୋଦାମ ଥାନା ରହିଥିବା ବେଳେ ପୁଲିସ ମଧ୍ୟ ଭିଡ଼ ନିୟନ୍ତ୍ରଣ କରିବାରେ ଟ୍ରାଫିକ୍ ପୁଲିସ ସହଯୋଗ କରୁ ନଥିବା ଅଭିଯୋଗ ଉଠିଛି। ଫଳରେ ଅନେକ ସମୟରେ ବାରମ୍ବାର ଦୁର୍ଘଟଣା ଘଟୁଛି।

# ଜମି ବିବାଦରୁ ଗଣ୍ଡଗୋଳ: ଅଭିଯୁକ୍ତ ଗିରଫ

କଟକ,୩୦।୫(ସମିସ): ଦରଘାବଜାର ଥାନା ଅଞ୍ଚଳରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଚିକିତ୍ସା ପାଇଁ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏତଲାକ୍ରମେ ପୁଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତ ତଥା ତିନିକୋଣିଆ ବଗିଚା ଅଞ୍ଚଳର ନିଖିଲକୁମାର ଦାସ(୩୦)କୁ ଗିରଫ କରିଛି। ସନ୍ଧ୍ୟାରେ ତାକୁ କୋର୍ଟଚାଲାଣ କରାଯାଇଥିବା ବେଳେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜମିବାଡ଼ିକୁ କେନ୍ଦ୍ରକରି ଧଡ଼ିଆ ବେହେରା(୫୫) ଏବଂ ନିଖିଳଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେଲାଣି ବିବାଦ ଲାଗିରହିଥିଲା। ବିବାଦର ସମାଧାନ ପାଇଁ ସ୍ଥାନୀୟ କେତେକ ଲୋକେ ଏକାଧିକ ଥର ଉଦ୍ୟମ କରିଥିଲେ ହେଁ, କିଛି ସୁଫଳ ମିଳିବା ପରିବର୍ତ୍ତେ ବିବାଦ ଦିନକୁ ଦିନ ଆହୁରି ବଢ଼ିବାରେ ଲାଗିଥିଲା। ଏହି ଘଟଣାକୁ ନେଇ ଆଜି ଉଭୟ ପରିବାର ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନିଖିଲ ଧଡ଼ିଆଙ୍କୁ ଆକ୍ରମଣ କରିଥିଲା। ଏକ ଲୁହା ଜିନିଷ ଧରି ତାଙ୍କ ମୁହଁକୁ ଆକ୍ରମଣ କରିଥିଲା। ଫଳରେ ରକ୍ତାକ୍ତ ହୋଇ ଧଡ଼ିଆ ତଳେ ପଡିଯାଇଥିଲେ। ଏହାସତ୍ତ୍ୱେ ନିଖିଲ ତାଙ୍କୁ ବିଧା ଗୋଇଠା ମାରିଚାଲିଥିଲା। ପରିବାରର ସଦସ୍ୟମାନଙ୍କ ପାଟିଶୁଣି କିଛି ପଡ଼ୋଶୀ ସେଠାକୁ ଧାଇଁ ଆସିବାରୁ ନିଖିଲ ସେଠାରୁ ଚମ୍ପଟ ମାରିଥିଲା। ଧଡ଼ିଆଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ସିଟି ହସପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା, ହେଲେ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ହୋଇପଡ଼ିବାରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ଆଧାରରେ ନିଖିଲକୁ ଗିରଫ କରାଯାଇଥିବା ଥାନାଧିକାରୀ ରାକେଶକୁମାର ବେହେରା ସୂଚନା ଦେଇଛନ୍ତି।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଭାଷା ସାହିତ୍ୟ ଚର୍ଚ୍ଚା | ଆଧୁନିକ ମାନକ ଓଡ଼ିଆ ଭାଷାର ନିର୍ମାତା ଥିଲେ ଗୌରୀଶଙ୍କର

କଟକ,୩୦।୫(ସମିସ): ଆଧୁନିକ ଓଡ଼ିଆ ଭାଷାର ନିର୍ମାଣ ପାଇଁ ଗୌରୀଶଙ୍କର ରାୟଙ୍କ ଅବଦାନ ଅତୁଳନୀୟ। କେବଳ ଓଡ଼ିଆ ଭାଷାର ସୁରକ୍ଷାରେ ନୁହେଁ, ଉତ୍କଳ ଦୀପିକାରେ ତାଙ୍କର ଓଡ଼ିଆ ଭାଷାର ବ୍ୟବହାର ହିଁ ଥିଲା ମାନକ ଓଡ଼ିଆ ଭାଷାର ସର୍ବଶ୍ରେଷ୍ଠ ଉଦାହରଣ। ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଭାଷା ସାହିତ୍ୟ ଚର୍ଚ୍ଚାରେ ଯୋଗଦେଇ ମାନକ ଓଡ଼ିଆ ଭାଷାର ନିର୍ମାଣ ଓ ଗୌରୀଶଙ୍କର ବିଷୟରେ ଆଲୋଚନା କରି ଆଲୋଚକମାନେ ମତ ପ୍ରକାଶ କରିଛନ୍ତି। ଆଜି ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ



ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ଼କ୍ଟର ଗୌରାଙ୍ଗ ଚରଣ ଦାଶ ମାନକ ଓଡ଼ିଆ ଭାଷାର ନିର୍ମାଣ ଓ ଗୌରୀଶଙ୍କର ବିଷୟରେ ଆଲୋକପାତ କରି କହିଲେ ଯେ ପତ୍ରିକା ସମ୍ପାଦନା, ବିଭିନ୍ନ ପୁସ୍ତକର ଆଲୋଚନା ଓ ଗ୍ରନ୍ଥ ସଂପାଦନାରେ ମାନକ ଓଡ଼ିଆ ଭାଷାର ପ୍ରୟୋଗକୁ ଯେ କେହି ଲକ୍ଷ୍ୟ କରିପାରିବେ। ଏହି ଅବସରରେ ଉତ୍କଳ ସାହିତ୍ୟ ସମାଜର କୋଷାଧକ୍ଷ ଦିଲ୍ଲୀପ କୁମାର ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସାହିତ୍ୟ ଆଲୋଚନର ସମ୍ପାଦକ ରଘୁ ସାହୁ ସ୍ୱାଗତ ଭାଷଣ,ସାହିତ୍ୟ ଆଲୋଚନାର ଅନ୍ୟତମ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଅତିଥି ପରିଚୟ ଓ କାର୍ଯ୍ୟନିର୍ବାହୀକା ସଦସ୍ୟ ଗୀତାଞ୍ଜଳି ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଶିବାଶିଷ କର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧ୍ୟାପକ ଉମାଶଙ୍କର ମିଶ୍ର ଓ ଅଧ୍ୟାପକ ଅକ୍ଷୟ କୁମାର ଭଦ୍ର ଅଂଶଗ୍ରହଣ କରିଥିଲେ।

## କଟକ ଜିଲ୍ଲାରେ ଖରିଫ ଫସଲ ପାଇଁ ଜଳସେଚନ ଚିନ୍ତା

# ୨୪୦ ଉଠା ଜଳସେଚନ ପଏଣ୍ଟ ଅଚଳ

କଟକ, ୩୦।୫(ସମିସ): ଚଳିତ ବର୍ଷ ଏଲନିନୋ ପ୍ରଭାବରେ ରାଜ୍ୟରେ କମ ବୃଷ୍ଟିପାତର ଆଶଙ୍କା ଉପୁଜିଛି। ମେ ମାସ ଶେଷ ହେବାକୁ ବସିଥିବା ବେଳେ ଏଯାଏଁ ଖରିଫ ଫସଲ ପାଇଁ ପାଗ ଅନକୂଳ ହୋଇପାରିନାହିଁ। କଟକ ଜିଲ୍ଲାର ୧ଲକ୍ଷ ୮୮ହଜାର ହେକ୍ଟର ଜମିରେ ଖରିଫ ଚାଷ ହେଉଥିବା ବେଳେ ପ୍ରାୟ ୪୦ ହଜାର ହେକ୍ଟର ଜମିରେ ଉଠା ଜଳସେଚନ ପଏଣ୍ଟ ଜରିଆରେ ଜଳସେଚନ ହୋଇଥାଏ। ଜିଲ୍ଲାରେ ୨୪୦ଟି ଉଠା ଜଳସେଚନ ପଏଣ୍ଟ ଅଚଳ ଅବସ୍ଥାରେ ରହିଥିଲେ ସୁଦ୍ଧା ଏଗୁଡିକୁ ସଚଳ କରାଯାଇପାରି ନଥିବା ଜଣାପଡିଛି।

ଜିଲ୍ଲାରେ ମୋଟ ୧୫୩୩ଟି ଏଲଆଇ ପଏଣ୍ଟ ରହିଛି। ଏଗୁଡିକ ମଧ୍ୟରୁ ୨୭୪ଟି ପଏଣ୍ଟ ଅଚଳ ହୋଇରହିଥିବା ବେଳେ ସେଥି ମଧ୍ୟରୁ ୩୪ଟି ପଏଣ୍ଟ ସଚଳ ହୋଇ ସାରିଲାଣି। ଏବେ ସଚଳ ପଏଣ୍ଟ ମାଧ୍ୟମରେ ୨୮ହଜାର ୧୪୩ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯାଇପାରୁଛି। କଟକ ସଦର, ମାହାଙ୍ଗା, ବାଙ୍କୀ-ଡମପଡା, ନରସିଂହପୁର ଓ ନିଆଳି ଆଦି ବ୍ଲକରେ ଅଧିକାଂଶ ଏଲଆଇ ପଏଣ୍ଟ ଅଚଳ ହୋଇପଡିଛି। ଗୋଟିଏପଟରେ ଅନୁଦାନ ଅଭାବରୁ ଅଚଳ ରହିଥିବା ଏଲଆଇ ପଏଣ୍ଟ ଗୁଡିକୁ ସଚଳ କରାଯାଇନଥିବା ବେଳେ ସରକାର ନୂତନ ପଏଣ୍ଟ ପାଇଁ ଯୋଜନା କରିଛନ୍ତି।



ମିଳିଥିବା ସୂଚନାନୁସାରେ, ଏବେ ଜିଲ୍ଲାର ସମସ୍ତ ୧୪ଟି ବ୍ଲକରେ ଚଳିତ ୨୦୨୬-୨୭ଆର୍ଥିକ ବର୍ଷରେ ଆହୁରି ୨୩୭ଟି ନୂତନ ଏଲଆଇ ପଏଣ୍ଟ ସ୍ଥାପନ କରାଯିବ। ଏଥିପାଇଁ ଜିଲ୍ଲା ଉଠା ଜଳସେଚନ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ପର୍ବ ଶେଷ ହୋଇଥିବା ଜଣାପଡିଛି। ଏହି ପ୍ରକଳ୍ପଗୁଡିକ ପାଇଁ ଖର୍ଚ୍ଚ ହେବାକୁ ଥିବା ୯୪ କୋଟି ୮୦ ଲକ୍ଷ ଟଙ୍କାର ଅନୁଦାନ ନାବାର୍ଡ ବହନ କରିବ ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି। ଆଗାମୀ ଏକ ବର୍ଷ ମଧ୍ୟରେ ଯଦି ସମସ୍ତ ପ୍ରକଳ୍ପର କାର୍ଯ୍ୟ ଶେଷ ହୁଏ, ଜିଲ୍ଲାରେ ଆହୁରି ୪ହଜାର ୭୪୦ହେକ୍ଟର ଚାଷ ଜମିରେ ଏହା ମାଧ୍ୟମରେ ଚାଷ ଜମିକୁ ଜଳସେଚିତ କରାଯାଇପାରିବ ବୋଲି କୁହାଯାଇଛି।

## କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆମ୍ବୁଲାନ୍ସ ସେବାର ଲୋକାର୍ପଣ

କଟକ,୩୦।୫(ସମିସ): ରେଡ୍‌କ୍ରସ ଖେଳପଡ଼ିଆଠାରେ ଆଜି ସାଂସଦ ଭର୍ତ୍ତୃହରି ମହତାବଙ୍କ ସାଂସଦ ପାଣ୍ଠିରୁ ସାତ ଲକ୍ଷ ଟଙ୍କା ବ୍ୟୟରେ ଏକ ଆମ୍ବୁଲାନ୍ସ କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟକୁ ପ୍ରଦାନ କରାଯାଇଛି। କଲ୍ୟାଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଉକ୍ତ ଆମ୍ବୁଲାନ୍ସ ସେବା ଲୋକାର୍ପିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦ ଭର୍ତ୍ତୃହରି ମହତାବ ଆମ୍ବୁଲାନ୍ସ ସେବାର ଲୋକର୍ପଣ କରିବା ସହ ଏହା ମାଧ୍ୟମରେ ରୋଗୀମାନେ ଏବେ ସୁଲଭ ମୂଲ୍ୟରେ ଡାକ୍ତରଖାନା ଯାଇପାରିବେ ବୋଲି ଆଶା ପ୍ରକଟ କରିଥିଲେ। ବାଇଶି ଦିଗ ଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କଟକ-ଚୌଦ୍ୱାର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଇଂ ପ୍ରଦୀପ ବେହେରା, ବିଶ୍ୱଜିତ ସୂର୍ଯ୍ୟବଂଶୀ, ୫୩ ନଂ ୱାର୍ଡର କର୍ପୋରେଟର ଅରବିନ୍ଦ ଜେନା, କଲ୍ୟାଣୀନଗର ଅଞ୍ଚଳର ମୁରବୀ ତଥା ଟ୍ରଷ୍ଟର ଉପଦେଷ୍ଟା ଡ଼ଃ ବିପିନ ଭୋଳ ପ୍ରମୁଖ ଯୋଗ ଦେଇ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ପ୍ରଶଂସା କରିଥିଲେ। ଏହି ଆମ୍ବୁଲାନ୍ସଟି ଏବେ ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟାଳୟ ସ୍ଥାନୀୟ କଲ୍ୟାଣୀନଗରଠାରେ ରହିବ। ଯଦି କୌଣସି ରୋଗୀଙ୍କ ଆବଶ୍ୟକ ପଡେ ତେବେ ୭୨୦୫୮୧୦୪୧୭ ଓ ୯୯୩୭୯୪୭୭୨ରେ ଯୋଗାଯୋଗ କଲେ ଏହି ଆମ୍ବୁଲାନ୍ସ ସେବା ଅବିଳମ୍ବେ ମିଳିପାରିବ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ଲିପ୍ତିମୟୀ ମହାନ୍ତି, ସଭାପତି ସଂଜୀବ କୁମାର ସ୍ୱାଇଁ ଓ ସମ୍ପାଦକ ମାନସ ମୁଦୁଲି କହିଛନ୍ତି।

## ଜୁନ୍ ପହିଲାରୁ ଗୋପାଳପୁର ସ୍ୱୟଂଚାଳିତ ଡ୍ରାଇଭିଂ କେନ୍ଦ୍ରରେ ହେବ ଡିଏଲ୍ ଓ ଏଲ୍‌ଏଲ୍‌ଆର୍ ପରୀକ୍ଷା

କଟକ,୩୦।୫(ସମିସ): ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ଏବଂ ଲର୍ଣ୍ଣର୍ସ ଲାଇସେନ୍ସ (ଏଲ୍‌ଏଲ୍‌ଆର୍) ପରୀକ୍ଷା ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। କାର୍ଯ୍ୟାଳୟ ଆଦେଶ ଅନୁଯାୟୀ, ବର୍ତ୍ତମାନ ସେକ୍ଟର-୬, ସିଡିଏ, କଟକରେ ପରିଚାଳିତ ହେଉଥିବା ଡ୍ରାଇଭିଂ ପରୀକ୍ଷାକୁ ଆସନ୍ତା ଜୁନ୍ ୧ତାରିଖଠାରୁ ଗୋପାଳପୁରସ୍ଥିତ ସ୍ୱୟଂଚାଳିତ ଡ୍ରାଇଭିଂ ଟେଷ୍ଟିଂ ଷ୍ଟେସନ୍ (ଏଡିଟିଏସ)କୁ ସ୍ଥାନାନ୍ତର କରାଯାଇଛି। ଏହି ନୂତନ କେନ୍ଦ୍ରରେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ସହ ଲର୍ଣ୍ଣର୍ସ ଲାଇସେନ୍ସ ପରୀକ୍ଷା ମଧ୍ୟ ୧ ଜୁନ୍‌ଠାରୁ କାର୍ଯ୍ୟକାରୀ ହେବ। ଯେଉଁ ଆବେଦନକାରୀମାନେ ଡ୍ରାଇଭିଂ ଲାଇସେନ୍ସ ପରୀକ୍ଷା ପାଇଁ ପୂର୍ବରୁ ସମୟ ଓ ତାରିଖ ବୁକ୍ କରିଛନ୍ତି, ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ନୂତନ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ୧ ଜୁନ୍ କିମ୍ବା ଏହା ପରବର୍ତ୍ତୀ ତାରିଖ ପାଇଁ ବୁକିଂ କରିଥିବା ଆବେଦନକାରୀଙ୍କୁ ପରୀକ୍ଷା ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସୂଚିତ କରାଯିବ।

## ବଜାର ଦର ଉପରେ ପରିବହନ ଖର୍ଚ୍ଚ ବୃଦ୍ଧିର ପ୍ରଭାବ

# ବଢ଼ିଲା ପନିପରିବା ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର

କଟକ,୩୦।୫(ସମିସ): ରାଜ୍ୟରେ ବିଗତ କିଛି ଦିନ ହେବ ପେଟ୍ରୋଲ ଓ ଡିଜେଲ ଦରରେ କ୍ରମାଗତ ବୃଦ୍ଧି ଘଟି ଚାଲିଛି। ତୈଳ ଦର ବୃଦ୍ଧି ପାଇଁ ମାଲବାହୀ ଗାଡି ତଥା ଟ୍ରକ ଓ ପିକଅପଗୁଡିକର ଭଡ଼ା ଅଘୋଷିତ ଭାବେ ବଢିଯାଇଛି। ଫଳରେ ଏହା ପରିବହନ ଖର୍ଚ୍ଚକୁ ବଢ଼ାଇ ଦେଇଛି। ଏହିକ୍ରମରେ ଓଡ଼ିଶାରେ ଡିଜେଲ ଦର ଲିଟର ପିଛା ୧୦୦ ଟଙ୍କା ପାର୍ କରିଯାଇଛି। ଡିଜେଲ ଲିଟର ପିଛା ୧୦୦ଟଙ୍କା ୯୦ପଇସା ହୋଇଥିବା ବେଳେ ଗତ ୧୫ଦିନ ତଳେ ଏହା ୯୫ଟଙ୍କା ଥିଲା। ରାଜ୍ୟର ବୃହତ୍ତମ ହୋଲସେଲ ମାର୍କେଟ କଟକ ମାଲଗୋଦାମର ବ୍ୟବସାୟୀଙ୍କ କହିବା ଅନୁଯାୟୀ, ପରିବହନ ସଂସ୍ଥାଗୁଡ଼ିକ ପନିପରିବା, ଫଳ ଓ ଗ୍ରୋସେରୀ ସାମଗ୍ରୀ ଆଣିବା ପାଇଁ ଅଧିକ ଭଡ଼ା ଦାବି କଲେଣି। କଟକ ଚାମ୍ବର ଅଫ୍ କମର୍ସର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ କହିଛନ୍ତି ଯେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଛତିଶଗଡ଼ରୁ ଆସୁଥିବା ମାଲ୍‌ବାହୀ ଟ୍ରକ୍‌ଗୁଡ଼ିକର କ୍ୱିଣ୍ଟାଲ ପିଛା ପରିବହନ ଖର୍ଚ୍ଚ ବଢ଼ିଛି। ଛତିଶଗଡ଼ର ରାୟପୁରରୁ ଆସୁଥିବା ଗାଡ଼ି ଭଡ଼ା କ୍ୱିଣ୍ଟାଲ ପିଛା ୧୬୦ ଟଙ୍କାରୁ ବଢ଼ି ୨୫୦ ଟଙ୍କା ହୋଇଗଲାଣି। ଯଦିଓ ପାଇକାରୀ ବଜାରରେ ଖାଉଟି ସାମଗ୍ରୀ ଦର ବଢିନାହିଁ ତେବେ ଖୁଚୁରା ବିକ୍ରେତାମାନେ ଅଧିକ ଗାଡି ଭଡା ଦେଇ ସାମଗ୍ରୀ ନେଉଥିବାରୁ ବଜାରରେ ଖାଉଟି ସାମଗ୍ରୀ ଖାଇବା ତେଲ, ଡାଲି, ଅଟା, ଚୋକଡ଼ ଓ ପନିପରିବା ଦର ବୃଦ୍ଧି ଘଟିଛି। ପଶ୍ଚିମବଙ୍ଗରୁ ଆସୁଥିବା ଆଳୁ ବସ୍ତା ପ୍ରତି ଦର ପୂର୍ବରୁ ୪୦୦ ଟଙ୍କା ରହିଥିବା ବେଳେ ଏବେ ଏହା ପରିବହନ ଖର୍ଚ୍ଚ ବୃଦ୍ଧି ପାଇଁ ୪୭୦ଟଙ୍କା ହୋଇଛି। ସେହିଭଳି ଆନ୍ଧ୍ରପ୍ରଦେଶ ଓ ନାସିକରୁ ଆସୁଥିବା ପିଆଜ ଦର ଏବେ କ୍ୱିଣ୍ଟାଲ ପ୍ରତି ୧୫୦୦ଟଙ୍କାରୁ ବୃଦ୍ଧି ପାଇ ୨୫୦୦ଟଙ୍କା ହୋଇଛି। ଏବେ ପନିପରିବା ସ୍ଥାନୀୟ ଉତ୍ପାଦନ ଉପରେ ନିର୍ଭରଶୀଳ ଥିବାରୁ ବେଶୀ ଦର ବଢିନାହିଁ କିନ୍ତୁ ଆଉ ୧୦ ଦିନ ଭିତରେ ବାହାର ରାଜ୍ୟରୁ ପନିପରିବା ଆମଦାନୀ ହେଲେ ସେତେବେଳେ ବର୍ଦ୍ଧିତ ପରିବହନ ଖର୍ଚ୍ଚ ଯୋଗୁଁ ବଜାରରେ ପନିପରିବା ଦର ମଧ୍ୟ ହୁ ହୁ ହୋଇ ବଢ଼ିବ ବୋଲି କୁହନ୍ତି ଛତ୍ରବଜାର ବ୍ୟବସାୟୀ। ଅନ୍ୟପଟରେ ଫଳଗୁଡିକ ବାହାରୁ ଆମଦାନୀ ହେଉଥିବାରୁ ଏହାର ଦର ପରିବହନ ଖର୍ଚ୍ଚ ବୃଦ୍ଧି ପାଇଁ ବଢିଚାଲିଛି।

## ଗୋବରୀ ଜଳ ନିକାଶ ସଂଯୋଗୀ ନାଳି ଉନ୍ନତୀକରଣରେ ଅନିୟମିତତା

# ମେସିନରେ ଖୋଳି ହାଇୱାରେ ବିକ୍ରି ହେଉଛି ମାଟି

ଭଦ୍ରେଶ୍ୱର,୩୦।୫(ସମିସ):








ନିର୍ମାଣ ନିୟମକୁ ଫୁ କରି ଉଡାଇ ଦେଉଛି ଡ୍ରେନେଜ ବିଭାଗ। ନାମକୁ ମାତ୍ର ନଦୀ ଗର୍ଭକୁ ଖୋଳାଯାଉଥିଲା ବେଳେ ସଠିକ ଢଙ୍ଗରେ ନିର୍ମାଣ ହେଉନି ଶଯ୍ୟା। ଉଭୟ ପାଶ୍ୱର୍ ବନ୍ଧକୁ ଠିକାଦାର ମେସିନ ସହାୟତାରେ ମନଇଚ୍ଛା ମାଟି ତାଡି ହାଇୱାରେ ବିକ୍ରି କରୁଥିବାର ଅଭିଯୋଗ ହୋଇଛି। ମାହାଙ୍ଗାର ସ୍ୱାଧୀନ ବିଧାୟକଙ୍କ ନାଁ ନେଇ ଖସିଯିବାକୁ ବସିଛନ୍ତି ବିଭାଗୀୟଯନ୍ତ୍ରୀ। ଏଭଳି ଅନିୟମିତତାର ନମୁନା ଦେଖିବାକୁ ମିଳିଛି ମାହାଙ୍ଗା ଡ୍ରେନେଜ ବିଭାଗ କାର୍ଯ୍ୟାଳୟରେ। ଯେଉଁଠି ଡ୍ରେନେଜ ବିଭାଗ ପକ୍ଷରୁ ନିର୍ମାଣ ହେଉଛି ଗୋବରୀ ଜଳ ନିକାଶ ସଂଯୋଗୀ ନାଳି(ମଇଜୋର)ର ଉନ୍ନତିକରଣ କାର୍ଯ୍ୟ। ଏହି ଉନ୍ନତିକରଣ କାର୍ଯ୍ୟ ବାବଦକୁ ବିଭାଗ ପକ୍ଷରୁ ୮କୋଟି ୪୩ଲକ୍ଷ ୬୨ହଜାର ୫୪୪ଟଙ୍କା ବ୍ୟୟ ବରାଦ କରାଯାଇଛି।


ନିୟମାନୁଯାୟୀ, ନଦୀର ଗଭୀରତା, ଉଚ୍ଚତା ଓ ଦୁଇବନ୍ଧ ମଧ୍ୟରେ ଦୂରତା ସଠିକ ଭାବରେ ରହୁନଥିବାର ଦେଖିବାକୁ ମିଳିଛି। ଏପରିକି ସଠିକ ଢଙ୍ଗରେ ନଦୀ ଶଯ୍ୟା (ବେଡ)ର ନିର୍ମାଣ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହୋଇଛି। ନାମକୁ ମାତ୍ର ନଦୀ ଶଯ୍ୟା ନିର୍ମାଣ କରାଯାଉଥିଲା ବେଳେ ବିଭିନ୍ନ ସ୍ଥାନରେ ଠୁଳ କରାଯାଇଛି ଖୋଳାଯାଇଥିବା ମାଟି। ଏପରିକି ୧ଫୁଟ ମାଟିଖୋଳି ୪-୫ଫୁଟର ବିଲ କରିବାକୁ ଚାଲିଛି ମସୁଧା। ନଦୀ ଗର୍ଭରୁ ଯେତିକି ମାଟି ଖନନ କରାଯାଏ ତାହା ଉଭୟ ପାଶ୍ୱର୍ବନ୍ଧରେ ପକାଯିବାର ନିୟମ ରହିଛି। ଆବଶ୍ୟକତାଠାରୁ ଅଧିକ ମାଟି ଖନନ କରାଯାଉଥିଲେ ତାହା ବନ୍ଧଠାରୁ ୧୦୦ମିଟର ଦୂରତା ମଧ୍ୟରେ ପକାଯିବାର ନିୟମ ରହିଛି। କିନ୍ତୁ ଠିକାଦାରଙ୍କ ପକ୍ଷରୁ ଏହି ନିର୍ମାଣ ନିୟମକୁ ପାଳନ କରାଯାଉ ନଥିବାର ଅଭିଯୋଗ ହୋଇଛି। ବନ୍ଧ ଉପରେ ଶଯ୍ୟା ନିର୍ମାଣ କରାନଯାଇ ମନଇଚ୍ଛା ମାଟି ଗଦା କରିଦିଆଯାଉଥିବାର ଅଭିଯୋଗ ହୋଇଛି। ଯାହାଫଳରେ ବର୍ଷା ହେଲେ ବନ୍ଧରୁ ମାଟି ଧୋଇହୋଇ ପୁନର୍ବାର ନଦୀ ଗର୍ଭରେ

### ବିଧାୟକଙ୍କ ନାମ ନେଇ ଖସିଯିବାକୁ ବସିଛନ୍ତି ଯନ୍ତ୍ରୀ

ପଶିବାର ସମ୍ଭାବନା ରହିଛି। ଏପରିକି ନିର୍ମାଣ ଆଇନକୁ ଖୁଲମ ଖୁଲା ଭାବେ ଉଲଙ୍ଘନ କରାଯାଇ ମେସିନ ସହାୟତାରେ ରାତି ଅଧରେ କରାଯାଉଛି ନିର୍ମାଣ କାର୍ଯ୍ୟ। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଦିନ ଦ୍ୱିପ୍ରହରରେ ମେସିନ ସହାୟତାରେ ମାଟି ଖନନ କରାଯାଇ ହାଇୱା ଯୋଗେ ଅନ୍ୟତ୍ର ଚାଲାଣ କରାଯାଉଛି। ଏହି ମାଟିକୁ ବିକ୍ରୟ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ଅର୍ଥ ଆଦାୟ କରାଯାଉଛି। ଯାହାର ଏକ ଜ୍ୱଳନ୍ତ ନମୁନା ଦେଖିବାକୁ ମିଳିଛି ଲକ୍ଷ୍ମୀନାରାୟଣପୁର ଠାରେ। ଯେଉଁଠି ହାଇୱାରେ ମାଟି ଲୋଡ କରାଯାଇ ବିକ୍ରି ହେଉଥିଲା ବେଳେ ଏବେ ମଧ୍ୟ ବିଭିନ୍ନ ବେସରକାରୀ ସ୍ଥାନରେ ବିକ୍ରି ପାଇଁ ଠୁଳ କରାଯାଇଛି ବିପୁଳ ପରିମାଣର ମାଟି। ତେବେ ଏହି ମାଟି ବିକ୍ରି ଓ ଠୁଳ କରିବାକୁ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଯନ୍ତ୍ରୀ କୁହନ୍ତି ବିଧାୟକଙ୍କ ନିର୍ଦ୍ଦେଶରେ ନଦୀ କଡରେ ଥିବା ଏକ ଶ୍ମଶାନକୁ ପୋତାଯାଇଛି। ତେବେ ଶ୍ମଶାନ କଡରେ ଏକ ବେସରକାରୀ ଜାଗାରେ ମାଟି ଠୁଳ ହେବା ଓ ହାଇୱାରେ ମାଟି ବିକ୍ରି କରିବା ବାବଦରେ କୌଣସି ମତ ରଖିନଥିଲେ ବିଭାଗୀୟ ଯନ୍ତ୍ରୀ। କେବଳ ବିଧାୟକଙ୍କ ନିର୍ଦ୍ଦେଶରେ ଶ୍ମଶାନ ପୋତାଯାଇଛି ନା ହାଇୱାରେ ମାଟି ଲୋଡ ହୋଇ ବିକ୍ରିପଛରେ ବିଧାୟକଙ୍କ ହାତ ରହିଛି ? ତେବେ ଘଟଣାକୁ ନେଇ ସ୍ପଷ୍ଟ ପ୍ରମାଣ ମିଳୁଛି ନଦୀ ଖୋଳାଯିବା ଆଳରେ ମାଟି ବିକ୍ରିର ଚେର ବିଭାଗଠାରୁ ବିଧାୟକ ଓ ଠିକାଦାରଙ୍କ ପର୍ଯ୍ୟନ୍ତ ଲମ୍ବିଛି। ତେବେ ଗୋବରୀ ନଦୀ ଜଳ ନିକାଶ ଆଳରେ ଯେଉଁ କୋଟି କୋଟି ଟଙ୍କାର ଦୁର୍ନୀତି ହେବାକୁ ଯାଉଛି ତାହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଘଟଣାରେ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

# ରାଜା





ମୂଳ ଇଂରାଜୀ: ଖଲିଲ ଜିବ୍ରାନ
ଅନୁସୃଜନ: ଲଳିତ ମୋହନ ମିଶ୍ର

ସାଦିକ ରାଜ୍ୟର ଲୋକମାନେ ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ନାରାବାଜି କଲେ ଓ ରାଜପ୍ରାସାଦକୁ ଚାରିପଟୁ ଘେରାବନ୍ଦୀ କରିଦେଲେ । ରାଜା ଗୋଟିଏ ହାତରେ ମୁକୁଟ ଏବଂ ଅନ୍ୟ ହାତରେ ରାଜଦଣ୍ଡ ଧରି ଓହ୍ଲାଇ ଆସିଲେ । ମହାରାଜାଙ୍କୁ ସମ୍ମୁଖରେ ଦେଖି ଲୋକମାନେ ନୀରବ ହୋଇଗଲେ । ସେ ସମସ୍ତଙ୍କୁ କହିଲେ, "ହେ ବନ୍ଧୁମାନେ ! ତୁମେମାନେ ମୋର ପ୍ରଜା ନୁହଁ । ମୁଁ ଜଣେ ସାଧାରଣ ଲୋକ । ସାଧାରଣ ଲୋକ ଭାବରେ ମୁଁ ତୁମମାନଙ୍କ ସହିତ କାମ କରିବି ଯେପରି ପରିସ୍ଥିତି ଭଲ ହେବ । ରାଜାର କିଛି ଆବଶ୍ୟକତା ନାହିଁ । ତେଣୁ ସମସ୍ତେ ଆସନ୍ତୁ ମିଳିମିଶି ଅଙ୍ଗୁର କ୍ଷେତକୁ ଯିବା, କାନ୍ଧକୁ କାନ୍ଧ ମିଶାଇ କାମ କରିବା । ତୁମେ ଖାଲି ମୋତେ ଏତିକି କୁହ, ମୁଁ କେଉଁ କ୍ଷେତରେ କାମ କରିବି ? ଆପଣମାନେ ଏବେ ସମସ୍ତେ ରାଜା ।"

ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ ଓ ନୀରବ ହୋଇଗଲେ । କାହିଁକି ନା ଯେଉଁ ରାଜାଙ୍କୁ ସେମାନେ ଅସନ୍ତୋଷର କାରଣ ବୋଲି ଭାବିଥିଲେ । ସେ ତାଙ୍କ ମୁକୁଟ ଓ ରାଜଦଣ୍ଡ ସେମାନଙ୍କୁ ହସ୍ତାନ୍ତର କରିଦେଲେ ଓ ସେମାନଙ୍କ ସହିତ ମିଶିଗଲେ । ରାଜା ବିନା ସାଦିକ ରାଜ୍ୟର ଅବସ୍ଥା ଖରାପ, ରାଜ୍ୟ ଉପରେ ଅସନ୍ତୋଷର ମେଘ ଢାଙ୍କି ରହିଛି । ଲୋକମାନେ ବଜାର ହାଟରେ ବଡ଼ ପାଟିରେ କହୁଥିଲେ, ସେମାନଙ୍କୁ ଶାସନ କରିବା ପାଇଁ ଜଣେ ରାଜା ଆବଶ୍ୟକ । ସେତେବେଳେ ବୃଦ୍ଧ ଏବଂ ଯୁବକମାନେ ଏକ ସ୍ୱରରେ କହିଲେ, "ଆମେ ଆମ ରାଜାଙ୍କୁ ଫେରାଇ ଆଣିବୁ ।" ସେମାନେ ସେମାନଙ୍କ ରାଜାଙ୍କୁ ଖୋଜିଲେ ଏବଂ କ୍ଷେତରେ ଝାଳ ବୁହାଇ କାମ କରୁଥିବାର ଦେଖିଲେ । ଲୋକମାନେ ତାଙ୍କୁ ସେଠାରୁ ନେଇଗଲେ । ରାଜ ମୁକୁଟ ରାଜଦଣ୍ଡ ଫେରାଇ ଦେଇ ସିଂହାସନରେ ବସାଇଲେ । ଲୋକମାନେ କହିଲେ, "ଏବେ ତୁମେ ସାହସର ସହିତ ନ୍ୟାୟପୂର୍ଣ୍ଣ ଶାସନ କର ।"

ରାଜା କହିଲେ, "ମୁଁ ଏଥର ଧୈର୍ଯ୍ୟର ସହିତ ଶାସନ କରିବି । ସ୍ୱର୍ଗ ମର୍ତ୍ତ୍ୟର ଦେବତାମାନେ ମୋତେ ଶାସନ କରିବାକୁ ସାହାଯ୍ୟ କରନ୍ତୁ ।" ଦିନେ ଅନେକ ପୁରୁଷ ଓ ମହିଳା ଆସି ଜଣେ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ସମ୍ବନ୍ଧରେ ଅଭିଯୋଗ କରିଥିଲେ । ଯିଏ କି ସେମାନଙ୍କୁ ଦୁର୍ବ୍ୟବହାର କରୁଥିଲେ ଏବଂ ତାଙ୍କ ନିକଟରେ ସେ କ୍ରୀତଦାସ ସ୍ୱରୂପ ଥିଲେ । ରାଜା ତୁରନ୍ତ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କୁ ଡାକି କହିଲେ, "ଈଶ୍ୱରଙ୍କ ତରାଜୁରେ ଗୋଟିଏ ବ୍ୟକ୍ତିର ଜୀବନ ଅନ୍ୟ ଜଣଙ୍କ ଜୀବନ ଓଜନଦାର । ତୁମେ ବୁଝିପାରୁନାହଁ ଯେଉଁମାନେ ତୁମର ଅଙ୍ଗୁର କ୍ଷେତରେ କାମ କରନ୍ତି, ସେମାନଙ୍କ ଜୀବନର ମୂଲ୍ୟାଙ୍କନ କିପରି କରାଯାଏ । ସେଥିପାଇଁ ତୁମକୁ ନିର୍ବାସିତ କରାଗଲା । ତୁମେ ସବୁଦିନ ପାଇଁ ଏହି ରାଜ୍ୟ ଛାଡ଼ି ଚାଲିଯାଅ ।" ପରଦିନ ରାଜାଙ୍କ ପାଖକୁ ଆହୁରି ଅନେକ ଲୋକ ଆସିଲେ । ପର୍ବତ ଆରପଟେ ରହୁଥିବା ଜଣେ ସମ୍ଭ୍ରାନ୍ତ ମହିଳାଙ୍କ ନିର୍ଯାତନା ଓ ନିଷ୍ଠୁରତା ବିଷୟରେ ଅଭିଯୋଗ କରିଥିଲେ । ସେହି ସମ୍ଭ୍ରାନ୍ତ ମହିଳାଙ୍କୁ ତୁରନ୍ତ କୋର୍ଟକୁ ଡକାଗଲା, ରାଜା ତାଙ୍କୁ ମଧ୍ୟ ଦେଶାନ୍ତର ହେବାକୁ କହିଲେ । ଯେଉଁମାନେ ଆମର ଚାଷବାସ କରନ୍ତି ଆମ ଅଙ୍ଗୁର କ୍ଷେତର ଯତ୍ନ ନିଅନ୍ତି ସେମାନେ ଆମଠାରୁ ଶ୍ରେଷ୍ଠ । କାହିଁକି ନା ଆମେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ନ ଖାଉଛେ ଆଉ ଜୀବନ ଅତିବାହିତ କରୁଛେ । ତୁମେ ଏହାର ଅର୍ଥ ବୁଝିପାରୁନାହଁ, ତେଣୁ ଏହି ଦେଶ ଛାଡ଼ି ଅନ୍ୟ ଦେଶକୁ ଚାଲିଯାଅ । ପୁଣି ଅନେକ ପୁରୁଷ ମହିଳା ଆସିଲେ ଅଭିଯୋଗ କଲେ, ଧର୍ମାଧ୍ୟକ୍ଷ ଆମମାନଙ୍କଠାରୁ ପଥର ମଗାଉଛନ୍ତି ଏବଂ ମନ୍ଦିର ତିଆରି କରୁଛନ୍ତି, କିନ୍ତୁ ଆମକୁ ଗୋଟିଏ ଟଙ୍କା ମଧ୍ୟ ଦେଉ ନାହାଁନ୍ତି । ତାଙ୍କ ଭଣ୍ଡାରରେ ସୁନା ରୁପା ପରିପୂର୍ଣ୍ଣ । ଆମେ କିନ୍ତୁ ଦାରିଦ୍ର୍ୟର ଜୀବନ ବିତାଉ ଅଛୁ । ରାଜା ଧର୍ମାଧ୍ୟକ୍ଷକୁ ଡକାଇଲେ । ଯେତେବେଳେ ଧର୍ମାଧ୍ୟକ୍ଷ ପହଞ୍ଚିଲେ ରାଜା ତାଙ୍କୁ କହିଲେ, "ତୁମେ ପିନ୍ଧୁଥିବା ସୁନା ଜିନିଷର ଅର୍ଥ ହେଉଛି ତୁମେ ଜୀବନରୁ ଜୀବନ ନେଉଥିବା କାମ କରୁଛ, କିନ୍ତୁ କେବେ କାହାକୁ ଜୀବନ ଦେଇନାହଁ । ତେଣୁ ତୁମେ ସଦାସର୍ବଦା ପାଇଁ ଏହି ରାଜ୍ୟ ଛାଡ଼ି ଦେବାକୁ ପଡ଼ିବ ।"


ଏହିପରି ଭାବରେ ସମ୍ପୂର୍ଣ୍ଣ ମାସେ ପର୍ଯ୍ୟନ୍ତ ସ୍ତ୍ରୀ ପୁରୁଷମାନେ ପ୍ରତିଦିନ ରାଜାଙ୍କ ପାଖକୁ ଆସୁଥିଲେ, ସେମାନେ ବହନ କରୁଥିବା ଭାରକୁ ରାଜାଙ୍କୁ କହୁଥିଲେ । ରାଜା ପ୍ରତ୍ୟେକ ଦିନ କିଛି ଅତ୍ୟାଚାରୀଙ୍କୁ ରାଜ୍ୟରୁ ନିର୍ବାସିତ କରୁଥିଲେ । ସାଦିକ ରାଜ୍ୟର ଲୋକମାନେ ଆଶ୍ଚର୍ଯ୍ୟ ହେଉଥିଲେ । ସମସ୍ତଙ୍କର ମନରେ ପ୍ରସନ୍ନତା ଥିଲା । ଦିନକର କଥା ବୃଦ୍ଧ ଓ ଯୁବକମାନେ ରାଜାଙ୍କ ଦୁର୍ଗକୁ ଘେରାବନ୍ଦୀ କରିଦେଲେ । ସମସ୍ତଙ୍କ ସମ୍ମୁଖରେ ରାଜାଙ୍କୁ ଡକାଇଲେ । ଗୋଟିଏ ହାତରେ ତାଙ୍କର ମୁକୁଟ ଏବଂ ଅନ୍ୟ ହାତରେ ତାଙ୍କର ରାଜଦଣ୍ଡ ଧରି ରାଜା ଓହ୍ଲାଇ ଆସିଲେ । ଲୋକମାନେ ରାଜାଙ୍କୁ କହିଲେ, "ଆପଣ ଏବେ ଆମର ଯଥାର୍ଥ ରାଜା । ଆପଣ ଏହି ରାଜ୍ୟରୁ ସାପ ଏବଂ ଗଧିଆମାନଙ୍କୁ ନିପାତ କରିଦେଇଛନ୍ତି । ଆମେ ଆପଣଙ୍କ ପାଇଁ କୃତଜ୍ଞତାର ଗୀତ ଗାଇବାକୁ ଚାହୁଁଛୁ । ଏହି ମୁକୁଟ ଗୌରବ ଆପଣଙ୍କର ଏବଂ ଏହି ରାଜଦଣ୍ଡ ଆପଣଙ୍କର ।"

ତା'ପରେ ରାଜା କହିଲେ "ନା... ନା... ମୁଁ ନୁହେଁ... ତୁମେ ନିଜେ ରାଜା । ଯେତେବେଳେ ତୁମେ ମୋତେ ଜଣେ ଦୁର୍ବଳ ଶାସକ ଓ ଖରାପ ଶାସକ ବୋଲି ଭାବୁଥିଲ, ସେତେବେଳେ ମୁଁ ଦୁର୍ବଳ ଓ ଖରାପ ଶାସକ ଥିଲି । ବର୍ତ୍ତମାନ ତୁମର ଇଚ୍ଛା ଅନୁରୂପ ଶାସନ ଚାଲିଛି । ମୁଁ ତ କେବଳ ତୁମମାନଙ୍କ ମନରେ ବାସ କରିଥିବା ଏକ ଚିନ୍ତାଧାରା । ଯାହା କେବଳ ତୁମମାନଙ୍କ କାର୍ଯ୍ୟପନ୍ଥାରେ ଚାଲେ । ଶାସକ ବୋଲି କୌଣସି ବ୍ୟକ୍ତି ନାହିଁ । କେବଳ ଶାସିତମାନେ ନିଜକୁ ଶାସନ କରିବା ପାଇଁ ଅସ୍ତିତ୍ୱ ପାଆନ୍ତି ।" ଏହା ପରେ ରାଜା ତାଙ୍କର ମୁକୁଟ ଏବଂ ରାଜଦଣ୍ଡ ନେଇ ତାଙ୍କ ଦୁର୍ଗକୁ ଫେରିଗଲେ । ଜ୍ଞାନୀ ଓ ଯୁବକମାନେ ସନ୍ତୁଷ୍ଟ ହୋଇ ନିଜ ନିଜ ବାଟରେ ଚାଲିଗଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ ଗୋଟିଏ ହାତରେ ମୁକୁଟ ଓ ଅନ୍ୟ ହାତରେ ରାଜଦଣ୍ଡ ଧରି ନିଜକୁ ରାଜା ବୋଲି ଭାବିବାକୁ ଲାଗିଲେ । ■

ନୟାଗଡ଼
ମୋ: ୯୪୩୭୯୮୫୮୬୬




# ବର୍ଷା ଭିଜା କବାଟ



ମୂଳ ହିନ୍ଦୀ: ନରେଶ ସକ୍ସେନା
ଅନୁବାଦ: ମୃଣାଳ

ବର୍ଷା ଭିଜା କବାଟଟା ଫୁଲିଯାଇଛି
ଆମେ ଭାବିଥିଲୁ
ସେ ଯେ କେବେ ଗଛ ଥିଲା
ସେକଥା ବୋଧେ ଭୁଲିଯାଇଛି ।
କବାଟଟା ଆଉ ନିଜ ଚୌକାଠରେ
ଫିଟ୍ ହୋଇ ବସୁନାହିଁ ।
କେତେ ପିରିକ ମାରିଲେ ବି
ଆଣ୍ଟ ହୋଇ ରହିଛି
ବର୍ଷାକୁ ଛୁଇଁବାକୁ
କିଛିଟା ବାହାରକୁ ଝୁଲିଯାଇଛି ।
ଆଉ ଆମେ ଭାବିଥିଲୁ
ସେ ଯେ କେବେ ଗଛ ଥିଲା
ସେକଥା ବୋଧେ ଭୁଲିଯାଇଛି । ■

# ଭୋକ



ଭୋକ ଆଗେ ମସ୍ତିଷ୍କକୁ ଖାଏ
ତା'ପରେ ଆଖି

ତା'ପରେ ଦେହର ବାକି ଅଙ୍ଗ ପ୍ରତ୍ୟଙ୍ଗ
ଭୋକ କିଛି ଛାଡ଼େନି

ସମ୍ପର୍କକୁ ବି ଖାଇ ଯାଏ
ମା' ହେଉ, ଭଉଣୀ ହେଉ ବା ପିଲାମାନେ

ଛୋଟପିଲା ତା'ର ବହୁତ ପସନ୍ଦ
ତାଙ୍କୁ ସେ ସବା ଆଗେ

ଆଉ ବହୁତ ଶୀଘ୍ର ଖାଇଯାଏ
ପିଲାମାନଙ୍କ ପରେ ଆଉ ରହେ ବା କ'ଣ! ■

ଭିଆଇପି-୨୧, ଲିଟିଲ୍ ଓଡ଼ିଶା
ଛତାବର, ଭୁବନେଶ୍ୱର-୭୫୨୦୫୪
ମୋ: ୯୪୩୭୦୨୬୧୯୪

# 'ହର-ପାର୍ବତୀ କଥା' ଉପନ୍ୟାସରେ ବୈଭବ ଓ ବୈରାଗ୍ୟର ଚିତ୍ର



ପ୍ରଦୀପ କୁମାର ରାୟ

'ହର-ପାର୍ବତୀ କଥା' ଉପନ୍ୟାସ ପାଇଁ ୨୦୨୫ ମସିହାର ମର୍ଯ୍ୟାଦାଜନକ 'ସରସ୍ୱତୀ ସମ୍ମାନ' ପାଇବେ ଔପନ୍ୟାସିକ ରାମକୁମାର ମୁଖୋପାଧ୍ୟାୟ । ୨୦୨୦ ମସିହାରେ ପ୍ରକାଶିତ କାଳଜୟୀ ଉପନ୍ୟାସ 'ହର-ପାର୍ବତୀ କଥା' ପାଇଁ ଔପନ୍ୟାସିକ ମୁଖୋପାଧ୍ୟାୟଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରିବା ପାଇଁ ଘୋଷଣା କରିଛନ୍ତି କେ. କେ. ବିର୍ଲା ଫାଉଣ୍ଡେସନ । ଏହା ହେଉଛି ସରସ୍ୱତୀ ସମ୍ମାନର ୩୫ ତମ ସମ୍ମାନ । ୧୯୯୧ ମସିହାରେ ପ୍ରବର୍ତ୍ତିତ ଏହି ସମ୍ମାନ ସମ୍ପ୍ରତି ଭାରତର ଉଚ୍ଚତମ ସାହିତ୍ୟିକ ସମ୍ମାନ ମଧ୍ୟରେ ଅନ୍ୟତମ ।

ବଂଗଳା ସାହିତ୍ୟରେ ରାମ, କୃଷ୍ଣ କିମ୍ବା ମହାଭାରତର ଚରିତ୍ରମାନେ ବାରମ୍ବାର ଆସିଥିଲେ ମଧ୍ୟ ଶିବ -ପାର୍ବତୀଙ୍କର ଦାମ୍ପତ୍ୟ ଜୀବନକୁ ନେଇ କୌଣସି ଉଲ୍ଲେଖନୀୟ ସୃଷ୍ଟି ଦେଖିବାକୁ ମିଳେ ନାହିଁ । ଦୀର୍ଘ ହଜାରେ ବର୍ଷ ପରେ ଶିବାୟନ ବା ଅନ୍ନଦାମଙ୍ଗଳର ଗଣ୍ଡି ଅତିକ୍ରମ କରି ହର -ପାର୍ବତୀଙ୍କୁ ନୂତନ ଆଙ୍ଗିକରେ ଉପନ୍ୟାସ ପୃଷ୍ଠାରେ ତୋଳି ଧରିଛନ୍ତି ଔପନ୍ୟାସିକ ରାମକୁମାର ମୁଖୋପାଧ୍ୟାୟ ।


ହିମାଳୟର ବୈଭବ ଓ କୈଳାସର ବୈରାଗ୍ୟ - ଏହି ଦୁଇ ବିପରୀତ ମେରୁର ମିଳନ ହିଁ 'ହର-ପାର୍ବତୀ କଥା' ଉପନ୍ୟାସର ମୁଖ୍ୟ ସ୍ୱର । ହିମାଳୟ ଓ କୈଳାସର ମଧ୍ୟବର୍ତ୍ତୀ ଜନପଦଗୁଡ଼ିକ ଯେମିତି ଏହି ମିଳନର ଗୋଟିଏ ଗୋଟିଏ ଗଣ୍ଠି ।

୧୯୫୬ ମସିହାରେ କୋଲକାତାଠାରେ ଜନ୍ମଗ୍ରହଣ କରିଥିବା ଲେଖକଙ୍କର ଶୈଶବ ବାଁକୁଡ଼ାରେ କଟିଥିଲା । ପିଲାଦିନେ ଦେଖିଥିବା ତୈଳଚିତ୍ର -ଯେଉଁଥିରେ ପଶୁଚର୍ମ ପରିହିତ ହରଙ୍କ ଭିକ୍ଷା ପାତ୍ରରେ ପାର୍ବତୀ ଅନ୍ନ ଦାନ କରୁଛନ୍ତି- ତାହା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା । ପରବର୍ତ୍ତୀ କାଳରେ ହିମାଳୟର ସାଧୁମାନଙ୍କ ସଂସର୍ଗ ଏବଂ କବିକଙ୍କଣ ମୁକୁନ୍ଦ ଦାସଙ୍କ 'ଚଣ୍ଡୀ ମଙ୍ଗଳ' କାବ୍ୟ ତାଙ୍କ ଭାବନାକୁ ଆହୁରି ପରିପୁଷ୍ଟ କରିଛି । ଦୀର୍ଘ ସାତବର୍ଷର ପରିଶ୍ରମ ପରେ 'ହର-ପାର୍ବତୀ କଥା' ଉପନ୍ୟାସ ପୂର୍ଣ୍ଣ ରୂପ ପାଇ ୨୦୨୦ ମସିହାରେ ପୁସ୍ତକ ଭାବରେ ପ୍ରକାଶିତ ହୋଇଥିଲା ।

ବଂଗଳା ସାହିତ୍ୟରେ ରାମାୟଣ ଓ ମହାଭାରତର ନାନା ଚରିତ୍ର ଓ ଘଟଣା ଆଧାରରେ ରଚିତ ହୋଇଛି ଅନେକ ଉପନ୍ୟାସ । କିନ୍ତୁ ହର ଓ ପାର୍ବତୀଙ୍କ ଆଖ୍ୟାନ ଆଧାରରେ କୌଣସି ଉପନ୍ୟାସ ଲେଖାଯାଇ ନଥିଲା । ଶିବାୟନ ଏବଂ ଅନ୍ନଦାମଙ୍ଗଳକୁ ବାଦ୍ ଦେଲେ ଅଢ଼େଇ ଶହ ବଂଗଳା ସାହିତ୍ୟ ଯେପରି ଶିବହୀନ ଯଜ୍ଞ ।

'ହର-ପାର୍ବତୀ କଥା' ଏହି ପୌରାଣିକ ଉପନ୍ୟାସର କେନ୍ଦ୍ରରେ ରହିଛି ହର-ପାର୍ବତୀଙ୍କ ବିବାହ ଓ ତାହାର ପରବର୍ତ୍ତୀ ପ୍ରସଙ୍ଗ । ଲେଖକଙ୍କର କଳ୍ପନା ଓ ଯୁକ୍ତିର ମିଶ୍ରଣରେ ଏହି ଉପନ୍ୟାସ ହର-ପାର୍ବତୀ କାହାଣୀର ଏକ ବିନିର୍ମାଣ ମଧ୍ୟ ।

'ହର-ପାର୍ବତୀ'ଙ୍କ କାହାଣୀକୁ ଆଧାର କରି ଏକ ଉପନ୍ୟାସ ରଚନା କରିବାର କାରଣ କ'ଣ? ଏକ ସାକ୍ଷାତକାରରେ ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ




ଔପନ୍ୟାସିକ ରାଜକୁମାର ମୁଖୋପାଧ୍ୟାୟ କହିଛନ୍ତି : "ବରାବର ମୁଁ ମିଥ୍, ପୁରାଣ ଏବଂ ଇତିହାସର ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟଗୁଡ଼ିକୁ ଉପନ୍ୟାସର ରୂପ ଦେବାକୁ ଚେଷ୍ଟା କରିଛି । ଆମ ଦେଶରେ ବହୁ ମଣିଷ ମନେ କରନ୍ତି ଯେ ଊନବିଂଶ ଶତାବ୍ଦୀରେ ଇଂରେଜ ଅମଳର ନବଜାଗରଣ ପୂର୍ବରୁ ଆମ ଦେଶରେ କିଛି ମଧ୍ୟ ନଥିଲା । କିନ୍ତୁ ମୁଁ କହିବାକୁ ଚାହିଁଛି , ପନ୍ଦର ଏବଂ ଷୋହଳ ଶତାବ୍ଦୀରେ ଆମ ଦେଶରେ ପ୍ରଥମେ ନବଜାଗରଣ ଘଟିଥିଲା । ସମୁଦ୍ର -ବାଣିଜ୍ୟ, କୃଷି, ଖାଦ୍ୟ, କାରୁ ଓ ଚାରୁ ଶିଳ୍ପ, ଧର୍ମ ଏବଂ ଶରୀର ଓ ମନର ବଳ ଇତ୍ୟାଦି କ୍ଷେତ୍ରରେ ଭାରତୀୟମାନେ ଶିଖରରେ ପହଞ୍ଚି ସାରିଥିଲେ । ବ୍ରିଟିଶ୍ ଔପନିବେଶିକ ଶାସନର ଅଢ଼େଇ-ତିନିଶହ ବର୍ଷ ପୂର୍ବରୁ ହିଁ ତାହା ଘଟିଥିଲା । ସେହି ସମୟଟି କିନ୍ତୁ ଆମର ପ୍ରଥମ ନବଜାଗରଣ । ନବେଦଶକରେ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠେ ପୁଞ୍ଜି । ବିଶ୍ୱାୟନ ହୁଏ । ଦେଖାଦିଏ ପୁଞ୍ଜି ଉପାର୍ଜନର ପ୍ରବଳ ପ୍ରତିଯୋଗିତା । ସେତେବେଳେ ମୋର ମନେହୁଏ ଆମମାନଙ୍କର ଭାରତୀୟ ଜୀବନରେ ତ ଗୋଟିଏ ଦର୍ଶନ ଥିଲା ବୈରାଗ୍ୟ । ତାହାକୁ ହିଁ ମୁଁ ମୋର 'ହର-ପାର୍ବତୀ କଥା' ଉପନ୍ୟାସରେ ପ୍ରକାଶ କରିବାକୁ ଚାହିଁଛି । ମନେ ରଖିବାକୁ ହେବ, ଶିବ କୃଷିକାର୍ଯ୍ୟ କରିଥିଲେ କେବଳ ମାତ୍ର ନିଜର ବା ପରିବାର ପାଇଁ ନୁହେଁ, କୈଳାସର ଦୁର୍ଭିକ୍ଷ ଦୂର କରିବା ପାଇଁ । କୈଳାସ ଏବଂ ଆଖପାଖର ଆଦିବାସୀମାନେ ଯେମିତି ଅନ୍ନ କଷ୍ଟରୁ ମୁକ୍ତି ପାଇବେ, ସେଥିପାଇଁ । ଅର୍ଥାତ୍ କେବଳ ପୁଞ୍ଜିର ଅହଙ୍କାର ନୁହେଁ, ଆମମାନଙ୍କର ବଞ୍ଚି ରହିବାର ଏକ ଦର୍ଶନ ଥିଲା । ମୋର ମନେ ହୋଇଥିଲା, ଏକବିଂଶ ଶତାବ୍ଦୀରେ ଏହା କହିବା ନିହାତି ଆବଶ୍ୟକ । ଏହି ଉପନ୍ୟାସ ଲେଖିବାକୁ ମୋତେ ସାତ ବର୍ଷ ଲାଗିଛି । ଏଠାରେ ଘଟିଛି ଭାରତୀୟ, ନେପାଳର ନେପାଳି ଓ ତିବ୍ବତୀୟ ସଂସ୍କୃତିର ସମ୍ମିଶ୍ରଣ ।"


ଔପନ୍ୟାସିକ ରାଜକୁମାର ମୁଖୋପାଧ୍ୟାୟ ଛାତ୍ର ହିସାବରେ ଥିଲେ ଖୁବ୍ ମେଧାବୀ । ସାହିତ୍ୟ ଏକାଡେମୀର ସହଯୋଗୀ ସମ୍ପାଦକ ଭାବରେ ଦାୟିତ୍ୱ ପାଳନ କରିଛନ୍ତି । ପରବର୍ତ୍ତୀ କାଳରେ ଏକାଡେମୀର ବଂଗଳା ଉପଦେଷ୍ଟା ବୋର୍ଡର ଆବାହକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ଏହାବ୍ୟତୀତ ଭାରତୀୟ ଭାଷା ପରିଷଦର ସଭାପତି ମଧ୍ୟ ଥିଲେ । ବିଶ୍ୱଭାରତୀର ପ୍ରକାଶନ ବିଭାଗର ପରିଚାଳକ ଭାବରେ ମଧ୍ୟ ଦାୟିତ୍ୱ ପାଳନ କରିବା ପରେ ଅବସର ଗ୍ରହଣ କରିଛନ୍ତି । ତାଙ୍କର ପ୍ରଥମ ଉପନ୍ୟାସ 'ଚରଣେ ପ୍ରାନ୍ତରେ' ୧୯୯୩ ମସିହାରେ ପ୍ରକାଶିତ ହୋଇଥିଲା । ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନା ସହିତ ଭ୍ରମଣ କାହାଣୀ ଓ ପ୍ରବନ୍ଧ ମଧ୍ୟ ସେ ରଚନା କରିଛନ୍ତି । 'ଧନପତିର ସିଂହଳ ଯାତ୍ରା' ଉପନ୍ୟାସ ପାଇଁ ପାଇଛନ୍ତି ଆନନ୍ଦ ପୁରସ୍କାର, ଏହା ବ୍ୟତୀତ ଆହୁରି ଅନେକ ପୁରସ୍କାର ସହିତ ଏଥର ତାଙ୍କ ସାହିତ୍ୟ ଯାତ୍ରା ମହିମାନ୍ୱିତ ହୋଇଛି 'ସରସ୍ୱତୀ ସମ୍ମାନ' ପ୍ରାପ୍ତିରେ । ■

ମୋ: ୯୪୩୭୫୩୪୭୭୩

## ପୁସ୍ତକ ପରିଚୟ

### ଦୃଷ୍ଟି

ଡକ୍ଟର ଅଭୟ ନାରାୟଣ ନାୟକ




ପଶ୍ଚିମା ପବ୍ଲିକେଶନ୍ସ
ନୟାପଲ୍ଲୀ, ଭୁବନେଶ୍ୱର
ତୃତୀୟ ସଂସ୍କରଣ: ୨୦୨୬
ମୂଲ୍ୟ: ୧୩୯ ଟଙ୍କା

ଡକ୍ଟର ଅଭୟ ନାରାୟଣ ନାୟକଙ୍କ ନୃତାତ୍ତ୍ୱିକ ପ୍ରବନ୍ଧ ପୁସ୍ତକ 'ଦୃଷ୍ଟି' ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ଅଠରଟି ତଥ୍ୟଭିତ୍ତିକ ଉଚ୍ଚକୋଟୀର ଗବେଷଣାତ୍ମକ ପ୍ରବନ୍ଧ ସଂକଳିତ ହୋଇଛି । 'ଓଡ଼ିଶାର ଆଦିମ ଜନଜାତି: ଏକ ବିହଙ୍ଗ ଦୃଷ୍ଟି', 'ଓଡ଼ିଶାର ଜନଜାତି: ଭାଷା, ସଂସ୍କୃତି ଓ ବିକାଶ', 'ଆଦିବାସୀ ଅଞ୍ଚଳରେ ଶିକ୍ଷା: ପ୍ରସଙ୍ଗ ଓ ପ୍ରାସଙ୍ଗିକତା', 'ଜନଜାତି ଲୋକସାହିତ୍ୟ : ଏକ ନୃତାତ୍ତ୍ୱିକ ଅନୁଧ୍ୟାନ', 'ଜନଜାତି ବିକାଶରେ ମାନବବିଜ୍ଞାନର ଭୂମିକା', 'ଜନଜାତି ଜନ ବିପ୍ଳବ', 'ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସମସ୍ୟା: ଏକ ଦୃଷ୍ଟିପାତ', 'ଭାରତୀୟ ଜନଗଣନାରେ ଓଡ଼ିଶାର ଜନଜାତି' ଆଦି ପ୍ରବନ୍ଧଗୁଡ଼ିକରେ ଜନଜାତିର ଭାଷା, ସଂସ୍କୃତି, ଲୋକସାହିତ୍ୟ, ସ୍ୱାସ୍ଥ୍ୟ, ସମସ୍ୟା, ବିକାଶ ଆଦି ବିଭିନ୍ନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଓଡ଼ିଶାରେ ବହୁ ଜନଜାତି ବସବାସ କରୁଛନ୍ତି । ସେମାନଙ୍କ ଜୀବନଶୈଳୀ, ସଂସ୍କୃତି, ପରମ୍ପରା, ଚାଲିଚଳଣି ସ୍ୱତନ୍ତ୍ର । ଆଦିମ ଜନଜାତିଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ଓଡ଼ିଶାର ଜନଜାତି ସମ୍ବନ୍ଧରେ ଜାଣିବା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀ, ଗବେଷକମାନଙ୍କୁ 'ଦୃଷ୍ଟି' ପୁସ୍ତକଟି ନିଶ୍ଚୟ ସହାୟକ ହେବ ବୋଲି ଆଶା କରାଯାଏ । ■

### କବିତା ବାରିକଙ୍କ ଗଳ୍ପ ସଂକଳନ 'ଚରିତ୍ରମାନେ' : ଏକ ଅଧ୍ୟୟନ

ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ





ସାଧନା ଛପାଛପି
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୧୩୦ ଟଙ୍କା

ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକଙ୍କ ରଚିତ ଗବେଷଣାତ୍ମକ ପୁସ୍ତକ 'କବିତା ବାରିକଙ୍କ ଗଳ୍ପ ସଂକଳନ 'ଚରିତ୍ରମାନେ' : ଏକ ଅଧ୍ୟୟନ' ପ୍ରକାଶ ପାଇଛି । ଏହି ପୁସ୍ତକରେ ସାଂପ୍ରତିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ଡକ୍ଟର କବିତା ବାରିକଙ୍କ 'ଚରିତ୍ରମାନେ' ଗଳ୍ପ ସଂକଳନର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି । କବିତା ବାରିକଙ୍କ ଗଳ୍ପର ଚରିତ୍ରମାନେ ନିଷ୍ଠୁର ବାସ୍ତବତାକୁ ସାମ୍ନା କରନ୍ତି, ସ୍ୱପ୍ନ ଆଉ ଭିଜାମାଟିର ବାସ୍ନାରେ ବିଭୋର ହୁଅନ୍ତି, ଅତୀତର ମଧୁର ମୂର୍ଚ୍ଛନା ମନେ ପକାଇ ଜୀବନ ବଞ୍ଚନ୍ତି- ଏହା ବେଶ୍ ଅନୁଭବ କରିହୁଏ ଏହି ପୁସ୍ତକ ପାଠ କଲା ପରେ । ଏହି ପୁସ୍ତକରେ ଗାଳ୍ପିକା ବାରିକଙ୍କ ପରିଚୟ, ସାରସ୍ୱତ କୃତି, କୃତିତ୍ୱ, 'ଚରିତ୍ରମାନେ' ଗଳ୍ପ ସଂକଳନର ବୈଶିଷ୍ଟ୍ୟ, ଚରିତ୍ର ଚିତ୍ରଣ, ସାମାଜିକ ସ୍ପନ୍ଦନ, ମନସ୍ତତ୍ତ୍ୱ, ନାରୀବାଦୀ ଚେତନା ଆଦି ସଂପର୍କରେ ବିଶ୍ଳେଷଣ କରାଯାଇଛି । ଏହି ଗବେଷଣାତ୍ମକ ପୁସ୍ତକରେ 'ଚରିତ୍ରମାନେ' ସଂପର୍କରେ ସବିଶେଷ ଓ ତଥ୍ୟ ଭିତ୍ତିକ ଆଲୋଚନା କରାଯାଇଛି । ଗାଳ୍ପିକା କବିତା ବାରିକଙ୍କ ଜୀବନ ଓ ସାହିତ୍ୟ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

### ମୋ ଝର୍କାରୁ କୃଷ୍ଣଚୂଡ଼ା

ସୁଶ୍ରୀ ସନ୍ଧ୍ୟାରାଣୀ ଦେବୀ




ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ
ଆଙ୍କୁଲି, ବ୍ରହ୍ମପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ସୁଶ୍ରୀ ସନ୍ଧ୍ୟାରାଣୀ ଦେବୀଙ୍କ 'ମୋ ଝର୍କାରୁ କୃଷ୍ଣଚୂଡ଼ା' କବିତା ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ତିରିଶଟି କବିତା ସଂକଳିତ ହୋଇଛି । ପ୍ରତିଟି କବିତାର ଭାବ ଓ ଆବେଦନ ସ୍ୱତନ୍ତ୍ର । 'ମୋ ଝର୍କାରୁ କୃଷ୍ଣଚୂଡ଼ା', 'ଘାସଫୁଲ', 'ମଣିଷ ପଣିଆ', 'ସ୍ମୃତି', 'ଗୁରୁଙ୍କ ପ୍ରତି', 'ପ୍ରେମ ଓ ପରାକ୍ରମ', 'ଭିନ୍ନ ଏକ ଦୃଷ୍ଟି', 'ବୃଦ୍ଧାଶ୍ରମ', 'ପ୍ରଭାତ ରାଗିଣୀ', 'ମୁଖା', 'ପ୍ରେମ ରତ୍ନ', 'ମୋ ବୋଉ', 'କାଶତଣ୍ଡୀର ଆହ୍ୱାନ', 'ପ୍ରକୃତିର ସଙ୍ଗୀତ', 'ଗାଁ ବିଲ ଭୂଇଁରେ ସନ୍ଧ୍ୟା', 'ଗଙ୍ଗଶିଉଳି' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ସନ୍ଧ୍ୟାରାଣୀଙ୍କ ଅନେକ କବିତାରେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ମାର୍ମିକ ଭାବେ ଫୁଟି ଉଠିଛି । ସେହିପରି କେତେକ କବିତାରେ ମାନବୀୟ ଭାବାବେଗ, ମାନବୀୟ ମୂଲ୍ୟବୋଧର ଅବକ୍ଷୟ, ଈଶ୍ୱରୀୟ ଚିନ୍ତାଧାରା, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । କବିତାର ଭାବ, ସରଳ ଓ ବୋଧଗମ୍ୟ ଭାଷା, ଶବ୍ଦ ସଂଯୋଜନାର ଚାତୁର୍ଯ୍ୟ କବିତାଗୁଡ଼ିକକୁ ଅଧିକ ରସସିକ୍ତ କରିଛି । 'ମୋ ଝର୍କାରୁ କୃଷ୍ଣଚୂଡ଼ା' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଘରେ ପଶି ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ପଦ୍ମପୁର, ୩୦।୫ (ସମିସ): ଘରେ ପଶି ଯୁବକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା। ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ କେନ୍ଦୁଗୁଡ଼ା ପଞ୍ଚାୟତର ବଲ୍ଲଭପୁର ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ରବୀନ୍ଦ୍ର ଶବର (୩୮)।

ସୂଚନାନୁଯାୟୀ, ଗ୍ରାମରେ ଏକ ଭୋଜି ଚାଲିଥିଲା। ଭୋଜିରୁ ଥାଳି ନେଇ ରବୀନ୍ଦ୍ର ଘରେ ବସି ଖାଉଥିଲେ। ଏହି ସମୟରେ ତାଙ୍କ ସାହିର ଶ୍ୟାମ ପରିଜା ନାମକ ଯୁବକ ରବୀନ୍ଦ୍ରଙ୍କ ଘରେ ଦିନ ୨ଟାରେ ପଶି ଟାଙ୍ଗିଆ ସାହାଯ୍ୟରେ ମୁଣ୍ଡ ଓ ଦେହକୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ହିଁ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ସ୍ତ୍ରୀ ଲକ୍ଷ୍ମୀ ଶବର ଓ ପରିବାରଲୋକେ ତାଙ୍କୁ ପଦ୍ମପୁର ମେଡିକାଲକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଅଭିଯୁକ୍ତ ଚମ୍ପଟ ମାରିଥିଲା। ଖବର ପାଇ ଘଟଣାସ୍ଥଳରେ ଥାନା ଆଇଆଇସି ଧରଣୀଧର ପ୍ରଧାନ ସଦଳବଳେ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଶୁକ୍ରବାର ରାତିରେ ହତ୍ୟାକାଣ୍ଡ ଘଟାଇଥିବା ବ୍ୟକ୍ତି ଶ୍ୟାମ ପରିଜା ଅତ୍ୟଧିକ ମଦ୍ୟପାନ କରି ଉତ୍ପାତ କରୁଥିବା ବେଳେ ମଦ ପିଇ ସାହିରେ ପାଟି ନ କରିବାକୁ ରବୀନ୍ଦ୍ର କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଶୁକ୍ରବାର ରାତିରେ ବଚସା ହୋଇଥିଲା। ସେହି ରାଗରେ ରବୀନ୍ଦ୍ରଙ୍କୁ ଅଭିଯୁକ୍ତ ହତ୍ୟା କରିଛି ବୋଲି ମୃତ ରବୀନ୍ଦ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

■ ରଣପଡ଼ାରେ ଦୁର୍ବୃତ୍ତଙ୍କ ବ୍ଲାଙ୍କ୍ ଫାୟାରିଂ

## ଦାଦାବଟି ପାଇଁ ୧୦ ରାଉଣ୍ଡ ଗୁଳି

କେନ୍ଦ୍ରାପଡ଼ା, ୩୦।୫ (ସମିସ): କେନ୍ଦ୍ରାପଡ଼ା ସହରର ରଣପଡ଼ା ଓ ଟାଉନ୍ ହାଇସ୍କୁଲ ପଡ଼ିଆରେ ଦୁର୍ବୃତ୍ତମାନେ ଫାଙ୍କା ଗୁଳିଚାଳନା କରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଛନ୍ତି। ଶନିବାର ସନ୍ଧ୍ୟାରେ ଦର୍ବୃତ୍ତମାନେ ଦାଦାବଟି ଆଦାୟ ପାଇଁ ୧୦ ରାଉଣ୍ଡ ଗୁଳି ଫୁଟାଇଛନ୍ତି। ଏଥିରେ କେହି ମୃତାହତ ହୋଇନାହାନ୍ତି।

ସୂଚନା ମୁତାବକ, ଏକ ନିର୍ମାଣ କାମକୁ ନେଇ ଅଭିଯୁକ୍ତମାନେ ଦାଦାବଟି ଦାବି କରିଥିଲେ। କିନ୍ତୁ ବଟି ନ ମିଳିବାରୁ ଅଭିଯୁକ୍ତମାନେ ଭୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ଏପରି କାଣ୍ଡ ଭିଆଇଥିବା କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସହରରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଏକ ପର୍ବ ଚାଲିଥିବାରୁ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ ହୋଇଥିଲେ। ତଥାପି ଅପରାଧୀମାନେ ଗୁଳି ଚଳାଇବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅପରପକ୍ଷେ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## 'ଆୟୁଷ୍ମାନ'ରେ ହୋଇପାରିବ ପ୍ରାକ୍ ଆଡମିସନ୍ ରୋଗ ପରୀକ୍ଷା

ଭୁବନେଶ୍ୱର, ୩୦।୫ (ସମିସ): ଏଣିକି ରୋଗୀ ହସ୍ପିଟାଲ୍‌ରେ ଆଡ୍‌ମିଟ୍ ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷାନିରୀକ୍ଷା ଆୟୁଷ୍ମାନ କାର୍ଡରେ ହେବ। ଏ ବାବଦରେ ସମସ୍ତ ଖର୍ଚ୍ଚ ଆୟୁଷ୍ମାନ ପ୍ୟାକେଜରୁ ବହନ କରାଯିବ। ମାର୍ଗଦର୍ଶିକା ଅମାନ୍ୟ କଲେ ସମ୍ପୃକ୍ତ ହସ୍ପିଟାଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଶନିବାର ଘରୋଇ ହସ୍ପିଟାଲ ପ୍ରତିନିଧିମାନଙ୍କ ସହ ଆଲୋଚନା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହା କହିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବୈଠକରେ ଉପସ୍ଥିତ ସମସ୍ତ ତାଲିକାଭୁକ୍ତ ବେସରକାରୀ ହସ୍ପିଟାଲ୍‌କୁ ଏହି ନିର୍ଦ୍ଦେଶ ପାଳନ କରିବାକୁ ମନ୍ତ୍ରୀ କଡ଼ା ତାଗିଦ କରିଥିବା ବେଳେ ଆୟୁଷ୍ମାନ ଯୋଜନାର ହିତାଧିକାରୀଙ୍କୁ ଭଲ ବ୍ୟବହାର ଓ ଆତିଥ୍ୟ ପ୍ରଦାନ ପୂର୍ବକ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ କୁହାଯାଇଛି।

ବୈଠକରେ ଯୋଜନା ଅଧୀନରେ ରୋଗୀମାନଙ୍କୁ ଗୁଣାତ୍ମକ ଏବଂ କ୍ୟାଶ୍‌ଲେସ୍ ଚିକିତ୍ସା ସେବା ନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର କୋଟି କୋଟି ଲୋକ ଉପକୃତ ହେଉଛନ୍ତି। ତେଣୁ ଯୋଜନାର ସଫଳତା ପାଇଁ ହସ୍ପିଟାଲମାନଙ୍କ ସହଯୋଗ ଅତ୍ୟାବଶ୍ୟକ। ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆସୁଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ସମ୍ମାନଜନକ ଓ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ସମସ୍ତ ହସ୍ପିଟାଲକୁ ଆହ୍ୱାନ କରିଛନ୍ତି। ବେସରକାରୀ ହସ୍ପିଟାଲ ପ୍ରତିନିଧିମାନେ ଯୋଜନା କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ବିଭିନ୍ନ ଅଭିଜ୍ଞତା, ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସରକାରଙ୍କ ପକ୍ଷରୁ ସେ ଦିଗଗୁଡିକ ଉପରେ ଆଲୋଚନା ହେବ ବୋଲି କୁହାଯାଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିସନ ଏମ୍ ଡ. ବୃନ୍ଦା ଡି, ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ବେସରକାରୀ ହସ୍ପିଟାଲର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପୁଣି ଏକ ଦାନ୍ତାହାତୀ ମୃତ



ଗଁଦିଆ, ୩୦।୫ (ସମିସ): ଢେଙ୍କାନାଳ ବନାଞ୍ଚଳର କପିଳାସ ରେଞ୍ଜ ଅନ୍ତର୍ଗତ ସୋରିଶିଆପଦା ପଞ୍ଚାୟତ ଦେଓଝର ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ଉଦ୍ଧାର ହୋଇଛି। ମୃତ ହାତୀର ବୟସ ୧୦ରୁ ୧୨ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଦୁଇ ହାତୀ ମଧ୍ୟରେ ଲଢ଼େଇ ଯୋଗୁଁ ଏହି ଦନ୍ତାର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗଜରାଜଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା କରାଯାଉଛି। ଏଥିସହ ହାତୀଙ୍କୁ ଜଙ୍ଗଲ ମଧ୍ୟରେ ସୁରକ୍ଷା ପାଇଁ ବିଶେଷ କରି ହାତୀ ସ୍କ୍ୱାଡ୍ ଗଠନ କରାଯାଇଛି। ତଥାପି ହାତୀ ମୃତ୍ୟୁ ଥମିବାର ନାଁ ନେଉନାହିଁ।

## ଭିଜିଲାନ୍ସ ପଞ୍ଝାରେ ପୂର୍ବତନ ସମବାୟ ସମିତି ସମ୍ପାଦକ



ଅନୁଗୋଳ, ୩୦।୫ (ସମିସ): ୩୩ ଲକ୍ଷ ୮୦ ହଜାର ୯୬୩ ଟଙ୍କା ଆତ୍ମସାତ୍ ଘଟଣାରେ ବଁଅରପାଳ ବ୍ଲକ୍ ଗଡ଼ସନ୍ତ୍ରି ସମବାୟ ସମିତିର ପୂର୍ବତନ ସମ୍ପାଦକ ପତିତପାବନ ମାଝୀ ଭିଜିଲାନ୍ସ ପଞ୍ଝାରେ ପଡ଼ିଛନ୍ତି। ମାଝୀ ବର୍ତ୍ତମାନ ଅନୁଗୋଳ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଆସିଷ୍ଟାଣ୍ଟ ଭାବେ କାମ କରୁଛନ୍ତି। ୨୦୧୭-୧୮ରେ ସେ ଗଡ଼ସନ୍ତ୍ରୀ ସମବାୟ ସମିତି ସମ୍ପାଦକ ଥିବା ବେଳେ ଦୈନିକ କ୍ୟାସ ଜମା ଦାୟିତ୍ୱରେ ଥିଲେ। ସେ ସମୟରେ ତଞ୍ଚକତା କରି ବ୍ୟାଙ୍କରେ ଟଙ୍କା ଜମା ନ କରି ହଡ଼ପ କରିଥିଲେ। କୃଷିଋଣ ସମେତ ସମବାୟ ଉନ୍ନତି ନେଇ ଏହି ଅର୍ଥ ଖର୍ଚ୍ଚ ହେବାକୁ ଥିବା ବେଳେ ମାଝୀ ନିଜ ବ୍ୟକ୍ତିଗତ ବ୍ୟବହାରରେ ଲଗାଇଥିଲେ। ଏ ନେଇ ୨୦୨୬ ମେ ୨୯ରେ କଟକ ଭିଜିଲାନ୍ସରେ ଏକ ମାମଲା ରୁଜୁ କରାଯାଇ ଶନିବାର ମାଝୀଙ୍କୁ ଗିରଫ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଅଧିକ ଖୋଳତାଡ଼ ଚାଲିଛି।

## ପାରାଦୀପ ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋମାମାଡ଼

ପାରାଦୀପ, ୩୦।୫ (ସମିସ): ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ମଧୁବନ ସ୍ଥିତ ବାସଭବନ ଉପରକୁ ଆଜି ସନ୍ଧ୍ୟା ୭ଟା ସମୟରେ କେହି ଦୁର୍ବୃତ୍ତ ତିନୋଟି ପେଟ୍ରୋଲ ବୋମା ପକାଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ସେ ସମୟରେ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଘରେ ନଥିବା ବେଳେ ଏହି ବୋମା ଦ୍ୱାରା କାହାର କିଛି କ୍ଷତି ହୋଇନଥିବା ଜଣାପଡିଛି। ଖବର ପାଇ ପାରାଦୀପ ଆଡିସିନାଲ ଏସ୍‌ପି ଆଜିଙ୍କ୍ୟ ବାବୁରାଓ ମାଣେ, ପାରାଦୀପ ଆଦର୍ଶ ଥାନା ଅଧିକାରୀ ବବିତା ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ତିନୋଟି ଭଙ୍ଗା ବୋତଲ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ତିନି ଜଣ ଦୁର୍ବୃତ୍ତ ଏକ ମୋଟର ସାଇକଲରେ ଆସି ଏହି ବୋତଲ ବୋମା ପୌରାଧ୍ୟକ୍ଷଙ୍କ ଘର ଉପରକୁ ପକାଇ ପଳାଇ ଯାଇଥିବା ତାଙ୍କ ଉପର ଘରର ଲୋକେ ପୁଲିସକୁ କହିଛନ୍ତି। ଦୁର୍ବୃତ୍ତ ମାନେ ଫୋପାଡ଼ିଥିବା ବୋତଲଟି ପ୍ରଥମେ ଘରର କାନ୍ଥରେ ବାଜି ତଳେ ପଡି ନିଆଁ ଜଳୁଥିବା ବେଳେ ବୋତଲ ଗୁଡିକ ଭାଙ୍ଗି ଚାରି ଆଡ଼େ ଛିନ୍ନଭିନ ହୋଇ ପଡ଼ିଥିଲା। କିଛି ସମୟ ପରେ ନିଆଁ ଲିଭିଯାଇଥିଲା। ଥାନା ଅଧିକାରୀ ସ୍ଥାନୀୟ ଘର ମାନଙ୍କରେ ଥିବା ସିସିଟିଭିକୁ ଯାଞ୍ଚ କରୁଥିବା ବେଳେ ଖୁବଶିଘ୍ର ଦୁର୍ବୃତ୍ତମାନେ ଧରପଡିବେ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ତେବେ ବିଳମ୍ବିତ ରାତିରେ ଜିଲ୍ଲା ଏସ୍‌ପି ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ପାରାଦୀପରେ ଦୀର୍ଘଦିନ ପରେ ଏପରି ବୋମା ମାଡ଼ ଘଟଣା ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ଘଟଣାକୁ ସାଧାରଣରେ ନିନ୍ଦା କରାଯିବା ସହ ପାରାଦୀପରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରି ପରିବେଶକୁ ଅଶାନ୍ତ ସୃଷ୍ଟି କରିବା ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

■ ୨୯ ବର୍ଷ ପରେ ମାମଲାର ରାୟ ପ୍ରକାଶ କଲେ ହାଇକୋର୍ଟ

## ସାକ୍ଷାତକାରରେ ଅକୃତକାର୍ଯ୍ୟ ହେଲେ ନିଯୁକ୍ତି ପାଇଁ ଅଯୋଗ୍ୟ ବିବେଚିତ ଯୁକ୍ତିଯୁକ୍ତ

କଟକ, ୩୦।୫ (ସମିସ): ଯଦି ଜଣେ ପ୍ରାର୍ଥୀ ନିଯୁକ୍ତି ପ୍ରକ୍ରିୟାର ସାକ୍ଷାତକାରରେ ଅକୃତକାର୍ଯ୍ୟ ହୁଅନ୍ତି, ତାଙ୍କୁ ଉକ୍ତ ପଦବୀ ପାଇଁ ଅଯୋଗ୍ୟ ବିବେଚିତ କରାଯିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ। ଯଦି ଜଣେ ପ୍ରାର୍ଥୀ ସମସ୍ତ ନିୟମ ଜାଣି ସ୍ୱେଚ୍ଛାକୃତ ଭାବେ ପରୀକ୍ଷା କିମ୍ବା ସାକ୍ଷାତକାରରେ ଭାଗ ନିଅନ୍ତି, ତେବେ ଫଳାଫଳ ନିଜ ସପକ୍ଷରେ ନ ଆସିଲେ, ସେ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟା ବା ନିୟମ ଉପରେ ପରବର୍ତ୍ତୀ ସମୟରେ ପ୍ରଶ୍ନ ଉଠାଇ ପାରିବେ ନାହିଁ ବୋଲି କହିଛନ୍ତି ହାଇକୋର୍ଟ। ଦୀର୍ଘ ୨୯ବର୍ଷ ଧରି ବିଚାରାଧୀନ ଥିବା ଏକ ପୁରୁଣା ମାମଲାର ରାୟ ପ୍ରକାଶ କରି ହାଇକୋର୍ଟ ଏପରି ରାୟ ଦେବା ସହ ଆବେଦନକୁ ଖାରଜ କରିଛନ୍ତି। ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଏମ୍.ଏସ୍.ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୧୯୮୮ ମସିହାରେ ବାଲେଶ୍ୱର ଜିଲ୍ଲାର ବାମପଦା ଏବଂ ଛାଣପୁର ମୌଜାରେ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍‌ର ଏଲପିଜି ବଟଲିଂ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଥିଲେ। ଏହି ପ୍ରକ୍ରିୟାରେ ଆବେଦନକାରୀଙ୍କ ଜେଜେମା'ଙ୍କ କୃଷି ଜମି ମଧ୍ୟ ଅଧିଗ୍ରହଣ କରାଯାଇଥିଲା। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରାଳୟର ଏକ ସର୍କୁଲାର୍ ଅନୁଯାୟୀ, କ୍ଷତିପୂରଣ ଅର୍ଥ ସହ ଜମି ହରାଇଥିବା ପ୍ରତି ପରିବାରରୁ ଜଣକୁ ଯୋଗ୍ୟତା ଭିତ୍ତିରେ ପ୍ଲାଣ୍ଟରେ ଚାକିରି ଦେବା ପାଇଁ ବ୍ୟବସ୍ଥା ଥିଲା। ଆବେଦନକାରୀଙ୍କ ନାମକୁ ବାଲେଶ୍ୱର ଜିଲ୍ଲାପାଳ ସୁପାରିଶ କରିଥିଲେ। ଆଇଓସିଏଲ୍ ଗତ ୧୯୯୬ରେ 'ଜୁନିୟର ଅପରେଟର୍' ପଦବୀ ପାଇଁ ସାକ୍ଷାତକାରକୁ ଡାକିଥିଲା। ମାତ୍ର ସାକ୍ଷାତକାରରେ ସେ ସର୍ବନିମ୍ନ ଯୋଗ୍ୟତା ମାର୍କ ହାସଲ କରିବାରେ ବିଫଳ ହୋଇଥିଲେ, ଯେଉଁଥିପାଇଁ ଚୟନ କମିଟି ତାଙ୍କୁ 'ଅଯୋଗ୍ୟ' ଘୋଷଣା କରିଥିଲା। ଏହା ବିରୋଧରେ ୧୯୯୭ ମସିହାରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନିଯୁକ୍ତି ଦାବି କରିଥିଲେ। ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ଯେ କମ୍ପାନୀର ଚୟନ କମିଟି ହିଁ ନିର୍ଦ୍ଧାରଣ କରିବେ କି ପ୍ରାର୍ଥୀ ସେହି ବୈଷୟିକ କାର୍ଯ୍ୟ ପାଇଁ ଉପଯୁକ୍ତ କି ନୁହଁନ୍ତି। ଯେହେତୁ ଆବେଦନକାରୀ ସାକ୍ଷାତକାରରେ କୃତକାର୍ଯ୍ୟ ହୋଇନାହାନ୍ତି, ତେଣୁ ସେ କୌଣସି ପୁନର୍ବାସ ନିଯୁକ୍ତି ଦାବି କରିପାରିବେ ନାହିଁ ବୋଲି କହିବା ସହ ଆବେଦନକୁ ଖାରଜ କରିଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଭିଷେକ ବାନାର୍ଜୀଙ୍କୁ...

ଯାଇ ମାଡ଼ ମାରିବା ସହିତ ଟଣାଓଟରା କରିଥିଲେ। ସାର୍ଟ ଟାଣି ଚିରି ପକାଇଥିଲେ ଏବଂ ତାଙ୍କର ଚଷମା ଭାଙ୍ଗିଦେଇଥିଲେ। ଟେକାମାଡ଼ରୁ ବର୍ତ୍ତିବା ଲାଗି ଅଭିଷେକ ହେଲମେଟ୍ ପିନ୍ଧିଥିଲେ। ତଥାପି ତାଙ୍କୁ ଆକ୍ରମଣ ଜାରି ରଖିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ପରେ ପ୍ରାଣ ହରାଇଥିବା ଦଳୀୟ କର୍ମୀ ସଞ୍ଜୁ କର୍ମକାର ଓ ଅନ୍ୟ ପୀଡ଼ିତ ପରିବାରକୁ ସେ ସାନ୍ତ୍ୱନା ଦେବାକୁ ଯାଇଥିଲେ। ଏହି ଆକ୍ରମଣ ପାଇଁ ସେ ଭାରତୀୟ ଜନତା ପାର୍ଟିକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ସେ କହିଛନ୍ତି, 'ଏହା ସମ୍ପୂର୍ଣ୍ଣ ଭାବେ ବିଜେପି ଦ୍ୱାରା ପ୍ରାୟୋଜିତ। ସେମାନେ ମୋତେ ଜୀବନରୁ ମାରିଦେବାକୁ ଚାହୁଁଥିଲେ। ସମଗ୍ର ଘଟଣାର ଭିଡିଓ ଚିତ୍ର ରହିଛି ଏବଂ ଏ ବିଷୟରେ ଆମେ ଉଚ୍ଚ ନ୍ୟାୟାଳୟ ତଥା ରାଜ୍ୟପାଳଙ୍କୁ ଜଣାଇବା ସହ ଆଇନଗତ ପଦକ୍ଷେପ ନେବୁ।' ଅନ୍ୟପକ୍ଷେରେ ରାଜ୍ୟ ବିଜେପି ସଭାପତି ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ଆକ୍ରମଣରେ ତାଙ୍କ ଦଳର କୌଣସି ହାତ ନାହିଁ। ଅଭିଷେକ ସ୍ଥାନୀୟ ଲୋକମାନଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ତେବେ ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ ଏବ ସଂଯମ ପାଇଁ ସେ ଆହ୍ୱାନ ଜଣାଇଛନ୍ତି।

### ୮୮ ଡଲାରକୁ...

ପହଞ୍ଚିଛି। ଶୁକ୍ରବାର, ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୯୨.୦୫ ଡଲାରରେ ବନ୍ଦ ହୋଇଥିଲା। ଆମେରିକୀୟ ଡବ୍ଲ୍ୟୁଟିଆଇ ମୂଲ୍ୟ ପ୍ରତି ବ୍ୟାରେଲ ୮୭.୩୬ ଡଲାରରେ ବନ୍ଦ ହୋଇଛି, ଯାହା ୧.୫୪ କିମ୍ବା ୧.୭ ପ୍ରତିଶତ ହ୍ରାସ ପାଇଛି। ଆମେରିକା ଏବଂ ଇରାନ ମଧ୍ୟରେ ତିନି ମାସ ଧରି ଚାଲିଥିବା ସଂଘର୍ଷରେ ଯଦିଓ ଉଭୟ ପକ୍ଷ ଏକ ଚୁକ୍ତିର ନିକଟତର ହେଉଥିବା ସୂଚାଇଛନ୍ତି, ହେଲେ ପ୍ରସ୍ତାବିତ ଚୁକ୍ତି ସମ୍ପର୍କରେ ସେମାନଙ୍କର ବକ୍ତବ୍ୟକୁ ନେଇ ଅସଙ୍ଗତି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଇରାନକୁ ତୁରନ୍ତ ହର୍ମୁଜ୍ ପ୍ରଣାଳୀ ଖୋଲିବାକୁ ଅନୁରୋଧ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ବନ୍ଦ ହେବା ଦ୍ୱାରା ବିଶ୍ୱ ବଜାରରେ ତେଲ ଓ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଛି। ହର୍ମୁଜ୍ ପ୍ରଣାଳୀ ପୁନଃ ଖୋଲିବା ନେଇ ପରିବର୍ତ୍ତନଶୀଳ ସଙ୍କେତ ଯୋଗୁଁ ବ୍ରେଣ୍ଟ ଏବଂ ଡବ୍ଲ୍ୟୁଟିଆଇ ଉଭୟର ମୂଲ୍ୟ ୬% ପର୍ଯ୍ୟନ୍ତ ହ୍ରାସ ପାଇଛି। ୱାସିଂଟନ ଏବଂ ତେହେରାନ ମଧ୍ୟରେ ଚାଲିଥିବା କୂଟନୈତିକ ଆଲୋଚନା ସତ୍ତ୍ୱେ, ଆମେରିକା ରାତାରାତି ଏକ ଇରାନୀ ସାମରିକ ଘାଟି ଉପରେ ନୂତନ ଆକ୍ରମଣ ଆରମ୍ଭ କରିଛି।

ଅପରପକ୍ଷେ ବଜାର ବିଶେଷଜ୍ଞଙ୍କ ମତରେ ହର୍ମୁଜ୍ ପ୍ରଣାଳୀ ଦେଇ ସାଧାରଣ ପରିବହନ କାର୍ଯ୍ୟକଳାପ ପୁନଃ ଆରମ୍ଭ ହେବାକୁ କିଛି ମାସ ସମୟ ଲାଗିପାରେ। ସମ୍ପୂର୍ଣ୍ଣ ମରାମତି ଏବଂ କାର୍ଯ୍ୟ ପୁନଃ ଆରମ୍ଭ କରିବାକୁ ଯେକୌଣସି କ୍ଷତିଗ୍ରସ୍ତ ଶକ୍ତି ଭିତ୍ତିଭୂମି ପାଇଁ ମଧ୍ୟ ଆହୁରି ଅଧିକ ସମୟ ଲାଗିବାର ସମ୍ଭାବନା ରହିଛି। ଚଳିତ ମାସର ପ୍ରାରମ୍ଭରେ ସାଉଦି ଆରାମ୍‌କୋର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିନ ନାସେର ଚେତାବନୀ ଦେଇଥିଲେ ଯେ ହର୍ମୁଜ୍ ପ୍ରଣାଳୀରେ ଅବରୋଧ ୨୦୨୭ ପର୍ଯ୍ୟନ୍ତ ବିଶ୍ୱ ତୈଳ ବଜାରରେ ସ୍ଥିରତାକୁ ବିଳମ୍ବ କରିପାରେ। ସେ କହିଥିଲେ ଯେ ନିରନ୍ତର ଅବରୋଧ ପ୍ରତି ସପ୍ତାହରେ ପ୍ରାୟ ୧୦୦ ନିୟୁତ ବ୍ୟାରେଲ ତେଲ ଯୋଗାଣକୁ ପ୍ରଭାବିତ କରିପାରେ।

### ଯୁବକଙ୍କୁ ଥାର୍...

ଜଣେ ଯୁବତୀଙ୍କୁ ଭଲ ପାଇ ଆସୁଥିଲା। କିନ୍ତୁ ଗତ କିଛି ମାସ ହେବ ବରୁଣ ଓ ସେହି ଯୁବତୀଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବାରୁ ବିବାଦର ମୂଳଦୁଆ ପଡ଼ିଥିଲା।

ଗତକାଲି ରାତି ପ୍ରାୟ ୨ଟାରେ ବରୁଣ ତାଙ୍କର ଦୁଇ ସହଯୋଗୀ ଆଲୋକ ମଲ୍ଲିକ ଓ ବଳବନ୍ତ ବାଇ ଓରଫ୍ ଗୋଧିଙ୍କ ସହ ଶୈଳଶ୍ରୀବିହାରସ୍ଥିତ ମହିମା କ୍ରସ୍ ସେଣ୍ଟରକୁ ଯାଇଥିଲେ। ସେହି ସମୟରେ ସେଠାରେ ସୂରଜ ବିଶ୍ୱକର୍ମା ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ଉପସ୍ଥିତ ଥିବା ଦେଖି ସେମାନେ ଫେରି ଆସିଥିଲେ। କିଛି ସମୟ ପରେ ସେମାନେ ପୁଣିଥରେ ଘଟଣାସ୍ଥଳକୁ ଆସିବାରୁ ଦୁଇ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଏହା ଉଗ୍ରରୂପ ନେବାରୁ ପରସ୍ପର ହାତାହାତି ହୋଇଥିଲେ। ବରୁଣ ଓ ତାଙ୍କ ସହଯୋଗୀମାନେ ସେଠାରୁ ଏକ ବାଇକ୍‌ରେ ପଳାଇବା ପରେ ବାପୁନି ଓ ସ୍ୱସ୍ତିକ ମିଶି ଷଡ଼ଯନ୍ତ୍ର କରିଥିଲେ। ସେମାନଙ୍କୁ ଗାଡ଼ି ଚଢ଼ାଇ ମାରିଦେବାକୁ ଅନ୍ୟ ଅଭିଯୁକ୍ତମାନଙ୍କୁ ଉସୁକାଇଥିଲେ। ପରେ ସେମାନେ ଏକ କଳାରଙ୍ଗର ଥାର୍ ଗାଡ଼ି ଯୋଗେ ବରୁଣ ଏବଂ ତାଙ୍କ ସାଙ୍ଗମାନଙ୍କୁ ପିଛା କରିଥିଲେ। ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ନିକଟରେ ଅଭିଯୁକ୍ତମାନେ ଉଦ୍ଦେଶ୍ୟମୂଳକ ଭାବେ ବରୁଣଙ୍କ ବାଇକ୍‌କୁ ଜୋରରେ ଧକ୍କା ଦେଇଥିଲେ। ବରୁଣ ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ତାଙ୍କ ଉପରେ କାର୍ ମଡ଼ାଇ ଦେଇଥିଲେ। ଘଟଣାସ୍ଥଳରେ ହିଁ ବରୁଣଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କର ଦୁଇ ସହଯୋଗୀ ଆଲୋକ ମଲ୍ଲିକ ଏବଂ ବଳବନ୍ତ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଖବର ପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଭିଯୁକ୍ତମାନଙ୍କୁ ଧରିବାକୁ ପୁଲିସ ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସ୍‌ର ନାଲିଆଖି ଦେଖି ସେମାନେ ନିଜ ଅପରାଧ ସ୍ୱୀକାର କରିଥିଲେ। ଅଭିଯୋଗକାରୀ ଅଶୋକ ରାଉତରାୟଙ୍କ ଏତଲା ଆଧାରରେ ଚନ୍ଦ୍ରଶେଖରପୁର ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମନ୍ତ୍ରୀଙ୍କ ଦକ୍ଷତା...

ଭେଳା ବୁଡ଼ିବା ଏକ ପ୍ରକାର ସ୍ଥିର ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ସମ୍ପର୍କରେ ସୂଚନା ଦେଇ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି ଯେ, ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପାଇଁ ଆସନ୍ତା ୨ରୁ ୯ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବିଭାଗଗୁଡ଼ିକର ପ୍ରଦର୍ଶନର ସମୀକ୍ଷା କରିବେ। ତେବେ ତାଙ୍କ ବିଭାଗ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଦୁଇ ବର୍ଷ ଭିତରେ ଆମ ବିଭାଗ ପକ୍ଷରୁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି। ପୂର୍ବରୁ ଓଡ଼ିଶାରେ କେବଳ ମେଟାଲ ସେକ୍ଟରରେ ଅଧିକ ପୁଞ୍ଜିନିବେଶ ଆସୁଥିବାବେଳେ ଏବେ ଅକ୍ଷୟ ଶକ୍ତି, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ ଓ ସେମି କଣ୍ଡକ୍ଟର ଭଳି ଆଧୁନିକ ତଥା ନୂତନ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ଆସୁଛି। କେବଳ ପୁଞ୍ଜିନିବେଶ ନୁହେଁ, ବରଂ ପ୍ରକଳ୍ପର ଗ୍ରାଉଣ୍ଡିଂ ଯାଏଁ ସମସ୍ତ ଦିଗକୁ ବିଭାଗ ସୁଚାରୁ ରୂପେ ତଦାରଖ କରୁଛି। ଦକ୍ଷତା ବିକାଶ କ୍ଷେତ୍ରରେ ଆମ ଓଡ଼ିଆ ପିଲାମାନେ ବିଶ୍ୱସ୍ତରରେ ବଡ଼ ସଫଳତା ହାସଲ କରୁଛନ୍ତି ଓ ରାଜ୍ୟର ସମସ୍ତ ଆଇଟିଆଇ କେନ୍ଦ୍ର ଗୁଡିକୁ ଅଧିକ ସଶକ୍ତ କରାଯାଇଛି। ଶିଳ୍ପ ବିଭାଗ ପକ୍ଷରୁ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ସହ ରିପୋର୍ଟ ପ୍ରସ୍ତୁତ କରାଯାଉଛି। ଏହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନା ଥାଉ କି ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୭ ପୃଷ୍ଠାର ଏକ ବିସ୍ତୃତ ରୋଡମ୍ୟାପ ପ୍ରସ୍ତୁତ ହୋଇଛି, ଯେଉଁଥିରେ ୧୬ଟି ସ୍ଲାଇଡ୍ ସମ୍ବଳିତ ନିର୍ଦ୍ଦିଷ୍ଟ ଢାଂଚାରେ ପ୍ରତିଟି ବିଭାଗର ଗଭୀର ଆକଳନ କରାଯିବ। ପ୍ରଥମ ପର୍ଯ୍ୟାୟରେ ମନ୍ତ୍ରୀମାନେ ନିଜ ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ଓ ଯୋଜନା ସମେତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ବଜେଟ୍ ଅନୁଦାନ ତୁଳନାରେ ପ୍ରକୃତ ଖର୍ଚ୍ଚ ଓ ହାସଲ ହୋଇଥିବା ସଫଳତାର ସଠିକ୍ ପରିସଂଖ୍ୟାନ ସ୍କିମ୍-ୱାରୀ ଉପସ୍ଥାପନ କରିବେ। ବିଧାନସଭାରେ ମନ୍ତ୍ରୀମାନଙ୍କ ପ୍ରଦର୍ଶନ, ଉପସ୍ଥିତି, ନୂଆ ଆଇନ ପ୍ରଣୟନ, ମୁଲତବୀ ପ୍ରସ୍ତାବର ସଂଖ୍ୟା ଓ ଉତ୍ତର, ଗୃହରେ ହୋଇଥିବା ବିଭିନ୍ନ ବିଭାଗୀୟ ଆଲୋଚନା ତଥା ଗୃହ ଅଚଳ ହେବାର କାରଣ ଗୁଡ଼ିକୁ ସେସନ ୱାରୀ ଯାଞ୍ଚ କରାଯିବ। ଜନସାଧାରଣଙ୍କ ସମସ୍ୟାର ସମାଧାନ ବା ଗ୍ରିଭାନ୍ସ ରେଡ୍ରେସାଲ୍ ପ୍ରକ୍ରିୟା ଉପରେ ଏହି ସମୀକ୍ଷାରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହାସହିତ ମନ୍ତ୍ରୀମାନେ ନିଜ ସ୍ତରରେ କରିଥିବା ସ୍ୱତନ୍ତ୍ର ମନିଟରିଂ ଓ ଇଭାଲ୍ୟୁଏସନ ବୈଠକର ସଫଳତା, ପ୍ରକଳ୍ପଗୁଡ଼ିକର କ୍ଷେତ୍ରସ୍ତରୀୟ ତଦାରଖ ପାଇଁ ସେମାନେ କରିଥିବା ଜିଲ୍ଲା ଗସ୍ତର ବିବରଣୀ ଓ ସ୍ୱତନ୍ତ୍ର ଦାୟିତ୍ୱର ଫଳାଫଳ ଉପସ୍ଥାପନ କରିବେ।

ଏସବୁ ବ୍ୟତୀତ ନିର୍ବାଚନ ସମୟରେ ସଂକଳ୍ପ ପତ୍ରରେ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ବନାମ ପ୍ରକୃତ କାର୍ଯ୍ୟକାରିତାର ଏକ ତୁଳନାତ୍ମକ ଚିତ୍ର ରଖିବାକୁ ମନ୍ତ୍ରୀମାନଙ୍କୁ କୁହାଯାଇଛି। ୨୦୩୬ ମସିହା ଓ ୨୦୪୭ ମସିହାର ଭିଜନ ଡକ୍ୟୁମେଣ୍ଟ ଲକ୍ଷ୍ୟ ହାସଲ କରିବା ପାଇଁ ଆଗାମୀ ୩ ବର୍ଷର ସ୍ପଷ୍ଟ ରୋଡମ୍ୟାପ୍, ଆଗାମୀ ୧୨ ମାସ ପାଇଁ ବିଭାଗର ଟପ୍-୧୦ ପ୍ରାଥମିକତା ଓ ଚୂଡ଼ାନ୍ତ ସେବା ପ୍ରଦାନର ଟାର୍ଗେଟ୍, ବିଗତ ଦୁଇ ବର୍ଷର ଶାସନରେ ବିଭାଗର ସବୁଠାରୁ ବଡ଼ ସଫଳତାକୁ ତଥ୍ୟ ସହ ପ୍ରଦର୍ଶନ କରିବାକୁ କୁହାଯାଇଛି।

### ଏନ୍‌ଟିଏ ର ଆଉ ଏକ ....

ସର୍ଭିସେସ୍) ପକ୍ଷରୁ ହୋଇଥିବା ବୈଷୟିକ ତ୍ରୁଟି ଯୋଗୁଁ ଶନିବାର କିଛି କେନ୍ଦ୍ରରେ ପରୀକ୍ଷା ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇପାରି ନଥିଲା। କିନ୍ତୁ ପରେ ଏହାର ସମାଧାନ କରାଯାଇଛି। ତେବେ ଏହି ଅବ୍ୟବସ୍ଥାକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ଅଭିଭାବକ ଏବଂ ଛାତ୍ରଛାତ୍ରୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅନେକ ସ୍ଥାନରେ ଛାତ୍ରଛାତ୍ରୀଙ୍କୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ୩ ରୁ ୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ପରୀକ୍ଷା କେନ୍ଦ୍ର କର୍ତ୍ତୃପକ୍ଷଙ୍କ ପକ୍ଷରୁ ପରୀକ୍ଷା ଆରମ୍ଭ ନେଇ କୌଣସି ସ୍ପଷ୍ଟ ସୂଚନା ମିଳି ନଥିଲା। ଏପରିକି ପରୀକ୍ଷା କେନ୍ଦ୍ରଗୁଡ଼ିକ ସହର ଠାରୁ ବହୁ ଦୂରରେ ରହିଥିଲା। ତା ସହିତ ଗ୍ରୀଷ୍ମ ପ୍ରବାହ ଓ ସକାଳୁ ପରୀକ୍ଷାର୍ଥୀ ମାନଙ୍କୁ ଧରି ଦ୍ୱିପ୍ରହର ଯାଏଁ ଅଭିଭାବକ ମାନେ ଭୀଷଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଇତିମଧ୍ୟରେ ଏନ୍‌ଟିଏ ଘୋଷଣା କରିଛି ଯେ ସିୟୁଇଟି-ୟୁଜିର ପ୍ରଥମ ପର୍ଯ୍ୟାୟରେ ବୈଷୟିକ ତ୍ରୁଟି ଯୋଗୁଁ ପରୀକ୍ଷା କେନ୍ଦ୍ର ଛାଡିଥିବା ୩,୭୦୦ରୁ ଅଧିକ ପରୀକ୍ଷାର୍ଥୀଙ୍କୁ ପୁଣିଥରେ ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯିବ। ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରାୟ ୩,୭୬୫ ଜଣ ପରୀକ୍ଷାର୍ଥୀ ପହଞ୍ଚିଥିଲେ। ବାୟୋମେଟ୍ରିକ ପଞ୍ଜୀକରଣ ସରିବା ପରେ ପରୀକ୍ଷା ଆରମ୍ଭ ହେବାରେ ବିଳମ୍ବ ହେବାରୁ ପରୀକ୍ଷା ପୂର୍ବରୁ ସେମାନେ କେନ୍ଦ୍ର ଛାଡ଼ି ଚାଲିଯାଇଥିଲେ। ଏହି ପରୀକ୍ଷାର୍ଥୀମାନଙ୍କ ପାଇଁ ଏନ୍‌ଟିଏ ଏକ ସ୍ୱତନ୍ତ୍ର ପୁନଃ-ପରୀକ୍ଷା ଆୟୋଜନ କରିବ। ଏହାର ତାରିଖ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ ଯେ, ସିୟୁଇଟି-ୟୁଜି ହେଉଛି ଭାରତର ସମସ୍ତ କେନ୍ଦ୍ରୀୟ, ରାଜ୍ୟ ଏବଂ ମନୋନୀତ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସ୍ନାତକ ଶ୍ରେଣୀରେ ନାମଲେଖା ପାଇଁ ଏକ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା। ୨୦୨୫ରୁ ଏହାକୁ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଭିତ୍ତିକ ଟେଷ୍ଟ (ସିବିଟି) ମୋଡ୍‌ରେ କରାଯାଉଛି। ୨୦୨୨ରେ ଏହାର ଶୁଭାରମ୍ଭ ପରଠାରୁ ଏପରି ଯାନ୍ତ୍ରିକ ତ୍ରୁଟି ଏବଂ ପରିଚାଳନାଗତ ସମସ୍ୟା ବାରମ୍ବାର ଦେଖାଦେଉଛି। ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଚିନ୍ତା ବଢ଼ିବାରେ ଲାଗିଛି।

### ଯାତ୍ରାରେ ହିରୋଇନ୍...

ଆଗରେ ପ୍ରକାଶ ନ କରିବାକୁ କହିଥିଲେ। ନଚେତ୍ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିଦେବେ ବୋଲି ଚେତାବନୀ ଦେଇଥିଲେ। ପରେ ସେମାନେ ଯୁବତୀଙ୍କୁ ବ୍ଲାକମେଲ୍ କରି ୨ ଲକ୍ଷ ୮୦ ହଜାର ଟଙ୍କା ନେଇଯାଇଥିଲେ। ପରେ ପୁଣି ବିଭିନ୍ନ ସମୟରେ ତାଙ୍କୁ ଦୁଷ୍କର୍ମ କରିବା ସହ ଅଭିଯୁକ୍ତଦ୍ୱୟ ଟଙ୍କା ମାଗି ଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ଗତ ୨୬ତାରିଖରେ ଯୁବତୀଜଣଙ୍କ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଟ୍ଟାମୁଣ୍ଡାଇ ପୁଲିସ ବାଲିଚନ୍ଦ୍ରପୁର ଅଞ୍ଚଳରେ ସଦଳବଳେ ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।


**OFFICE OF THE SUPERINTENDING ENGINEER**
**QUALITY ASSURANCE DIVISION, CUTTACK, JAGATPUR.**
AT/PO- JAGATPUR, PIN- 754021
seqadcuttack7@gmail.com
32001/306/2627

**Quotation Call Notice No.02/2026-27**

Sealed quotations are invited in the prescribed format from the interested reputed travel Agencies/Tour Operators/Individuals having valid & up to date registration under GST Act for Providing vehicle with driver following schedules of given in the BID document. The Quotation format will be available in the O/o Superintending Engineer, Quality Assurance Division, Cuttack, Jagatpur from10:00 AM of 01.06.2026 to 2.00 PM. of dt. 08.06.2026 without any Tender paper cost. Security deposit for an amount of Rs. 5000/- vehicle must be deposited in shape of FD/NSC/TDR/KVP duly pledged in favour of Superintending Engineer, Quality Assurance Division, Cuttack, Jagatpur along with the Quotation format. In case of the specified date of quotation opening being declared as holiday, the quotation will be opened at the scheduled time on the next working day. The authority reserves the right to reject any or all quotations without assigning any reason thereof.

| Sl. No. | Name of work | Hiring of private Vehicle for official use of SE, O/o the Superintending Engineer, Quality Assurance Division, Cuttack, Jagatpur |
|---|---|---|
| 1 | Date of Sales of Document | 01.06.2026 to 08.06.2026 |
| 2 | Last date of Sale | 08.06.2026 up to 2.00 PM |
| 3 | Date of opening BIDs/ Quotations | 08.06.2026 at 3.30 PM |

Sd/-
Superintending Engineer
Quality Assurance Division
Cuttack

OIPR-32001/32416/1/26-27/0003



**OFFICE OF THE PANCHAYAT SAMITI, PARJANG, DHENKANAL**
**PR & DW DEPARTMENT**
**Tender Call Notice**
**Bid Identification No. BDO, PARJANG -01/2026-27**
Parjang, Dhenkanal – 7590120, E-mail: ori-parajang@od.gov.in 19001/90/2627

The Block Development Officer, Parjang on behalf of Government of Odisha inviting percentage rate from eligible contractors for construction of ACR building work detail in the table below.

1. **Nature of work** : Construction of ACR building & other infrastructure-related work
2. **Nature of work** : Building Works
3. **Number of Work** : 05 (five)
4. **Tender Cost & EMD** : As mentioned in DTCN
5. **Class of contractor** : As mentioned in DTCN
6. **Available Bid document in the District Website** : From **01.06.2026, 7.00 AM to 19.06.2026 up to 5.00 PM**
7. **Last date/Time of receipt of the original bid documents** : **19.06.2026, 5.00 PM** (only Regd. Post/Speed Post)
8. **Date of Opening of Bid** : **20.06.2026, 11.00 AM**
9. **Name & Address of the Office** : Office of the **Block Development Officer, Parjang**
10. Further details can be seen from the Dhenkanal Portal **www.dhenkanal.nic.in**. Any addendum/Corrigendum/Cancellation of tender can also be seen in the said website.

**Block Development Officer**
**Parjang**

OIPR-19001/19416/1/26-27/0001



**AFFIDAVIT**

I, BANOJA KUMARI DAS, W/O - DEBA NARAYAN PANDA, resident of At-140/2, Adarsh Nagar, 2nd Line, PO - P.R Peta, PS - Jeypore, Dist - Koraput -764003, Odisha do hereby declare by this Affidavit No. 2158, Dtd- 29.05.2026, that now onwards I shall be known as **BANAJA PANDA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 856, dated 26-05-2026, I, LAXMIDHAR CHALAN, S/o - Late. Padam Majhi, permanent resident of Village - Karchamal, PO - Chirma, PS - Kodinga, Dist - Nabarangpur, Odisha, Pin - 764058, declare that I have changed the name of my Daughter from NANDENI CHALAN to BEBI CHALAN. Henceforth, She shall be known as **BEBI CHALAN** for all purposes.
**Sd/- Laxmidhar Chalan**

**AFFIDAVIT**

By virtue of an affidavit (CF No.14, dtd- 03/10/2024) sworn before The Executive Magistrate, Bhubaneswar. I, **Madhusmita Barik** (new name), aged about 48 years, W/o Somanath Barik, resident of At- Alok Nagar, Niali, Pubhakhanda, PS: Niali, Dist: Cuttack, Odisha declare that I have changed my name from **Madhusmita Subudhi** to **Madhusmita Barik.** Henceforth, I shall be known as **Madhusmita Barik** (new name) for all purposes.
**Madhusmita Barik**

**AFFIDAVIT**

I, Budhimant Sahoo, aged about 84 years, S/o- Daitari Sahoo, resident of At: Bidharpur, Po:Bidharpur, Dist: Dhenkanal, Pin: 759016, State: Odisha declared by this affidavit No.1082, dtd- 29/05/2026 that now onwards I shall be known as **BUDHIMANTA SAHOO** for all future purposes.

**AFFIDAVIT**

I, **Doupadi Devi,** aged about 65 years, having Adhaar Card No: 6475 4192 2670, D/o- Late Kaenru Das, resident of Vill: Kulthipali, PO: Bhimtikira, PS: Binka, Dist: Subarnpur, State: Odisha have changed my name and date of birth from **Doupadi Devi (09/10/1957)** to **Droupadi Das (01/01/1961)** in service document vide PPO No: FNA/527/2006 and other relevant documents, vide affidavit dtd- 29/05/2026 before The Executive Magistrate, Rampur. Henceforth, I shall be known as **Droupadi Das (DOB: 01/01/1961)** for all purposes.

**AFFIDAVIT**

I, Hrusikesh Mishra, aged about 75 years, S/o- Jagannath Mishra, resident of At/Plot No: N6/205, Po: IRC Village, Ps: Nayapalli, Bhubaneswar, Dist: Khurda, Pin: 751015, State: Odisha declared by this affidavit No. 1083, dtd- 29/05/2026 that now onwards I shall be known as **HRUSHIKESH MISHRA** for all future purposes.

**AFFIDAVIT**

I, Sitara Sulutana, aged about 47 years, W/o- Sardar Asaf Alli Khan, resident of At- Kaunri Patana, Badakumari, Po- Rajsunakhala, Ps- Bolagarh, Dist- Khordha, PIN- 752065, Odisha declared by this affidavit No.1075, dtd- 28/05/2026 that now onwards I shall be known as **SITARA SULTANA** for all future purposes.

# ୧୫ ଦିନରେ ଫାଟିଲା ନବନିର୍ମିତ ଢଳେଇ ରାସ୍ତା



**ନିଶ୍ଚିନ୍ତକୋଇଲି, ୩୦।୫(ସମିସ)**

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ତଦାରଖ ଅଭାବ ଓ ଦାୟିତ୍ୱହୀନତା ପାଇଁ ୫ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିବା ନବନିର୍ମିତ ଢଳେଇ ରାସ୍ତାଟି ଫାଟି ଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୫ ଲକ୍ଷ ଟଙ୍କା ଅନୁଦାନରେ ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ମାତକତପୁର ୧୧ ନମ୍ବର ୱାର୍ଡ ସେଠୀ ସାହିରେ ଗତ ୧୫ ଦିନ ହେବ ଏକ ଢଳେଇ ରାସ୍ତା ନିର୍ମାଣ କରାଯାଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ରାସ୍ତା ନିର୍ମାଣର କାର୍ଯ୍ୟାଦେଶ ରହିଥିଲା ବେଳେ ସ୍ଥାନୀୟ କେତେକ ବ୍ୟକ୍ତି ଏହି କାର୍ଯ୍ୟକୁ କରିଥିଲେ। ପ୍ରକଳ୍ପ ଅନୁଯାୟୀ ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଗାର୍ଡ ୱାଲ ସହିତ କଂକ୍ରିଟ କରାଯିବା ପାଇଁ ବ୍ୟବସ୍ଥା ରହିଥିଲା। ଠିକାଦାର କାର୍ଯ୍ୟ କରିବା ସମୟରେ ବ୍ଲକର କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସଠିକ୍ ତଦାରଖ ଅଭାବରୁ ରାସ୍ତାର ଅବସ୍ଥା ଏଭଳି ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏହି କାର୍ଯ୍ୟରେ ବ୍ୟବହୃତ ହୋଇଥିବା ନିର୍ମାଣ ସାମଗ୍ରୀ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସରକାରୀ ଅଟକଳ ଅନୁଯାୟୀ ସିମେଣ୍ଟ, ବାଲି ଓ ଗୋଡି ଦିଆଯାଇନଥିବାରୁ ରାସ୍ତାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ହେଲେ ରାସ୍ତା ନିର୍ମାଣର ୧୫ ଦିନ ନଯାଉଣୁ ଏବେ ଏହା ଫାଟି ଯାଇଥିବାରୁ ଏ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ସ୍ଥାନୀୟ ସେଠୀ ସାହି ବାସିନ୍ଦା ବ୍ଲକ କାର୍ଯ୍ୟାଳୟରେ ଜଣାଇବା ପରେ ଘଟଣାସ୍ଥଳରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଠିକାଦାର ଏହାକୁ ଭାଙ୍ଗି ପୁନର୍ବାର ନିର୍ମାଣ କରିବ ବୋଲି ଲୋକଙ୍କୁ କହିଥିବା ବେଳେ ଏହାକୁ ଯଦି କରା ନଯାଏ ତାହା ହେଲେ ବିଲ୍ ବନ୍ଦ କରାଯିବ ବୋଲି ସେ ଲୋକଙ୍କୁ ପତିଶ୍ରୁତି ଦେଇଛନ୍ତି। ପରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟତା ଯାଞ୍ଚ କରି ଫେରିଯାଇଥିଲେ।

## ଜିଲ୍ଲାରେ ୨୦ ଲକ୍ଷ ୮୫ ହଜାର ଭୋଟରଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ ଆରମ୍ଭ

# ଘରକୁ ଘର ଯାଇ ଫର୍ମ ଦେଲେ ବିଏଲ୍ଓ



**କଟକ, ୩୦।୫(ସମିସ):** ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ ଆଜିଠାରୁ ଜିଲ୍ଲାରେ ଆରମ୍ଭ କରାଯାଇଛି। ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ମାନେ ଜିଲ୍ଲାର ୯ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀରେ ଘରକୁ ଘର ଯାଇ ଭୋଟରମାନଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ ଆରମ୍ଭ କରିଛନ୍ତି। ବିଏଲଓମାନେ ପ୍ରତ୍ୟେକ ଭୋଟରଙ୍କୁ ପୂର୍ବରୁ ମୁଦ୍ରିତ ୨ଟି ଲେଖାଏଁ ଗଣନା ଫର୍ମ ପ୍ରଦାନ କରି ସେଗୁଡ଼ିକ ପୂରଣ କରି ଗୋଟିଏ ନିଜେ ନେଉଛନ୍ତି ଏବଂ ଅନ୍ୟଟି ଭୋଟରଙ୍କୁ ଦେଉଛନ୍ତି। ବିଏଲଓ ସଂଗୃହୀତ ଫର୍ମଗୁଡ଼ିକୁ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ଅପଲୋଡ୍ କରିବେ। ଜିଲ୍ଲାରେ ସମୁଦାୟ ଭୋଟର ସଂଖ୍ୟା ୨୦, ୮୫, ୭୭୯ ଜଣ ଥିବାବେଳେ ମ୍ୟାପିଙ୍ଗ ସମୟରେ ୧୯, ୫୦, ୧୯୮ ଜଣ ଭୋଟର ଥିବା ଜଣାପଡ଼ିଛି।

ସେହିପରି ଜିଲ୍ଲାରେ ସମୁଦାୟ ୨୨୯୧ଟି ବୁଥ ରହିଥିବାବେଳେ ଆଉ ୬୦୬ଟି ନୂତନ ବୁଥ କରାଯିବ। ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ୨୨୯୧ ଜଣ ବିଏଲଓ, ୬୦୬ ଜଣ ଅତିରିକ୍ତ ବିଏଲଓ, ୨୨୭ ଜଣ ସୁପରଭାଇଜର, ୬୬ ଜଣ ଏଇଆରଓ, ୨୨୯୧ ଜଣ ସ୍ୱେଚ୍ଛାସେବୀ ଓ ୧୩୦୩ ଜଣ ବୁଥସ୍ତରୀୟ ଏଜେଣ୍ଟ ରହିଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ରୁ ୧୧ଟା ଓ ଅପରାହ୍ନ ୪ରୁ ୭ଟା ପର୍ଯ୍ୟନ୍ତ ବିଏଲଓମାନେ ଏହି କାର୍ଯ୍ୟ କରୁଛନ୍ତି।

**ଟିଗିରିଆ:** ଆଜିଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ। ଆଠଗଡ଼ ଉପଖଣ୍ଡ ପଞ୍ଜୀକରଣ ଅଧିକାରୀ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଆଠଗଡ଼ ବିଧାନସଭା କ୍ଷେତ୍ରରେ ଆଜିଠାରୁ ଆରମ୍ଭ କରାଯାଇଛି। ଟିଗିରିଆ ବ୍ଲକ ସହକାରୀ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ଭୋଳ, ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୭୨ଟି ବୁଥରେ ସଘନ ସଂଶୋଧନ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତି ବୁଥର ବୁଥସ୍ତରୀୟ ଅଧିକାରୀମାନେ ଭୋଟରମାନଙ୍କ ଘରକୁ ଘର ଯାଇ ସେମାନଙ୍କ ପରିବାରକୁ ପରିଗଣନା ଫର୍ମ ପ୍ରଦାନ କରିଛନ୍ତି ଯାହାକି ଏହାକୁ ସେମାନେ ବୁଥ ଅଧିକାରୀଙ୍କ ସହାୟତାରେ ପୂରଣ କରିବା ସହିତ ତାଲିକାରେ ଥିବା ତ୍ରୁଟିକୁ ସୁଧାର ନିମନ୍ତେ ଅବଶ୍ୟକ ପ୍ରମାଣପତ୍ର ମାନ ପ୍ରଦାନ କରିବେ। ଏହି କାର୍ଯ୍ୟ ଅସନ୍ତା ଜୁଲାଇ ୨୮ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମକୁ ବୁଥ ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମଣି ମିଶ୍ର, ବିଶ୍ୱରଞ୍ଜନ ଜେନା, ପ୍ରମୋଦ କୁମାର ଗୋଛି, ସଚ୍ଚିଦାନନ୍ଦ ରାଉଳ, ପ୍ରଭାତ କୁମାର ପଣ୍ଡା ଏବଂ ଗଙ୍ଗାଧର ସାମଲ ପ୍ରମୁଖ ସହଯୋଗ କରୁଛନ୍ତି।



# ନୂତନ କଂଗ୍ରେସ କମିଟି ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧନା




**ସାଲେପୁର, ୩୦।୫(ସମିସ):** ନୂତନ ଭାବେ ଗଠିତ ହୋଇଥିବା କଟକ ଓ ସାଲେପୁର କଂଗ୍ରେସ କମିଟି ପକ୍ଷରୁ ଆଜି ସାଲେପୁର ଅଞ୍ଚଳର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାଲେପୁର ବ୍ଲକ କଂଗ୍ରେସ କମିଟି ସଭାପତି ସରୋଜ କୁମାର କର, ଉପସଭାପତି ସେକ୍ ପୀର ବକ୍ସ, ହରେକୃଷ୍ଣ ବେହେରା, ସଂଖ୍ୟାଲଘୁ ସେଲ୍‌ର ବ୍ଲକ କଂଗ୍ରେସ ସଭାପତି ମୁସ୍ତାକିନ୍ ଖାଁ, କଟକ ଜିଲ୍ଲା ଆଦିବାସୀ ସେଲର ସଭାପତି ହୃଦାନନ୍ଦ ଦେହୁରୀ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଅଶ୍ୱିନୀ କୁମାର ଦାସ, ଚନ୍ଦ୍ରକାନ୍ତ କର, ଦେବେନ୍ଦ୍ର ନାଥ ସାମଲ, ସତ୍ୟସ୍ୱରୂପ ଦାଶ ପ୍ରମୁଖ ସାଲେପୁର ତହସିଲଦାର ଭାବେ ନୂତନ ଭାବେ ଯୋଗଦେଇଥିବା ଉର୍ମିଳା ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ, ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି, ଆଇଆଇସି ମହେଶ୍ୱର ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମ୍ବର୍ଦ୍ଧନା କରିବା ସହ ଆଗାମୀ ଦିନରେ ସାଲେପୁର କଂଗ୍ରେସ ନେତା ଇଂ ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ସହ ଘରେ ଘରେ କଂଗ୍ରେସର ଲୋକାଭିମୁଖୀ କାର୍ଯ୍ୟକୁ ପହଞ୍ଚାଇବା ପାଇଁ ଶପଥ ନେଇଥିଲେ।

# ସୋସିଆଲ୍ ମିଡିଆରେ ବିଧାୟକଙ୍କ ନାମରେ ମିଥ୍ୟା ଅପପ୍ରଚାର

## ଜଗତପୁର ଓ ସାଲେପୁର ଥାନାରେ ଏତଲା

**ସାଲେପୁର, ୩୦।୫(ସମିସ):** କିଛି ଦିନ ହେବ ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ସୋସିଆଲ୍ ମିଡ଼ିଆରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ମିଥ୍ୟାରେ ବଦନାମ କରିବା, ତାଙ୍କ ନାମରେ ଅପପ୍ରଚାର କରିବା ଓ ତାଙ୍କୁ ବଦନାମ କରୁଥିବା ଏକ ୟୁଟ୍ୟୁବ୍ ଚ୍ୟାନେଲର ମାଲିକ ଏବଂ ଉପସ୍ଥାପିକାଙ୍କ ବିରୁଦ୍ଧରେ ଯୁବ ବିଜେଡି ପକ୍ଷରୁ ଜଗତପୁର ଓ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଯଦି ପୁଲିସ ପ୍ରଶାସନ ତୁରନ୍ତ ବିଧାୟକଙ୍କ ନାମ ନେଇ ମିଥ୍ୟା ଅପ ପ୍ରଚାର କରୁଥିବା ୟୁଟ୍ୟୁବ୍ ମାଲିକ ଓ ଉପସ୍ଥାପିକାଙ୍କ ବିରୁଦ୍ଧରେ ତୁରନ୍ତ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ, ତେବେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଯୁବ ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରକାଶ ଯେ ୨/୩ଦିନ ହେବ ଉତ୍କଳ ଗୌରବ ନାମକ ଏକ ୟୁଟ୍ୟୁବ୍ ଚ୍ୟାନେଲରେ ସିଧାସଳଖ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନାମ ନେଇ କୌଣସି ତଥ୍ୟ ଉପସ୍ଥାପନ ନ କରି ମିଥ୍ୟା ଅପପ୍ରଚାର କରିବା ଓ ତାଙ୍କୁ ବଦନାମ କରିବା ପାଇଁ ଚକ୍ରାନ୍ତ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏହାନେଇ ସାଲେପୁର ଯୁବ ବିଜୁ ଜନତା ଦଳ ପକ୍ଷରୁ ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ଏନ୍‌ଏସି ଯୁବ ସଭାପତି ଗୁଲରେଜ ଅଲ୍ଲି, ସରପଞ୍ଚ ପବିତ୍ର ସାମଲ, ବିଜୟ ପୃଷ୍ଟି, ମନୋଜ ସାମଲ, ଦୀପକ ରାଉତ, ସୌମ୍ୟରଞ୍ଜନ ମଲ୍ଲ, ବିନୋଦ ମଲ୍ଲିକ, ପୂର୍ବତନ ସରପଞ୍ଚ କୈଳାସଚନ୍ଦ୍ର ବେହେରା, ଯଦୁନାଥ ମହାପାତ୍ର, ସରୋଜ ଦୀକ୍ଷିତଙ୍କ ସମେତ ଯୁବ ବିଜେଡିର ବହୁ କର୍ମକର୍ତ୍ତା ଜଗତପୁର ଓ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।



# କଲେଜ ଛାତ୍ରୀ ଉଦ୍ଧାର; ଅପହରଣକାରୀ ଗିରଫ

**ନିଶ୍ଚିନ୍ତକୋଇଲି, ୩୦।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡ଼ା ଗ୍ରାମପଞ୍ଚାୟତ ହଳଧରପୁର ଗ୍ରାମରୁ ଅପହୃତ ହୋଇଥିବା ନାବାଳିକା କଲେଜ ଛାତ୍ରୀକୁ ପୁଲିସ କେନ୍ଦ୍ରାପଡ଼ାରୁ ଉଦ୍ଧାର କରି ଅପହରଣକାରୀକୁ ଗିରଫ କରିଛି। ଅପହରଣକାରୀ ଜଣକ ଏକ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀ ଜଣକ +୨ ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ଥିବା ବେଳେ ଇଦ ପର୍ବ ଦିନ ସ୍ଥାନୀୟ ଗ୍ରାମର ୩ଟି ସନ୍ତାନର ଜନକ ସୋଫିଆନ ଖାଁ ତାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

## ବାଲିପୁଟ ବୋମାମାଡ଼ ଘଟଣା

# ଫେରାର ଅଭିଯୁକ୍ତଙ୍କ ପଛରେ ପୁଲିସ

**ଟିଗିରିଆ, ୩୦।୫(ସମିସ):** ଚଳିତ ମାସ ୨୮ ତାରିଖ ବିଳମ୍ବିତ ରାତିରେ ଟିଗିରିଆ ଥାନା ଅଧୀନ ବାଲିପୁଟ ଗ୍ରାମରେ ହୋଇଥିବା ବୋମାମାଡ଼ ଘଟଣାରେ ପୁଲିସ ଏହି ଥାନା ଅଧୀନ କରଡାପଲ୍ଲୀ ଗ୍ରାମର ମହମ୍ମଦ ମୁସାଫଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣାର ୭୨ ଘଣ୍ଟା ପରେ ବି ଏହି ମାମଲାରେ ସଂପୃକ୍ତ ଥାଇ ଫେରାର ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ଏନେଇ ଥାନା ଆଇଆଇସି ରମାକାନ୍ତ ନାୟକଙ୍କୁ ପଚାରିବାରୁ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ କରଡ଼ାପଲ୍ଲୀ ଗ୍ରାମ ସମେତ ଅନ୍ୟାନ୍ୟ ସନ୍ଦିଗ୍ଧ ସ୍ଥାନରେ ଚଢ଼ଉ ଜାରି ରଖିଛି। ଅଭିଯୁକ୍ତମାନଙ୍କୁ ଧରାଇବାରେ ସହଯୋଗ କରିବା ପାଇଁ ଅଭିଯୁକ୍ତଙ୍କ ପରିବାରକୁ କୁହାଯାଇଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶୁକ୍ରବାର ରାତିରେ ଟିଗିରିଆ ପୁଲିସ ପକ୍ଷରୁ କରଡ଼ାପଲ୍ଲୀ ଗ୍ରାମ ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଚଢ଼ାଉ କରାଯାଇଥିଲେ ମଧ୍ୟ କାହାରିକୁ ଗିରଫ କରାଯାଇପାରିନାହିଁ।

# ହଳଦୀବସନ୍ତରେ ଧରିତ୍ରୀମାତା ବଞ୍ଚାଅ ଅଭିଯାନ

**ଟାଙ୍ଗୀ, ୩୦।୫(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଗ୍ରାମରେ ବ୍ଲକ କୃଷି ବିଭାଗ ଓ ହଳଦୀବସନ୍ତ ସେବା ସମବାୟ ସମିତିର ମିଳିତ ଆନୁକୂଲ୍ୟରେ ଧରିତ୍ରୀ ମାତା ବଞ୍ଚାଅ ସଚେତନତା ଅଭିଯାନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସେବା ସମବାୟ ସମିତି ସମ୍ପାଦକ ନିକୁଞ୍ଜ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ କୃଷି ବିଭାଗର ଗ୍ରାମ୍ୟ କୃଷି ଅଧିକାରୀ ଚାଷ କାର୍ଯ୍ୟରେ ରସାୟନିକ ସାର ବ୍ୟବହାର ନକରି ନାନୋ ଜୈବିକ ସାର ବ୍ୟବହାର କଲେ ମାଟିର ଉର୍ବରତା ବୃଦ୍ଧି ହେବା ସଙ୍ଗେ କୌଣସି ରୋଗ ହେବନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମିତି ସଭାପତି କରୁଣାକର ବେହେରା, ବିଜୟ କୁମାର ପରିଡ଼ା ଓ ବଂଶିଧର ସ୍ୱାଇଁଙ୍କ ସମେତ ବିଭିନ୍ନ ଗ୍ରାମର ଚାଷୀ ଯୋଗଦେଇଥିଲେ। ଭଗବାନ ବସ୍ତିଆ ସହଯୋଗ କରିଥିବାବେଳେ କୃଷକ ସାଥୀ ଗୋକୁଳିଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।



# ବିଜେଡିରୁ ଜିଲ୍ଲା ପରିଷଦ ସଭ୍ୟାଙ୍କ ଇସ୍ତଫା



**ନିଶ୍ଚିନ୍ତକୋଇଲି, ୩୦।୫(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୮ ନଂ ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟା ସବିତା ବିଶ୍ୱାଳ ଏବଂ ତାଙ୍କ ସ୍ୱାମୀ ଦିଲ୍ଲୀପ କୁମାର ବିଶ୍ୱାଳ ବିଜେଡିରୁ ଇସ୍ତଫା ଦେଇଥିବା ଜଣାଯାଇଛି। ଏସଂକ୍ରାନ୍ତରେ କଟକ ଜିଲ୍ଲାପରିଷଦ ସଭାପତିଙ୍କ ଜରିଆରେ ବିଜେଡିର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ସେମାନେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ବିଗତ ୨୦୨୦ମସିହାରୁ ଏହି ଦମ୍ପତି ବିଜେଡି ଦଳରୁ ପଞ୍ଚାୟତ ଓ ଜିଲ୍ଲାପରିଷଦ ଜୋନ୍‌ରେ ବିଭିନ୍ନ ପଦପଦବୀରେ ରହି ଦଳୀୟ ସଂଗଠନକୁ ମଜଭୁତ କରିଥିଲେ। ନିଜର ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଦଳର ସଦସ୍ୟତା ପଦରୁ ଇସ୍ତଫା ଦେଉଥିବା ତାଙ୍କ ପତ୍ରରେ ଦର୍ଶାଇଛନ୍ତି।

# 'ମାଳିକା'କୁ ନେଇ ବିଭ୍ରାନ୍ତିକର ତଥ୍ୟ; ପ୍ରତିବାଦ କଲା ରିସର୍ଚ୍ଚ ସେଣ୍ଟର

**ନିଶ୍ଚିନ୍ତକୋଇଲି, ୩୦।୫(ସମିସ):** ମାଳିକାର ଭବିଷ୍ୟବାଣୀକୁ ନେଇ ଏକ ଘରୋଇ ବୈଦ୍ୟୁତିକ ଗଣମାଧ୍ୟମ ଚ୍ୟାନେଲରେ ଜଣେ ପ୍ରବଚକ ଏକ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିଥିଲେ। ଗତ ମେ ୨୬ ତାରିଖଠାରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପି ଅନ୍ଧାର ଘୋଟିବ ବୋଲି ରାଜ୍ୟବାସୀଙ୍କୁ ସେ ସିଧାସଳଖ ଭାବେ ତାଙ୍କ ପ୍ରବଚନରେ କହିଥିଲେ। ଯାହାକୁ ନେଇ ସାରା ରାଜ୍ୟରେ ପ୍ରଚାର ପ୍ରସାର ଜୋର ହେବାରୁ ଲୋକମାନଙ୍କ ମଧ୍ୟରେ ଏକ ଭୟର ବାତାବରଣ ଖେଳିଯାଇଥିଲା। ଏପରିକି ଗାଁ ଗହଳିରେ ବହୁ ଲୋକମାନେ ଲଣ୍ଠନ, ମହମବତି ଭଳି ଅତ୍ୟାବଶ୍ୟକ ଜିନିଷ କିଣି ଘରେ ରଖିବାକୁ ଲାଗିଥିଲେ। ହେଲେ ଆଜି ଜୁନ୍ ୩୦ ତାରିଖ ହୋଇଥିଲେ ମଧ୍ୟ କୌଣସି ଦିନରେ ଅନ୍ଧାର ହୋଇ ନ ଥିବାରୁ ସମ୍ପୃକ୍ତ ପ୍ରବଚକଙ୍କ ତଥ୍ୟ ଭୁଲ ବୋଲି ପ୍ରମାଣିତ ହୋଇଛି। ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ରଚିତ ମାଳିକାକୁ ଭଲ ଭାବରେ ନ ବୁଝି ଏଭଳି ଅଜ୍ଞତା ଭାବେ ଚ୍ୟାନେଲ ମାଧ୍ୟମରେ ଲୋକମାନଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଇ ଅଚ୍ୟୁତପ୍ରେମୀଙ୍କ ମନରେ କୁଠାରଘାତ କରିଥିବାରୁ ଏ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମହାପୁରୁଷ ଅଚ୍ୟୁତାନନ୍ଦ ଇନ୍‌ଫରମେସନ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ସମ୍ପୃକ୍ତ ପ୍ରବଚକଙ୍କ ତଥ୍ୟ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରିସର୍ଚ୍ଚ ସେଣ୍ଟରର ସମ୍ପାଦକ ନାରାୟଣ ଓଝା ଏକ ଦାବିପତ୍ର ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁଙ୍କୁ ପ୍ରଦାନ କରିଛନ୍ତି। କର୍ମକର୍ତ୍ତା ହିମାଂଶୁ ମହାପାତ୍ର, ଦର୍ଶନୀ ନାୟକ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଗାଁମୁହାଁ ହାତୀ ପଲ; ଅଞ୍ଚଳବାସୀ ଆତଙ୍କିତ

**ନରସିଂହପୁର, ୩୦।୫(ସମିସ):** ନରସିଂହପୁର ବ୍ଲକରେ ଏବେ ହାତୀ ପଲ ଗାଁମୁହାଁ ହୋଇଛନ୍ତି। ଆଜକୁ ୬/୭ ଦିନ ଏକ ଛଅଟିକିଆ ହାତୀପଲ ଆଖପାଖ ଅଞ୍ଚଳରେ ବୁଲୁଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହି ସନ୍ଧ୍ୟା ହେଲେ ତାଟିବାଡ଼ି ପକାଇ ଭୟରେ ରହୁଛନ୍ତି। ୬ଟିକିଆ ହାତୀପଲ ପ୍ରଥମେ ପଞ୍ଚଗୋଛିଆ ଜଙ୍ଗଲରୁ ଆସି ଚାମ୍ପେଶ୍ୱରସ୍ଥିତ କାନ୍ଧବେରାଣୀସ୍ଥିତ ମୁଖ୍ୟ ରାସ୍ତା, ଚଷା ବାରବାଟୀ, ସିଆରିଆ ଗ୍ରାମର ଆଖପାଖ ଅଞ୍ଚଳ ଦେଇ ବର୍ତ୍ତମାନ କଳାମାଟିଆ ଗ୍ରାମର ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲ ନିକଟରେ ରହିଛନ୍ତି। ଆଜି ଦିନତମାମ ସିଆରିଆ ଗ୍ରାମର ଚାରିପାଖ ଓ କଟାବନ୍ଧ ନିକଟରେ ବୁଲୁଥିବା ବେଳେ ବନ କର୍ମଚାରୀ ଜଗି ରହିଥିବାର ବନପାଳ ପଦ୍ମ ଲୋଚନ ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିସହିତ ୮ ଦିନ ତଳେ ଦୁଇରୁ ଅଧିକ ଦନ୍ତା ସହିତ ଅନ୍ୟ ହାତୀ ମିଶି ନରସିଂହପୁର ବନାଞ୍ଚଳର ପଞ୍ଚଗୋଛିଆ, ପତ୍ରଭାଗ, ସାଗର ଅଞ୍ଚଳରେ ପଶି ବହୁ ଲୋକଙ୍କର ବାଡ଼ି ବଗିଚା ନଷ୍ଟ କରିବା ସହିତ ଶତାଧିକ ଆମ୍ବ ଗଛ ଏବଂ ଅନ୍ୟାନ୍ୟ ଦାମୀ ଗଛ ନଷ୍ଟ କରୁଛନ୍ତି। ସ୍ଥାନୀୟ ବନ ବିଭାଗ ଏଥିନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



# ଦଶାହ କାର୍ଯ୍ୟ ବେଳେ ଛୁରାମାଡ଼; ୨ ଆହତ

**ବାରଙ୍ଗ, ୩୦।୫(ସମିସ):** ଶାଶୂଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଆସି ଶୌଚ ବେଳେ ଛୁରାମାଡ଼ ହୋଇଛି। ଛୁରାମାଡ଼ରେ ୨ ଜଣ ଆହତ ହୋଇଥିବା ନେଇ ଶୁକ୍ରବାର ରାତିରେ ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ଆଠଗଡ଼ ବେଣ୍ଟପଦା ଗ୍ରାମର ଲକ୍ଷ୍ମୀଧର ରାଉଳ ଶାଶୂଙ୍କ ଶୁଦ୍ଧଘର କାମ ନିମନ୍ତେ ପରିବାର ସହ ଚଣ୍ଡୀପ୍ରସାଦ ଗ୍ରାମକୁ ଆସିଥିଲେ। ଶୌଚ ପାଇଁ ଲକ୍ଷ୍ମୀଧର, ପତ୍ନୀ ସୁକାନ୍ତି, ପୁଅ ଆକାଶଙ୍କ ସମେତ ଶଶୁର ଘର ଲୋକମାନେ ପୁରୀମେନ କେନାଲକୁ ଶୁକ୍ରବାର ଅପରାହ୍ନରେ ଆସିଥିଲେ। ଏହି ସମୟରେ ପପୁ ନାମକ ଯୁବକ ଦ୍ରୁତ ଗତିରେ ବାଇକ୍ ନେଇ ସେହି ବାଟରେ ଯାଇଥିଲା। ଏଭଳି ଗାଡ଼ି ନ ଚଲାଇବାକୁ ପପୁକୁ ଡାକି ଲକ୍ଷ୍ମୀଧରଙ୍କ ପୁଅ ଆକାଶ କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପପୁ ତାର ସହଯୋଗୀମାନଙ୍କୁ ଡାକି ସମସ୍ତଙ୍କୁ ମାରଧର କରିଥିଲା। ଏପରିକି ଲକ୍ଷ୍ମୀଧର ଓ ତାଙ୍କ ପୁଅ ଆକାଶକୁ ଛୁରିରେ ଆକ୍ରମଣ କରିଥିଲା। ପପୁର ସହଯୋଗୀମାନେ ସେଠାରେ କିଛି ସମୟ ପାଇ ଉତ୍ପାତ ସୃଷ୍ଟି କରି ପଳାଇ ଆସିଥିଲେ ବୋଲି ବାରଙ୍ଗ ଥାନାରେ ଲକ୍ଷ୍ମୀଧରଙ୍କ ପତ୍ନୀ ସୁକାନ୍ତି କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୩ ଦିନିଆ ରଜ ମହୋତ୍ସବ ଓ ରକ୍ତଦାନ ଶିବିର ପ୍ରସ୍ତୁତି



## ଏଥରର ଆକର୍ଷଣ ଶଙ୍ଖ ଫୁଙ୍କା ପ୍ରତିଯୋଗିତା

**କଣ୍ଟାପଡ଼ା, ୩୦।୫(ସମିସ):** ସାଇଲୋ ବଡ଼ବିଲସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ରଜ ଉତ୍ସବ ୨୦୨୬ ଓ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ସ୍କୁଲ ନିକଟରେ ଥିବା ସ୍ଥାୟୀ ସଭାମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଂସଦର ସଭାପତି ପ୍ରିୟନାଥ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଉତ୍ସବ ୩ ଦିନ ଧରି ଆୟୋଜନ କରାଯିବା ସହ ଏଥର ଶଙ୍ଖ ଫୁଙ୍କା ପ୍ରତିଯୋଗିତାକୁ ନୂତନ ଭାବରେ ସ୍ଥାନିତ କରାଯାଇ ସେନେଇ ଆଲୋଚନା ହୋଇଥିଲା। ପହଲି ରଜରେ ସକାଳେ ପୋଡ଼ପିଠା, ମୁରୁଜ ଇତ୍ୟାଦି ପ୍ରତିଯୋଗିତା ହେବ। ରକ୍ତଦାନ ଶିବିରକୁ ସନ୍ଧ୍ୟାରେ ହେବାକୁ ସ୍ଥିର କରାଯାଇଛି। ପ୍ରଥମ ସନ୍ଧ୍ୟାରେ କନିଷ୍ଠ ବର୍ଗର ଝିଅମାନଙ୍କ ଦ୍ୱାରା ଉଭୟ ଆଧୁନିକ ଓ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା, ଦ୍ୱିତୀୟ ସନ୍ଧ୍ୟାରେ ବରିଷ୍ଠ ବର୍ଗ ଝିଅମାନଙ୍କ ନୃତ୍ୟ ପ୍ରତିଯୋଗିତା ସହ କୁଇଜ ଏବଂ ଶଙ୍ଖ ଫୁଙ୍କା ପ୍ରତିଯୋଗିତା ଓ ଶେଷ ଦିନରେ ସଙ୍ଗୀତ ପ୍ରତିଯୋଗିତା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ରଞ୍ଜିତ ରାଉତରାୟ, ବିରେନ ଆଚାର୍ଯ୍ୟ, ପୁନାନନ୍ଦ ପାତ୍ର, ଅତୀଶ ରାଉତ, ଜ୍ୟୋତିରଞ୍ଜନ ଦାଶ, ସୁକାନ୍ତ ବେହେରା, ମନମୋହନ ବେହେରା, ପରମେଶ୍ୱର ଦାସ, ଅକ୍ଷୟ ରାଉତ, ବିଶ୍ୱରଞ୍ଜନ ଆଚାର୍ଯ୍ୟ, ଅନିଲ କୁମାର ଜେନା, ବିଶ୍ୱରଞ୍ଜନ ରାଉତ, ବିଭୂପ୍ରଦ ଆଚାର୍ଯ୍ୟ, ସଞ୍ଜୟ କୁମାର ଦାସ, ଅଭିଜିତ ଆଚାର୍ଯ୍ୟ, ସୁଜାତା ରାଉତରାୟ, ସୁମିତ୍ରା ବେହେରା, ଅମ୍ଳାନ ଆଚାର୍ଯ୍ୟ, ବିଜୟ କୁମାର ରାଉତରାୟ, ଅଭିଜିତ ପାତ୍ର, ସମ୍ବିତ କୁମାର ରାଉତରାୟ, ପୁପା ମହାରଣା, ସ୍ୱୟଂଶୁ ସ୍ୱସ୍ତିକ ରାଉତରାୟ ସୌମ୍ୟ ପାତ୍ର ଓ ଛାତ୍ର ସଂସଦର ସମ୍ପାଦକ ସଞ୍ଜୟ ରାଉତରାୟ ଅଂଶଗ୍ରହଣ କରିଥିଲେ।

# ହନୁମାନ ମନ୍ଦିର ପୂଜକଙ୍କ ପରଲୋକ

**ନରସିଂହପୁର, ୩୦।୫(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ପାଇକପଡ଼ାପଟଣାସ୍ଥିତ ହନୁମାନ ମନ୍ଦିର ପୂଜକ ସରୋଜ କୁମାର କର (୫୮)ଙ୍କର ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ଘର କାକୁଡିଆ ଗ୍ରାମର ହୋଇଥିବା ବେଳେ ଜଣେ ଭଲ ପୂଜକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମକ୍ରିୟା ସମ୍ପନ୍ନ ହୋଇଛି। ପୁତ୍ର ରୁଦ୍ର କର ଚିତାଗ୍ନି ଦେଇଥିଲେ।



# ନଦୀ ପଠାରୁ ଗଛ କଟା ଉଦ୍ୟମକୁ ଗ୍ରାମବାସୀଙ୍କ ବିରୋଧ

**ନିଶ୍ଚିନ୍ତକୋଇଲି, ୩୦।୫(ସମିସ)**



ନିଶ୍ଚିନ୍ତକୋଇଲି ବ୍ଲକ ମଣିଜଙ୍ଗ ପଞ୍ଚାୟତ ଚିତ୍ରୋତ୍ପଳା ନଦୀ ପଠାରୁ କାଠ ମାଫିଆମାନେ ଚାରିଟି ବହୁ ପୁରାତନ ଚାଖୁଣ୍ଡା ଗଛକୁ କାଟିନେବା ପାଇଁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ତୀବ୍ର ପ୍ରତିବାଦ କରିଛନ୍ତି। ଏ ଅଞ୍ଚଳରେ ଦିନକୁ ଦିନ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଥିଲା ବେଳେ ପୁଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି। ଏହି ନଦୀବନ୍ଧ ପାର୍ଶ୍ୱରେ ଥିବା କେଉଁ କାଳରୁ ଚାରିଟି ବିରାଟକାୟ ଚାଖୁଣ୍ଡା ଗଛ ରହିଛି। ଫଳରେ ବନ୍ୟା ସମୟରେ ଉକ୍ତ ଚାରୋଟି ଗଛ ନଦୀବନ୍ଧକୁ ସୁରକ୍ଷା ଦେବା ସହିତ ରଜ ଆସିଲେ ଗାଁର ପିଲାମାନେ ଏହି ଗଛରେ ବିଭିନ୍ନ ଦୋଳି ଲଗାଇ ରଜ ମଉଜ ପାଳନ କରିଥାଆନ୍ତି। ଏବେ ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଗଛକୁ କାଠ ମାଫିଆକୁ ବିକ୍ରି କରି ଦେବାକୁ ମସୁଧା ଚଳାଇଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ କିଶନନଗର ତହସିଲଦାରଙ୍କୁ ଅବଗତ କରିଥିଲେ ମଧ୍ୟ ସେ ନ ଶୁଣିବାରୁ ଗ୍ରାମର ଶତାଧିକ ମହିଳା ପ୍ଲା-କାର୍ଡ ଧରି ଏହାର ବିରୋଧ କରି ଗଛ ନ କାଟିବା ପାଇଁ ଜିଦ୍ ଧରି ବସିଥିଲେ। ସ୍ଥିତି ଅଣାୟତ୍ତ ହେବାରୁ କିଶନନଗର ଥାନା ପୁଲିସ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିଥିବା ଜଣାଯାଇଛି। ସରକାରୀ ଜାଗାରୁ କ'ଣ ପାଇଁ ପୁରୁଣା ଚାଖୁଣ୍ଡାଗଛ କଟାଯାଉଛି ଏହି ଗଛ ବିକ୍ରିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ତଦନ୍ତ କରିବା ପାଇଁ ବନବିଭାଗ ପାଖରେ ସାଧାରଣରେ ଦାବି ହୋଇଛି।

# ଭୁବନେଶ୍ୱର + ସିଟି



## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଅସ୍ତବ୍ୟସ୍ତ ଜୀବନ

# ଖରାରେ ସିଝୁଛନ୍ତି ୧୫୦ ଟ୍ରାଫିକ୍ କର୍ମଚାରୀ

କଟକ, ୩୦।୫(ସମିସ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ସହରରେ କାର୍ଯ୍ୟରତ ୧୫୦ ଜଣ ଟ୍ରାଫିକ୍ ପୁଲିସ ଏବେ ଅସହ୍ୟ ଖରାରେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଗତ ୨ ଦିନ ପୂର୍ବରୁ ହାତ ଗଣତିରେ

- ଯୋଜନାରେ ଅଟକିଛି 'ଟ୍ରାଫିକ୍ ବାରାକ୍' ନିର୍ମାଣ
- ଶୌଚାଳୟ ଅଭାବରୁ ହନ୍ତସନ୍ତ ମହିଳା ଟ୍ରାଫିକ୍ ପୁଲିସ

କେତେଜଣ ଟ୍ରାଫିକ୍ ପୁଲିସଙ୍କୁ ଛତା ବଣ୍ଟନ କରାଯାଇଛି; କିନ୍ତୁ ଗ୍ରୀଷ୍ମ ପ୍ରବାହରେ ଏହା କାମ ଦେଉନାହିଁ। ସାରା ସହରରେ ରହିଛି ମୋଟ୍ ୫୩ଟି ଟ୍ରାଫିକ୍ ପୋଷ୍ଟ। ତନ୍ମଧ୍ୟରୁ କେତେକ ଟ୍ରାଫିକ୍ ପୋଷ୍ଟ ବିଭିନ୍ନ କାରଣରୁ ଭାଙ୍ଗିରୁଜି ଯାଇଛି। ରାସ୍ତା ନିର୍ମାଣ ଓ ରାସ୍ତା ନବୀକରଣ ଭଳି ଏକାଧିକ ଉନ୍ନୟନମୂଳକ କାର୍ଯ୍ୟ ଚାଲୁଥିବାରୁ ରାସ୍ତା ମଝିରୁ ପୋଷ୍ଟଗୁଡ଼ିକ ହଟାଇ ଦିଆଯାଇଛି। ଯାହାଫଳରେ ଡ୍ୟୁଟି ସମୟରେ ପ୍ରଚଣ୍ଡ ଖରାରେ ଅସ୍ତବ୍ୟସ୍ତ ହୋଇ ପଡୁଛନ୍ତି ଟ୍ରାଫିକ୍ କର୍ମଚାରୀ। କଟକରେ କାର୍ଯ୍ୟରତ ୧୫୦ ଟ୍ରାଫିକ୍ ପୁଲିସଙ୍କ ମଧ୍ୟରୁ ୧୨୦ ଜଣ ପୁରୁଷ ହୋଇଥିବା ବେଳେ ୩୦ ଜଣ ମହିଳା ପୁଲିସ ରହିଛନ୍ତି। ଟ୍ରାଫିକ୍ ପୋଷ୍ଟ ନିକଟରେ ଆଦୌ ଶୌଚାଳୟ ନଥିବାରୁ ସେମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଏଭଳି ପରିସ୍ଥିତିରେ ପିଇବା ପାଇଁ ପାଣିର ମଧ୍ୟ ବ୍ୟବସ୍ଥା କରାଯାଇ ନାହିଁ। ଟ୍ରାଫିକ୍ ପୋଷ୍ଟଗୁଡ଼ିକ ନିକଟରେ ଶୌଚାଳୟ ନାହିଁ। ବିଶ୍ରାମ ନିମନ୍ତେ ବାରାକ୍ ନାହିଁ। ଏସବୁ ବାସ୍ତବସ୍ଥିତି ହୋଇଥିବା ବେଳେ ଏହା ଉପରେ ବିଭାଗୀୟ ମିଟିଂ ହୋଇ ସାରିଛି; କିନ୍ତୁ ସମସ୍ୟାର ସମାଧାନ ହୋଇ ପାରୁନାହିଁ।



ସୂଚନା ଥାଉ କି, ମଧୁପାଟଣାରେ ଟ୍ରାଫିକ୍ ବାରକ୍ ନିର୍ମାଣ ନିମନ୍ତେ ବାରମ୍ବାର ଚିଠି ଲେଖାଯାଇଥିବା ବେଳେ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ସହରରେ ଡ୍ୟୁଟି କରୁଥିବା ଟ୍ରାଫିକ୍ କର୍ମଚାରୀଙ୍କ ପାଇଁ ମଧୁପାଟଣା ଟ୍ରାଫିକ୍ ଟାୱାରରେ ବସିବାକୁ ବ୍ୟବସ୍ଥା ନଥିବାରୁ ଟାୱାରର ତଳ ମହଲାରେ ସେମାନେ ବିଶ୍ରାମ ନେଉଥିଲେ। ଏବେ ଉକ୍ତ ଗୃହକୁ ଇ-ଚାଲାଣ କାଉଣ୍ଟର୍ କରାଯିବା ପରେ ଟ୍ରାଫିକ୍ ପୁଲିସ ବସିବାକୁ ଜାଗା ନାହିଁ। ଟ୍ରାଫିକ୍ ଡ୍ୟୁଟି ଦିନ ୧ଟାରୁ ୪ଟା ଯାଏଁ ବନ୍ଦ ରହୁଥିବାରୁ ସେହି ସମୟରେ ସତୀଚଉରା, ରାଣୀହାଟ, ଚାନ୍ଦିନୀଚୌକ, ଲିଙ୍କରୋଡ୍, ଖାନନଗର, ଶିଖରପୁର, ଓଏମ୍‌ପି, ରେଳଷ୍ଟସନ୍, କଲେଜଛକ, ଯୋବ୍ରା, ଚହଟା ଭଳି ସ୍ଥାନରେ ଡ୍ୟୁଟି କରୁଥିବା କର୍ମଚାରୀ ବକ୍ସିବଜାରରେ ଥିବା ବାରାକ୍‌କୁ ବିଶ୍ରାମ ନେବାକୁ ଯାଉଥିବା ଜଣେ ଟ୍ରଫିକ୍ ପୁଲିସ କର୍ମଚାରୀ କହିଛନ୍ତି। ଅନ୍ୟପକ୍ଷେ ଏବେ ଟ୍ରାଫିକ ପୁଲିସ ଉପରେ କାର୍ଯ୍ୟଭାର ବଢ଼ିବାରେ ଲାଗିଛି। ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟକୁ ବାଦ୍ ଦେଲେ ହେଲମେଟ୍ ଓ ଗାଡ଼ି କାଗଜପତ୍ର ଯାଞ୍ଚ, ଜବରଦଖଲ ଉଚ୍ଛେଦ, ଗାଡ଼ି ସ୍ପିଡ ଯାଞ୍ଚ କରିବା କାମ ଟ୍ରାଫିକ୍ ପୁଲିସକୁ କରିବାକୁ ପଡୁଛି। କଟକ ସହରରେ ଆଉ ଏକ ଟ୍ରାଫିକ ଥାନା ପ୍ରତିଷ୍ଠା ଲାଗି ଯୋଜନା କରାଯାଇ ଥିଲେ ମଧ ଏହାକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଟ୍ରାଫିକ୍ ପୁଲିସ କର୍ମଚାରୀଙ୍କ ପକ୍ଷରୁ ଦାବି ହେଉଛି।

ଏଠାରେ ସୂଚନାଯୋଗ୍ୟ, କଟକ ସହରର ଟ୍ରାଫିକ୍ ପୋଷ୍ଟଗୁଡ଼ିକରୁ ପୁରୁଣା ତଥା ଭଙ୍ଗା ଟ୍ରାଫିକ୍ ପୋଷ୍ଟଗୁଡ଼ିକୁ ହଟେଇ ଦିଆଯିବାର ଯୋଜନା ପ୍ରସ୍ତୁତ କରାଯାଇଥିଲା। କିଓସ୍କୋ (ଅତ୍ୟାଧୁନିକ ଟ୍ରାଫିକ୍ ପୋଷ୍ଟ) ସ୍ଥାପନ କରାଯିବାର ଥିଲା। ଏଥିରେ ସୋଲାର୍ ପ୍ୟାନେଲ୍, ବ୍ୟାକ୍‌ଲିଟ୍ ୟୁନିଟ୍, ଏଲ୍‌ଇଡି ସ୍କ୍ରିପ୍ଟ, ସ୍ପିକର୍ ଓ ସିସିଟିଭି ଭଳି ବ୍ୟବସ୍ଥା ରହିଥାଆନ୍ତା। ଆଉ ଖରା, ବର୍ଷା, ଶୀତରେ ଟ୍ରାଫିକ୍ ପୁଲିସ ହଇରାଣ ହେବେ ନାହିଁ। ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ବିଶ୍ରାମ ନେବାର ବ୍ୟବସ୍ଥା ରହିଥାଆନ୍ତା। କିଓସ୍କୋ ପାଖରେ ନିର୍ମାଣ ହୋଇଥାଆନ୍ତା ଶୌଚାଳୟ। ପ୍ରତ୍ୟେକ ଛକରେ ଏହି କିଓସ୍କୋ ବ୍ୟବସ୍ଥା କରାଯିବା ସହିତ ଟ୍ରାଫିକ୍ ପୁଲିସ ସୁରକ୍ଷିତ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି କୁହାଯାଉଥିଲା। କିନ୍ତୁ ଏହି ଯୋଜନା କେବଳ ଯୋଜନାରେ ଅଟକି ରହିଛି।






ଭୁବନେଶ୍ୱର, ୩୦।୫(ସମିସ): ସମୟକୁ ତାଳଦେଇ ଓଡିଆ ସିନେମା ଜଗତରେ ଅନେକ ଉନ୍ନତି ଘଟିଲାଣି। ପରିବର୍ତ୍ତନ ବି ଆସିଛି, ନୂଆ ସୁଯୋଗ ସୃଷ୍ଟି ହୋଇଛି। ହେଲେ ଏପରି ଏକ ଧାରା ବଜାୟ ରଖିବାରେ ଓଡ଼ିଆ ସିନେ ଜଗତ ଅନେକ ସଂଘର୍ଷ ମଧ୍ୟ ଦେଖିଛି ଓ କରିଛି। ଯେଉଁଥିରେ କଳାକାର, ସିନେ ପ୍ରଯୋଜକ, ନିର୍ଦ୍ଦେଶକ ଆଦି ସମସ୍ତଙ୍କ ଭୂମିକା ରହିଆସିଛି। ହେଲେ କଳା ଧଳା ପରଦାରୁ ରଙ୍ଗୀନ ପରଦାର ଯାତ୍ରା ଅନେକଙ୍କ ସ୍ମୃତି ସହ ଜଡ଼ିତ। ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟରେ ଯେପରି ଏକ ମୋହ ଲୋକଙ୍କୁ ନିଜ ସହ ବାନ୍ଧି ରଖୁଥିଲା।

ଅନେକ ବର୍ଷ ପୁରୁଣା ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋଟି ଓଡ଼ିଆ ସିନେମା ଜଗତର ଏକ ପୁରୁଣା ଏବଂ ସ୍ମରଣୀୟ ଫଟୋ, ଯାହା ୧୯୯୬ ମସିହାର ବୋଲି ଜଣାପଡ଼ିଛି। ଏହି ଫଟୋରେ ଓଡ଼ିଆ ସିନେମାର ଲୋକପ୍ରିୟ ଅଭିନେତା ଉତ୍ତମ ମହାନ୍ତି ଏବଂ ତାଙ୍କ ସହିତ ଦୁଇଜଣ ଶିଶୁ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଏହି ଶିଶୁ କଳାକାରଙ୍କ ମଧ୍ୟରୁ ଜଣେ ହେଲେ ସୁମନ। ଏହି ସିନେମାରେ ଉତ୍ତମ ମହାନ୍ତିଙ୍କ ଅଭିନୟ ଏବଂ ତାଙ୍କ ସହିତ ଥିବା ଶିଶୁ କଳାକାରଙ୍କ କାମକୁ ନେଇ ସେତେବେଳେ ବହୁ ଚର୍ଚ୍ଚା ହେଇଥିବା କୁହାଯାଏ। କିଛି ଲୋକଙ୍କ ମତରେ ଏହି ଦୃଶ୍ୟଟି ସୁନା ପୁଅ ଚଳଚ୍ଚିତ୍ରର ବୋଲି ଜଣାପଡ଼ିଛି।

## ପଞ୍ଚମ ଆନ୍ତର୍ଜାତିକ ପେଡ୍ ପିରିୟଡ୍ ଲିଭ୍ ସମ୍ମିଳନୀ




ଭୁବନେଶ୍ୱର, ୩୦।୫(ସମିସ): ଆନ୍ତର୍ଜାତିକ ମାସିକ ଋତୁ ସ୍ୱଚ୍ଛତା ଦିବସ ଅବସରରେ ଯୁକ୍ତରାଜ୍ୟର ପାର୍ଲାମେଣ୍ଟ ହାଉସ୍ ଅଫ୍ ଲର୍ଡସ୍‌ରେ ୫ମ ଆନ୍ତର୍ଜାତିକ ପେଡ୍ ପିରିୟଡ୍ ଲିଭ୍ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଓଡ଼ିଶାର ରଞ୍ଜିତା ପ୍ରିୟଦର୍ଶିନୀଙ୍କ ଉଦ୍ୟମକୁ ଆଧାର କରି ଆୟୋଜିତ ଏହି ସମ୍ମିଳନୀକୁ ଗ୍ଲୋବାଲ୍ ସାଉଥ୍ କରିଡର୍ ଦ୍ୱାରା ଆୟୋଜନ କରାଯାଇଥିଲା ଏବଂ ଏଥିରେ ବିଶ୍ୱ ଉମିୟା ଫାଉଣ୍ଡେସନ୍, ଇକୋଫ୍ ଏଣ୍ଟରପ୍ରାଇଜେସ୍ ଓ ଏମ୍‌ଏଚ୍‌ଏମ୍ କିଟ୍ ସହଯୋଗ କରିଥିଲେ। ସମର୍ଥନ ଓ ପ୍ରତିଶ୍ରୁତି: ଲର୍ଡ ରାମି ରେଞ୍ଜର୍ ତାଙ୍କ ମାତାଙ୍କ ସଂଘର୍ଷର କଥା ସ୍ମରଣ କରି ମହିଳାଙ୍କ ଯୋଗଦାନକୁ ସ୍ୱୀକୃତି ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ରଞ୍ଜିତା ପ୍ରିୟଦର୍ଶିନୀଙ୍କ ଅଭିଯାନକୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଛନ୍ତି। କାଉନ୍ସିଲର୍ ସୁମିତ୍ ଜାଲାନ୍ ତାଙ୍କ କାଉନ୍ସିଲ୍ ଅଞ୍ଚଳରେ ପେଡ୍ ପିରିୟଡ୍ ଲିଭ୍ କାର୍ଯ୍ୟକାରୀ କରିବେ ବୋଲି ଘୋଷଣା କରିଛନ୍ତି ଏବଂ ପୁରୁଷ ଓ ବାଳକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।

### ● ନାବାଳିକାକୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୩ ବର୍ଷ କାରାଦଣ୍ଡ

ପୁରୀ, ୩୦।୫(ସମିସ): ୨୦୨୨ରେ ପିପିଲି ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଯୌନ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ପୁରୀ ଅତିରିକ୍ତ ଜିଲ୍ଲା ଦୌରାଜଜ (ଆଡ୍‌ହକ୍) ତଥା ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟରେ ଦୋଷୀକୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତ ମହମ୍ମଦ ସାଗିରଙ୍କୁ ଦୋଷୀ ସାବ୍ୟସ୍ତ କରି ପୋକ୍‌ସୋ ଆଇନର ଧାରା ୮ ଅନୁଯାୟୀ, ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦୦୦ ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୫ ଦିନ ଜେଲ୍‌ଦଣ୍ଡ ଭୋଗିବାକୁ କୋର୍ଟ ରାୟ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଏପ୍ରିଲ୍ ୯ ତାରିଖରେ ପିପିଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ଅଭିଯୁକ୍ତ ଅଶ୍ଳୀଳ ବ୍ୟବହାର ଓ ଯୌନ ଉତ୍ପୀଡ଼ନ ନେଇ ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପରେ ପୁଲିସ ଅଭିଯୁକ୍ତ ବିରୋଧରେ ଭାରତୀୟ ଦଣ୍ଡବିଧି ଏବଂ ପୋକ୍‌ସୋ ଆଇନର ବିଭିନ୍ନ ଧାରାରେ ତଦନ୍ତ କରିଥିଲା। ଅଦାଲତ ସାକ୍ଷ୍ୟ ଓ ପ୍ରମାଣକୁ ବିଚାର କରି ଅଭିଯୁକ୍ତ ମହମ୍ମଦଙ୍କୁ ଉକ୍ତ ଦଣ୍ଡାଦେଶ ଦେଇଛନ୍ତି। ମାମଲାର ସଫଳ ବିଚାର ନେଇ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ସମସ୍ତ ପ୍ରକ୍ରିୟା ଉପସ୍ଥାପନା କରିଥିଲା। ସରକାରୀ ପକ୍ଷ ପରିଚାଳନା କରିଥିଲେ ପବ୍ଲିକ୍ ପ୍ରୋସିକ୍ୟୁଟର। ମାମଲାର ତଦନ୍ତ ଅଧିକାରୀ ଥିଲେ ଏସ୍‌ଆଇ ସଙ୍ଘମିତ୍ରା ଚାନ୍ଦ। ମାମଲାର ସାକ୍ଷୀମାନଙ୍କୁ ନିୟମିତ ଭାବେ ଅଦାଲତରେ ଉପସ୍ଥାପନ ଏବଂ ଦ୍ରୁତ ବିଚାର ପ୍ରକ୍ରିୟା ସୁନିଶ୍ଚିତ କରିବାରେ ପିପିଲି ପୁଲିସ ଟିମ୍ ଗୁରୁତ୍ୱପୂର୍ଣ୍ଣ ସହଯୋଗ କରିଥିଲେ। ନାବାଳିକାଙ୍କ ବିରୋଧରେ ଅପରାଧ ଘଟାଉଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଅଖିଳ ଭାରତ କୃଷକ ସଭାର ରାଜ୍ୟ ପରିଷଦ ବୈଠକ



ଭୁବନେଶ୍ୱର, ୩୦।୫(ସମିସ): ଅଖିଳ ଭାରତ କୃଷକ ସଭା (ଏଆଇକେଏସ୍)ର ପରିବର୍ଦ୍ଧିତ ଓଡ଼ିଶା ରାଜ୍ୟ ପରିଷଦ ବୈଠକ ଶନିବାର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏଆଇକେଏସ୍‌ର ସର୍ବ ଭାରତୀୟ ସଭାପତି କମ୍ରେଡ ରାଜନ କ୍ଷୀରସାଗର ଉଦ୍‌ବୋଧନ ଦେଇ କହିଥିଲେ, ଭାରତର ବିଜେପି ନେତୃତ୍ୱାଧୀନ ସରକାର ଆମେରିକା ଭାରତ ବାଣିଜ୍ୟ ଚୁକ୍ତି କରାଇ ଦେଶର ଜନଗଣଙ୍କୁ ଆମେରିକା ଉପନିବେଶବାଦୀ ଶାସନ ଓ ଶୋଷଣ ଭିତରକୁ ଠେଲି ଦେଇଛନ୍ତି। ଏହି ଉପନିବେଶବାଦୀ ଶାସନ ଓ ଶୋଷଣ ବିରୋଧରେ କୃଷକ ସମାଜ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କୃଷକ ସଂଘର୍ଷକୁ ଶାଣିତ କରିବାକୁ କମ୍ରେଡ଼ କ୍ଷୀରସାଗର ଆହ୍ୱାନ ଦେଇଥିଲେ। ଏଆଇକେଏସର ରାଜ୍ୟ ସଭାପତି କମ୍ରେଡ ଶଶୀଭୂଷଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକରେ ସର୍ବ ଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ରାଉଲା ଭେଙ୍କାୟା ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କମ୍ରେଡ ଆଶିଷ କାନୁନ୍‌ଗୋ ଓଡ଼ିଶାର କୃଷି ଓ କୃଷକ ସମସ୍ୟା ନେଇ ଆଗାମୀ ଜୁଲାଇ-ଅଗଷ୍ଟରେ ରାଜ୍ୟ ବ୍ୟାପୀ ପଦଯାତ୍ରା ସହ ୧ ସେପ୍ଟେମ୍ବରରେ ରାଜ୍ୟସ୍ତରୀୟ 'କୃଷକ ଗର୍ଜନ ମହା ସମାବେଶ' ଭୁବନେଶ୍ୱରରେ କରାଇବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସମ୍ପାଦକ କମ୍ରେଡ କ୍ଷୀରୋଦ ସିଂହଦେଓଙ୍କ ସମେତ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଓଡ଼ିଶାରେ ଭଗବତୀ ଚରଣ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ, ଗୁରୁ ଚରଣ ପଟ୍ଟନାୟକ ନେତୃତ୍ୱ ନେଇଥିଲେ। ଏଆଇକେଏସ୍ ରାଜ୍ୟ କାର୍ଯ୍ୟକାରୀ ସଭାପତି କମ୍ରେଡ ଶ୍ରୀହର୍ଷ ରଥ, ନୀଳକଣ୍ଠ ଦାଶ, ରାମଚନ୍ଦ୍ର ମୁଦୁଲି, ବ୍ରଜବନ୍ଧୁ ପରିଡ଼ା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ।

## ଆଜି ଛତିଶା ନିଯୋଗ ବୈଠକ

- ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ହେବ
- ସ୍ନାନଯାତ୍ରା, ରଥଯାତ୍ରା ଓ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ଅନୁମୋଦନ ପାଇବ

ପୁରୀ, ୩୦।୫(ସମିସ): ରବିବାର ଅନୁଷ୍ଠିତ ହେବ ଛତିଶା ନିଯୋଗ ବୈଠକ। ନୀଳାଦ୍ରି ଭକ୍ତ ନିବାସରେ ଅପରାହ୍ଣ ସାଢ଼େ ୪ଟାରେ ବୈଠକ ବସିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିନିର୍ଘଣ୍ଟ ହେବ। ଏଥିସହ ସ୍ନାନଯାତ୍ରା, ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀ ଅନୁମୋଦନ କରାଯିବ। ବିଶେଷକରି ରାଜେନ୍ଦ୍ରାଭିଷେକ, ରୁକ୍ମିଣୀ ହରଣ ଏକାଦଶୀ, ଚମ୍ପକ ଦ୍ୱାଦଶୀ, ଦଇତାପତି ପ୍ରବେଶ, ସେନାପଟା ଲାଗି, ଦେବସ୍ନାନ ପୂର୍ଣ୍ଣିମା, ଚକାବିଜେ, ଖଳିଲାଗି ଏକାଦଶୀ, ରାଜପ୍ରସାଦ ବିଜେ, ଘଣାଲାଗି ଓ ବନକଲାଗି, ନବଯୌବନ ଦର୍ଶନ, ରଥଯାତ୍ରା, ହେରାପଞ୍ଚମୀ, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା, ଓ ନୀଳାଦ୍ରିବିଜେ ନୀତିକାନ୍ତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଚୂଡ଼ାନ୍ତ ହେବ। ଯେହେତୁ ଏବର୍ଷ ଅଧିକ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଛି, ତେଣୁ ଏହାକୁ ଦୃଷ୍ଟିରେ ରଖି ନୀତିକାନ୍ତି କିପରି ନିର୍ଘଣ୍ଟ ସମୟରେ ସମ୍ପନ୍ନ ହେବ ତାହା ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯିବ। ସେହିପରି ସ୍ନାନଯାତ୍ରା, ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରା ବ୍ୟବସ୍ଥାବଳୀକୁ ମଧ୍ୟ ଅନୁମୋଦନ ଦିଆଯିବ। ବ୍ୟବସ୍ଥାବଳୀ ଅନୁଯାୟୀ, ଶ୍ରୀମନ୍ଦିର ସେବାୟତ, କର୍ମଚାରୀ କାମ କରିବେ। ଏଥିରେ ଯାହା ଉଲ୍ଲେଖ ରହିବ ତାହାକୁ ଯେପରି କୌଣସି ସେବାୟତ ଉଲ୍ଲଂଘନ ନ କରିବେ ତା' ଉପରେ ଗୁରୁତ୍ୱ ଦିଆଯିବ। ଛତିଶା ନିଯୋଗ ବୈଠକରେ ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ପ୍ରମୁଖ ଯୋଗଦେବେ।

### ରଥଯାତ୍ରା ପାଇଁ ରେଳ ପରିଚାଳନା ବୈଠକ

## ଯାତ୍ରୀଙ୍କ ସୁବିଧାକୁ ଗୁରୁତ୍ୱ

ପୁରୀ, ୩୦।୫(ସମିସ): ଆଗାମୀ ରଥଯାତ୍ରା ପରିପ୍ରେକ୍ଷୀରେ ରେଳବାଇର ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଶନିବାର ଅପରାହ୍ଣରେ ସର୍କିଟ୍ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ରଥଯାତ୍ରା ସମୟରେ ରେଳବାଇର ବିବିଧ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଓ ଯାତ୍ରୀମାନଙ୍କ ଯାତାୟାତ ପାଇଁ ରେଳବାଇ ଏକ ପ୍ରମୁଖ ମାଧ୍ୟମ। ତେଣୁ ଯାତ୍ରୀ ସୁବିଧା, ସୁରକ୍ଷା, ବିବିଧ ସୂଚନା ପ୍ରଦାନ, ସେମାନଙ୍କ ରହଣି ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ରେଳବାଇ କର୍ତ୍ତୃପକ୍ଷଙ୍କ ଆୟୋଜନ ସମ୍ପର୍କରେ ବିଷଦ୍ ଭାବେ ବୈଠକରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଡିଜି ଆଧୁନିକୀକରଣ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅରୁଣ ବୋଥ୍ରା, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ, ଆଇଜି ଆର୍‌ପିଏଫ୍ ଅଶୋକ ବେହେରା, ଏସ୍‌ପି ପ୍ରତୀକ୍ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ରେଳ ଷ୍ଟେଶନ ଡାଇରେକ୍ଟର ପ୍ରମୁଖ ଯୋଗଦେଇ ପୁରୀଠାରୁ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡ୍‌କୁ ଅଧିକ ରେଳ ଚଳାଯିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ଯାତ୍ରୀମାନଙ୍କର ଭିଡ଼ ହ୍ରାସ ହୋଇପାରିବ। ସେହିପରି ଯାତ୍ରୀ ବିଶ୍ରାମସ୍ଥଳ, ଶୌଚାଳୟ, ଅଧିକ ଟିକଟ୍ କାଉଣ୍ଟର ଖୋଲିବା, ବର୍ଷା ହେଲେ ଯେଉଁଠାରେ ଜଳ ଜମିବା ଆଶଙ୍କା ରହୁଛି ତାହାକୁ ଚିହ୍ନଟ ସହ ତ୍ୱରିତ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ଯାତ୍ରୀମାନଙ୍କୁ ଅଧିକରୁ ଅଧିକ ଅପ୍ ଟୁ ଡେଟ୍ ସୂଚନା ପ୍ରଦାନ କରିବା, ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଅନ୍ନଦାନ ବ୍ୟବସ୍ଥା କରିବା (ଯାହା ଫଳରେ ପରିବେଶ ଅସ୍ୱଚ୍ଛ ରହିବ ନାହିଁ), ପାନୀୟ ଜଳର ବ୍ୟବସ୍ଥା, ଯାତ୍ରୀ ସୁରକ୍ଷା ପାଇଁ ଆର୍‌ପିଏଫ୍‌ଙ୍କୁ ଦାୟିତ୍ୱ ସହ ସିସିଟିଭିର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

ରେଳବାଇର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ରେଳବାଇ ପକ୍ଷରୁ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ଓ ରଥଯାତ୍ରା ଲାଗି ଗ୍ରହଣ କରାଯିବା ପାଇଁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଷ୍ଟେସନ ଡାଇରେକ୍ଟର ସୂଚନା ଦେଇଥିଲେ। ପରେ ସମସ୍ତ ଅଧିକାରୀ ପୁରୀ ରେଳ ଷ୍ଟେସନର କ୍ଷେତ୍ର ପରିଦର୍ଶନ କରିଥିଲେ।

## କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, ୩୦।୫ (ସମିସ): ଅବସରପ୍ରାପ୍ତ ବରିଷ୍ଠ କ୍ରୀଡ଼ା ପ୍ରଶାସକ ଅଶୋକ କୁମାର ମହାନ୍ତିଙ୍କ ଶନିବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ରାଜ୍ୟ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଏବଂ ପୁଅ ଓ ଝିଅ ଉପସ୍ଥିତ ରହିଥିଲେ। ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗରେ ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଥିବା ଅଶୋକଙ୍କୁ ଓଡ଼ିଶା କ୍ରୀଡ଼ା ଜ୍ଞାନର ଗନ୍ତାଘର ବୋଲି କୁହାଯାଏ। ୧୯୭୬ରେ କ୍ରୀଡ଼ା ବିଭାଗରେ ଯୋଗ ଦେଇଥିବା ଅଶୋକ ୨୦୦୯ରେ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ଭାବରେ ଚାକିରିରୁ ଅବସର ନେଇଥିଲେ। ୩୩ ବର୍ଷର ଲମ୍ବା କାର୍ଯ୍ୟକାଳ ମଧ୍ୟରେ ସେ ଫୁଲବାଣୀ ଜିଲ୍ଲା କ୍ରୀଡ଼ା ସଂଗଠନ (୧୯୭୬ରୁ ୧୯୮୦), କଳାହାଣ୍ଡି ଜିଲ୍ଲା କ୍ରୀଡ଼ା ସଂଗଠକ (୧୯୮୦ରୁ ୧୯୮୭), ପୁରୀ ଜିଲ୍ଲା କ୍ରୀଡ଼ା ସଂଗଠକ (୧୯୮୭ରୁ ୧୯୯୧) ଓ କଟକର ଜିଲ୍ଲା କ୍ରୀଡ଼ା ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ପରବର୍ତ୍ତୀ ସମୟରେ କ୍ରୀଡ଼ା ବିଭାଗ ତାଙ୍କ ଦକ୍ଷତାକୁ ସ୍ୱୀକୃତି ଦେଇ ଭୁବନେଶ୍ୱର ମୁଖ୍ୟାଳୟକୁ ଆଣିଥିଲେ। ଯେଉଁଠାରେ ସେ ପ୍ରାୟ ୧୦ ବର୍ଷ ଧରି ୨୦୦୧ ମସିହା ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ଇନ୍‌ଚାର୍ଜ ରହିଥିଲେ। ପରେ ସେ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ଭାବରେ ଅବସର ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ।

ଅଶୋକ ତାଙ୍କ କାର୍ଯ୍ୟକାଳ ସମୟରେ ରାଜ୍ୟ କ୍ରୀଡ଼ାରେ ଅନେକ ଯୁଗାନ୍ତକାରୀ ନିଷ୍ପତ୍ତି ନେଇଥିଲେ। ଯେଉଁଥିରେ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଚଳନ, ପ୍ରମୁଖ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍‌ଙ୍କୁ ବାସଗୃହ ଆବଣ୍ଟନ, ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି କ୍ରୀଡ଼ାବିତଙ୍କୁ ଆର୍ଥିକ ପ୍ରୋତ୍ସାହନ ଆଦି ସଫଳ ଯୋଜନା ପ୍ରଣୟନ କରିଥିଲେ। 'ଡୁଲୁ' ଭାବରେ ଜଣାଶୁଣା ଅଶୋକ କେବିକେ ଜିଲ୍ଲାରେ ତୀରନ୍ଦାଜୀକୁ ପ୍ରୋତ୍ସାହନ କରିବା ଓ କଳିଙ୍ଗ ଷ୍ଟାଡିୟମରେ ସିନ୍ଥେଟିକ ଆଥଲେଟିକ ଟ୍ରାକ୍ ଓ ରାଉରକେଲାର ପାନପୋଷ ଛାତ୍ରାବାସ ପଡ଼ିଆରେ ହକି ଟର୍ଫ ସ୍ଥାପନ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ଅବସର ପରେ ବିଭିନ୍ନ ଦୈନିକ ଖବର କାଗଜ ଲାଗି ସେ ନିୟମିତ କ୍ରୀଡ଼ା ସମ୍ବନ୍ଧୀୟ ସ୍ତମ୍ଭ ଲେଖୁଥିଲେ।

## ଭିତରକାଠରେ ଛେପ: ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ, ୩୦।୫(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ଛେପ ଖଙ୍କାର ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ଶନିବାର ସକାଳ ୬ଟା ୧୦ରେ ଦ୍ୱାର ଫିଟିଥିଲା। ୬ଟା ୫୦ରେ ମଙ୍ଗଳ ଆଳତି ପରେ ମଇଲମ, ତଡ଼ପଲାଗି ହୋଇ ସକାଳ ୮ଟା ୧୦ରେ ଅବକାଶ ପୂଜା ସରିଥିଲା। ଏହାପରେ ବେଶ ମଇଲମ ହୋଇଥିଲା। ଏହି ସମୟରେ ଶ୍ରଦ୍ଧାଳୁମାନେ ଭିତରକାଠରେ ଦର୍ଶନ କରୁଥିଲେ। ମାତ୍ର କେହି ଜଣେ ଭିତରକାଠରେ ଛେପ ଖଙ୍କାର ପକାଇ ଦେଇଥିଲେ। ଏହା ନଜରକୁ ଆସିବା ପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସକାଳ ୯ଟା ୪୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୯ଟା ୪୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା।

# ନୀଳ ନୁହେଁ; ଦେଖାଯିବ ଧଳ ଜହ୍ନ

ଭୁବନେଶ୍ୱର, ୩୦।୫(ସମିସ): କେତେକ ଗଣ ମାଧ୍ୟମ ଓ ସୋସିଆଲ୍ ମିଡିଆରେ ପ୍ରଚାରିତ ହେଉଥିବା ନୀଳ ଜହ୍ନ ଦେଖାଯିବ କଥାଟି ଠିକ୍ ନୁହେଁ। ରବିବାର ରାତିର ଆକାଶରେ ସବୁଦିନ ଭଳି ଉଜ୍ଜ୍ୱଳ ଧଳା ଜହ୍ନ ଦେଖାଯିବ। ନୀଳ ଜହ୍ନ ଏକ ଇଂରାଜୀ କ୍ୟାଲେଣ୍ଡର ମାସରେ ଦୁଇଟି ପୂର୍ଣ୍ଣିମା ପଡ଼ିଲେ ଦ୍ୱିତୀୟ ପୂର୍ଣ୍ଣିମାକୁ 'ନୀଳ ଜହ୍ନ' ଭାବରେ ନାମିତ କରାଯାଏ। ଯାହାର ଚନ୍ଦ୍ରର ରଙ୍ଗ ସହିତ କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି ପଠାଣୀ ସାମନ୍ତ ପ୍ଲାନେଟାରିୟମ୍‌ର ପୂର୍ବତନ ଉପନିର୍ଦ୍ଦେଶକ ତଥା ଜନ ବିଜ୍ଞାନୀ ଡ଼. ଶୁଭେନ୍ଦୁ ପଟ୍ଟନାୟକ। ସେ ଆହୁରି କହିଛନ୍ତି ଯେ, ଏହା ଏକ ବିରଳ ଘଟଣା ହୋଇଥିବାରୁ ଏହାର ଏଭଳି ନାମକରଣ କରାଯାଇଛି। ଦୁଇଟି କ୍ରମାଗତ ପୂର୍ଣ୍ଣିମା ମଧ୍ୟରେ ସମୟ ପ୍ରାୟ ୨୯.୫ ଦିନ ଯାହା ଫେବୃଆରୀ ବ୍ୟତୀତ ଅନ୍ୟ ସମସ୍ତ ମାସ ଅପେକ୍ଷା କମ୍ ଅଟେ। ତେଣୁ, ଗୋଟିଏ ମାସରେ ଦୁଇଟି ପୂର୍ଣ୍ଣିମା ହେବା ପାଇଁ, ପ୍ରଥମ ପୂର୍ଣ୍ଣିମା ମାସର ୧ କିମ୍ବା ୨ ତାରିଖରେ ହେବା ଉଚିତ୍। ୩୦ ଦିନିଆ ମାସ ଅପେକ୍ଷା ୩୧ ଦିନିଆ



ମାସରେ ଏକ ନୀଳଜହ୍ନ ହେବାର ସମ୍ଭାବନା ଅଧିକ। ଫେବୃଆରୀରେ ନୀଳ ଜହ୍ନ ସମ୍ଭବ ନୁହେଁ କାରଣ ଏହା ୨୮ ଦିନ, ଏବଂ ୨୯ ଦିନର ହେଇଥାଏ। ୩୧ ଦିନ ଥିବା ମାସରେ ନୀଳଜହ୍ନ ୨ ରୁ ୩ ବର୍ଷ ମଧ୍ୟରେ ହୁଏ। ଏପରି ନୀଳଜହ୍ନ ଗତ ୨୦୨୩ ମସିହା ଅଗଷ୍ଟ ୩୧ ତାରିଖରେ ଘଟିଥିଲା, ପରବର୍ତ୍ତୀ ଡିସେମ୍ବର-୩୧, ୨୦୨୮ ମସିହାରେ ପଡ଼ିବ। ୩୦ ଦିନ ଥିବା ଏକ ମାସରେ ଶେଷ ବ୍ଲୁ ମୁନ୍ ୩୦ ଜୁନ୍ ୨୦୦୭ ରେ ପଡ଼ିଥିଲା ଏବଂ ପରବର୍ତ୍ତୀ ୨୦୫୦ ମସିହା ସେପ୍ଟେମ୍ବର ମାସ ୩୦ ତାରିଖରେ ହେବ। ଚଳିତମାସ ୩୧ ତାରିଖ ସନ୍ଧ୍ୟା ପରଠାରୁ ସାରା ରାତି ପୂର୍ଣ୍ଣିମା ଜହ୍ନ ଦେଖାଯିବ। ଏହି ପୂର୍ଣ୍ଣିମା ଚନ୍ଦ୍ର ପୃଥିବୀ ଠାରୁ ଦୂରରେ ଥିବା ଅବସ୍ଥାରେ ଘଟୁଥିବାରୁ ଆକାଶରେ ପୂର୍ଣ୍ଣିମା ଜହ୍ନ ଅପେକ୍ଷାକୃତ ଛୋଟ ଦେଖାଯିବ। ଆକାଶ ମେଘ ମୁକ୍ତ ରହିଲେ ଏହା ଓଡ଼ିଶା ସମେତ ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ। ତେବେ ଏହାକୁ ପରୀକ୍ଷା କରିନିଅନ୍ତୁ ତଥାକଥିତ ନୀଳ ଜହ୍ନ ରାତିର ଆକାଶରେ ଧଳା ନା ନୀଳ ଦେଖାଯାଉଛି ବୋଲି ଜନ ବିଜ୍ଞାନୀ ଡ଼. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୦ ● ପାଉଣ୍ଡ ୧୨୮.୩୯
- ୟୁରୋ ୧୧୧.୨୫ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୯୫୦ (ଭୁବନେଶ୍ୱର)
- ରୁପା : ୨,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୭୭୫.୦୦
- ନିଫ୍ଟି ୨୩,୫୪୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଖସୁଛି ଟଙ୍କା; ବଢୁଛି ଅନ୍ୟ ଏସୀୟ ଦେଶର ମୁଦ୍ରା

## ୧ ଡଲାର = ୯୫.୭୦ ଟଙ୍କା



**ନୂଆଦିଲ୍ଲୀ,୩୦।୫(ଏଜେନ୍ସି):** ଗତ କିଛି ଦିନ ଧରି ଭାରତୀୟ ମୁଦ୍ରା 'ଟଙ୍କା' ବିନିମୟ ମୂଲ୍ୟରେ ହ୍ରାସ ସାରା ଦେଶରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ରେକର୍ଡ ହ୍ରାସ ସରକାରଙ୍କ ଚିନ୍ତା ବଢ଼ାଇଛି। ନିଜକୁ ବିଶ୍ୱର ୫ମ ବୃହତ୍ତ ଅର୍ଥନୀତି ବୋଲାଉଥିବା ଭାରତର ମୁଦ୍ରା ମୂଲ୍ୟରେ ଏଭଳି ହ୍ରାସ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦେଶର ଅର୍ଥନୀତି ପାଇଁ ,ତାକୁ ଏକ ଘଡ଼ିସନ୍ଧୀ ମୂହୁର୍ତ୍ତ ବୋଲି ଅର୍ଥନୀତିଜ୍ଞମାନେ ବିବେଚନା କରୁଛନ୍ତି। ତେବେ ଏଠାରେ ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଭାରତୀୟ ମୁଦ୍ରା ଖସୁଥିବାବେଳେ ଅନ୍ୟ ଏସୀୟ ଦେଶଗୁଡିକର ମୁଦ୍ରାର ବିନିମୟ ମୂଲ୍ୟ ବଢୁଛି। ୨୦୧୪ଠାରୁ ଟଙ୍କା ମୂଲ୍ୟରେ ୬୨.୩୩ ପ୍ରତିଶତ ହ୍ରାସ ଘଟିଥିବା ଜଣାପଡିଛି।

ଆମେରିକା-ଇରାନ ଯୁଦ୍ଧ ଯୋଗୁ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଅସ୍ଥିର ପରିସ୍ଥିତି ସାରା ବିଶ୍ୱର ଅର୍ଥନୀତିକୁ ଦୋହଲାଇ ଦେଇଛି। ଟଙ୍କା ମୂଲ୍ୟରେ ହ୍ରାସ ପାଯୋଗୁ ଆମଦାନୀ ବିଲ୍ ମହଙ୍ଗା ହେବା ଭାରତ ପାଇଁ ଚିନ୍ତା ବଢ଼ାଇଲାଣି। ୨୦୧୪ରେ ଗୋଟିଏ ଆମେରିକୀୟ ଡଲାର ପାଇଁ ଭାରତକୁ ମାତ୍ର ୫୯.୯୪ ଟଙ୍କା ଦେବାକୁ ପଡୁଥିଲା। ତେବେ ୨୦୧୯ ମେ ମୋଦୀ ସରକାରଙ୍କ ଦ୍ୱିତୀୟ ପାଳି ଆରମ୍ଭ ବେଳକୁ ଟଙ୍କା ମୂଲ୍ୟରେ ୧୭ ପ୍ରତିଶତ ହ୍ରାସ ପାଇ ୬୯.୩୭ ଟଙ୍କାରେ ପହଞ୍ଚିଥିଲା। ଏହାପରେ ୨୦୨୪ ଜୁନ୍ ଯେତେବେଳେ ତୃତୀୟ କାର୍ଯ୍ୟକାଳ ଆରମ୍ଭ ହେଲା, ସେତେବେଳେ ଟଙ୍କା ୮୩.୩୮ର ନିମ୍ନ ସ୍ତରକୁ ଖସି ଆସିଥିଲା। ୨୦୨୬ ମେ ' ୩୦ ସୁଦ୍ଧା ଗୋଟିଏ ଡଲାର ମୂଲ୍ୟ ୯୫.୭୦ ଟଙ୍କା ସ୍ତରରେ ପହଞ୍ଚିଛି। ଗତ ଦୁଇ ବର୍ଷରେ ଟଙ୍କା ମୂଲ୍ୟରେ ପାଖାପାଖି ୧୪ ପ୍ରତିଶତରୁ ଅଧିକ ହ୍ରାସ ନିଶ୍ଚିତ ଭାବେ ଚିନ୍ତାଜନକ। ଏକ ରିପୋର୍ଟ ଅନୁସାରେ, ୨୦୧୪ ପରଠାରୁ ଏପର୍ଯ୍ୟନ୍ତ ମୋଟ ୧୨ ବର୍ଷରେ ଟଙ୍କାର ବିନିମୟ ମୂଲ୍ୟରେ ୬୨.୩୩ ପ୍ରତିଶତର ହ୍ରାସ ପାଇଲାଣି। ତେବେ କେବଳ ମୋଦୀ ସରକାରଙ୍କ ସମୟରେ ଟଙ୍କା ମୂଲ୍ୟରେ ହ୍ରାସ ଘଟିଛି ତାହା ନୁହେଁ, ପୂର୍ବ ସରକାରଗୁଡ଼ିକରେ ମଧ ଟଙ୍କା ମୂଲ୍ୟ ହ୍ରାସ ପାଇବାର ଏହି ଧାରା ଜାରି ରହିଥିଲା। ମନମୋହନ ସିଂହଙ୍କ ୧୦ ବର୍ଷର କାର୍ଯ୍ୟକାଳ (୨୦୦୪-୨୦୧୪) ସମୟରେ ମଧ ଟଙ୍କାର ମୂଲ୍ୟ ୩୧.୬୫ ପ୍ରତିଶତ ହ୍ରାସ ପାଇଥିଲା। ୨୦୦୪ ରେ ଯେତେବେଳେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଭାବେ ପ୍ରଥମେ

**୨୦୧୪ଠାରୁ ୬୨.୩୩% ଖସିଛି**

**୨ ବର୍ଷରେ ମୂଲ୍ୟରେ ୧୪.୭୫ ପ୍ରତିଶତ ହ୍ରାସ**

ଶପଥ ନେଲେ ସେତେବେଳେ ଗୋଟିଏ ଡଲାର ୪୫.୩୧ ଟଙ୍କା ରହିଥିଲା। ତେବେ ମନମୋହନଙ୍କ ପ୍ରଧାନମନ୍ତ୍ରୀ କାର୍ଯ୍ୟାକାଳ ଶେଷ ବେଳକୁ ୨୦୧୪ରେ ଗୋଟିଏ ଡଲାର ମୂଲ୍ୟ ପ୍ରାୟ ୫୮ ରୁ ୬୦ ଟଙ୍କା ସ୍ତରରେ ପହଞ୍ଚିଥିଲା। ବର୍ତ୍ତମାନ, ଭାରତୀୟ ଟଙ୍କାର ଦୁର୍ବଳତାକୁ ନେଇ ପ୍ରଶ୍ନ ଉଠିଛି। ଯଦି ଭାରତୀୟ ମୁଦ୍ରା ଅନ୍ୟ ପଡ଼ୋଶୀ ଦେଶର ମୁଦ୍ରା ତୁଳନାରେ ଆଉ ମଜଭୁତ ସ୍ଥିତିରେ ନାହିଁ। ଅନ୍ୟ ଏସୀୟ ଦେଶଗୁଡ଼ିକ ଅପେକ୍ଷା ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ହେବା ଅର୍ଥନୀତିଜ୍ଞଙ୍କୁ ଚିନ୍ତାରେ ପକାଇଲାଣି। ଅର୍ଥନୀତିଜ୍ଞ ସୁରଜିତ୍ ଭଲ୍ଲା ଟଙ୍କାର ଏ ଦୁର୍ଗତି ନେଇ ପ୍ରଶ୍ନ ଉଠାଇଛନ୍ତି। ଯଦି ଅର୍ଥନୀତି ବୃଦ୍ଧି ପାଉଛି, ତେବେ ଟଙ୍କା ମୂଲ୍ୟ କାହିଁକି ହ୍ରାସ ପାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ଭଲ୍ଲା ହୁଅନ୍ତୁ କିମ୍ବା ପୂର୍ବତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ ଉଭୟ ଏକ କଥାରେ ସହମତ ଯେ, ଭାରତର ଅର୍ଥନୀତି ଦ୍ରୁତ ବଢୁଥିବା ସତ୍ତ୍ୱେ ଟଙ୍କା କାହିଁକି ଦୁର୍ବଳ ହେଉଛି।

ଯଦି ତଥ୍ୟ ଦେଖିବା ତେବେ ଗତ କିଛି ବର୍ଷ ମଧ୍ୟରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ଚୀନ୍ ଠାରୁ ବି ଭଲ ସ୍ଥିତିରେ ରହିଥିଲା। କିନ୍ତୁ ଏହା ସତ୍ତ୍ୱେ, ଗତ କିଛି ବର୍ଷ ମଧ୍ୟରେ ଟଙ୍କା ବର୍ଷକୁ ବର୍ଷ ଦୁର୍ବଳ ହୋଇଛି। ଗତବର୍ଷ ଟଙ୍କା ମୂଲ୍ୟ ସେତେବେଳେ ତୀବ୍ର ବେଗରେ ତଳକୁ ଖସିଥିଲା, ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀରୁ ଆମଦାନୀ କରୁଥିବା ସାମଗ୍ରୀ ଉପରେ ବଡ଼ ଶୁଳ୍କ ଲଗାଇଥିଲେ। ଏହାପରେ ଇରାନ ଯୁଦ୍ଧ ପରେ ଇନ୍ଧନ ସଙ୍କଟ ଟଙ୍କାଙ୍କୁ ଲଗାତର ଭାବେ ଦୁର୍ବଳ କରି ସର୍ବନିମ୍ନ ସ୍ଥିତିକୁ ନେଇଯାଇଛି। ତେଣୁ ଏଥିପାଇଁ କେବଳ ଇରାନ ଯୁଦ୍ଧ କିମ୍ବା ତୈଳ ସଙ୍କଟକୁ ଦାୟୀ କରାଯାଇପାରିବନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଯୋଗୁ ଭାରତୀୟ ସାମଗ୍ରୀ ଉପରେ ଲଗାଯାଇଥିବା ଆମଦାନୀ ଶୁଳ୍କ ଏବଂ ବିଶ୍ୱ ବଜାରରେ ବଦଳୁଥିବା ସମୀକରଣ ମଧ ଦାୟୀ।

**ଚଳିତବର୍ଷ ଶେଷ ଆଡକୁ ଆସିବ ପ୍ରସ୍ତାବ**

# ଡିଜେଲରେ ଆଇସୋବୁଟାନଲ୍ ମିଶ୍ରଣ ବାଧ୍ୟତାମୂଳକ




**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ପେଟ୍ରୋଲରେ ୨୦% ଇଥାନଏଲ୍ ପରେ କେନ୍ଦ୍ର ସରକାର ଡିଜେଲରେ ଆଇସୋବୁଟାନଲ ମିଶ୍ରଣକୁ ବାଧ୍ୟତାମୂଳକ କରିବାକୁ ଯାଉଛନ୍ତି। ଇନ୍ଧନ ସୁରକ୍ଷା ବଢାଇବା ଓ ପରିବହନ କ୍ଷେତ୍ରକୁ କାର୍ବନ ଉର୍ତ୍ସଜନରୁ ମୁକ୍ତ କରିବା ପାଇଁ ସରକାର ଡିଜେଲରେ ଆଇସୋବୁଟାନଲ ମିଶ୍ରଣ ଅନିବାର୍ଯ୍ୟ କରିବା ପ୍ରସ୍ତାବ ଚଳିତବର୍ଷ ଶେଷ ଆଡକୁ ଆଣିପାରନ୍ତି। ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର ସଚିବ ଭି.ଉମାଶଙ୍କର ସିଆଇଆଇର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ ଏହା କହିଛନ୍ତି। ସେ କହିଛନ୍ତି ଯେ ଡିଜେଲରେ ମିଶ୍ରଣ (ବ୍ଲେଣ୍ଡିଂ)କୁ ଗୁରୁତର ସହ ଦେଖାଯାଉଛି। ଭାରତ ପେଟ୍ରୋଲିୟମ ଆଇସୋବୁଟାନଲ ବ୍ଲେଣ୍ଡିଂକୁ ନେଇ ଗବେଷଣା କରୁଛି ଓ ଏହାର ପରିଣାମ ବେଶ୍ ଉତ୍ସାହଜନକ। ସେ କହିଛନ୍ତି ଯେ ଡିଜେଲ ଖର୍ଚ୍ଚ ପେଟ୍ରୋଲର ୨ ଗୁଣା ହୋଇଥିବାରୁ ଏହି ଇନ୍ଧନରେ ମିଶ୍ରଣର ପ୍ରଭାବ ଦେଶର ଇନ୍ଧନ ସୁରକ୍ଷା ଉପରେ ଆହୁରି ଅଧିକ ରହିବ। ଚଳିତବର୍ଷ ଶେଷ ସୁଦ୍ଧା ଡିଜେଲରେ ମିଶ୍ରଣକୁ ବାଧ୍ୟତାମୂଳକ କରିବା ବ୍ୟବସ୍ଥା ଲାଗୁ କରାଯିବାର ସମ୍ଭାବନା ରହିଛି। ସେ କହିଛନ୍ତି ଯେ ଇ-୨୦ ସ୍ତରରେ ବ୍ଲେଣ୍ଡିଂକୁ ନେଇ କିଛି ଚିନ୍ତା ରହିଛି, ହେଲେ ଏଠାରେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କାରଣ ଏହି ଇନ୍ଧନ ଲାଗି ବାହନ ଅଲଗା ପ୍ରକାରର ନିର୍ମାଣ ହେବ। ଇ-୮୫ ଅଥବା ଇ-୧୦୦ ପାଇଁ ପେଟ୍ରୋଲ ପମ୍ପମାନଙ୍କରେ ଅଲଗା ଡିସ୍ପେନସର ଲଗାଯିବ। ତେବେ ସାଧାରଣ ମିଶ୍ରିତ ପେଟ୍ରୋଲ ଗୋଟିଏ ଡିସ୍ପେନସରରେ ଉପଲବ୍ଧ ହେବ।

# ଭାରତ ହେବ ସେମିକଣ୍ଡକ୍ଟରର 'କିଙ୍ଗ୍'

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ସ୍ମାର୍ଟଫୋନ୍‌ଠାରୁ କାର ପର୍ଯ୍ୟନ୍ତ ସବୁକିଛିରେ ବ୍ୟବହୃତ ଚିପ୍ସ ପାଇଁ ନୀତି ଆୟୋଗ ଏକ ଦୃଷ୍ଟିକୋଣ ଉପସ୍ଥାପନ କରିଛି। ଲକ୍ଷ୍ୟ ହେଉଛି ୨୦୩୫ ସୁଦ୍ଧା ବିଦେଶୀ ଚିପ୍ସ ଉପରେ ଭାରତର ନିର୍ଭରଶୀଳତାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ଏବଂ ଏକ ବିଶ୍ୱ ବଜାର ନେତା ହେବା। ଏଥିପାଇଁ, ୧୫୦ ବିଲିୟନ ଡଲାର ମୂଲ୍ୟର ଏକ ଦୃଢ଼ ମୂଲ୍ୟ ଶୃଙ୍ଖଳା ସୃଷ୍ଟି ଏବଂ ବ୍ୟାପକ ସରକାରୀ ନିବେଶ ସୁପାରିଶ କରାଯାଇଛି। ନୀତି ଆୟୋଗର ଏକ ନୂତନ ରିପୋର୍ଟରେ ୨୦୩୫ ଅନୁଯାୟୀ, ଭାରତ କେବଳ ଏକ ଚିପ୍ ବଜାର ହେବା ପାଇଁ ନୁହେଁ, ବରଂ ୧୫୦ ବିଲିୟନ ଡଲାର ମୂଲ୍ୟର ଏକ ଦୃଢ଼ ମୂଲ୍ୟ ଶୃଙ୍ଖଳା ସହିତ ଏହି ସମଗ୍ର ବିଶ୍ୱ ଶିଳ୍ପରେ ଏକ ଅଗ୍ରେତା ହେବା ପାଇଁ ଲକ୍ଷ୍ୟ ରଖିଛି। ଏଥିପାଇଁ ଆଗାମୀ ଦଶନ୍ଧିରେ ପ୍ରାୟ ୧୮୦ ବିଲିୟନ ଡଲାର ମୂଲ୍ୟର ଏକ ବିଶାଳ ନିବେଶ ଆବଶ୍ୟକ ହେବ, ସରକାରଙ୍କୁ ମୋଟ ଖର୍ଚ୍ଚର ଏକ ତୃତୀୟାଂଶ ବହନ କରିବାକୁ ସୁପାରିଶ କରାଯାଇଛି। ନିତି ଆୟୋଗ ଦ୍ୱାରା ପ୍ରକାଶିତ 'ଭାରତର ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ' ଶୀର୍ଷକ ରିପୋର୍ଟର ସାରାଂଶ ହେଉଛି ଯେ ଆମେ କେବଳ ବିଶ୍ୱବାସୀଙ୍କ ଅନୁସରଣ କରିବା ଏବଂ ଅନ୍ୟମାନଙ୍କ ଅନୁକରଣ କରିବା ଉଚିତ୍ ନୁହେଁ।

**ମଧ୍ୟପ୍ରାଚ୍ୟ ସଙ୍କଟକୁ ନେଇ ଅର୍ଥ ମନ୍ତ୍ରଣାଳୟ ରିପୋର୍ଟ**

# ହାତ ଟେକିଦେଲେ ସରକାର

**ତେଲ, ଦର ବୃଦ୍ଧି, ଦୁର୍ବଳ ମୌସୁମୀ ଅର୍ଥନୀତି ପାଇଁ ବିପଦ**

**ମୁକାବିଲା ପାଇଁ ପ୍ରସ୍ତୁତ ରୁହ: ଅର୍ଥମନ୍ତ୍ରୀ**



**ନୂଆଦିଲ୍ଲୀ,୩୦।୫(ଏଜେନ୍ସି):** ମଧ୍ୟପ୍ରାଚ୍ୟ ସଙ୍କଟ ପ୍ରଭାବରେ ସମ୍ପ୍ରତି ଦେଶର ସାମଗ୍ରିକ ଅର୍ଥନୀତିର ସ୍ଥିତି ବେଶ ଆହ୍ୱାନପୂର୍ଣ୍ଣ। ଏହାକୁ ନେଇ ସତର୍କ ରହିବାକୁ ହେବ। ଉଚ୍ଚ ବିଶ୍ୱ ଶକ୍ତି ମୂଲ୍ୟ, ଟଙ୍କା ଦୁର୍ବଳ ହେବା, ଉତ୍ପାଦନ ଖର୍ଚ୍ଚ ଉପରେ ଚାପ ବୃଦ୍ଧି ଏବଂ ସ୍ୱାଭାବିକଠାରୁ କମ୍ ମୌସୁମୀ ପ୍ରବାହ ବର୍ତ୍ତମାନ ଭାରତୀୟ ଅର୍ଥନୀତି ଆଗରେ ବଡ଼ ବିପଦ ସାଜିଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏହାର ମାସିକ ଅର୍ଥନୀତି ସମୀକ୍ଷା ରିପୋର୍ଟରେ ଏହା କୁହାଯାଇଛି। ଅପରପକ୍ଷେ ଅର୍ଥନୀତିର ଏଭଳି ସ୍ଥିତିକୁ ଦେଖି କେନ୍ଦ୍ର ସରକାର ହାତ ଟେକିଦେଲେଣି। ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ଏଥିରେ ନୀତି ନିର୍ଦ୍ଧାରଣକାରୀଙ୍କୁ ସତର୍କ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ସମୀକ୍ଷା ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱ ପରିବେଶ ଅନିଶ୍ଚିତ ରହିଥିବାରୁ ୨୦୨୬-୨୭ ଆର୍ଥିକବର୍ଷରେ ଅଭିବୃଦ୍ଧି ଗତି ବଜାୟ ରଖିବା ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ମୁଦ୍ରା, ଆର୍ଥିକ ଏବଂ ସାଂରଚନିକ ନୀତିରେ ନମନୀୟତା ଏବଂ ସକ୍ରିୟତା ଆବଶ୍ୟକ ହେବ। ରିପୋର୍ଟ ଅନୁଯାୟୀ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ପୂର୍ବରୁ ଦୁର୍ବଳ ରହିଥିବା ବିଶ୍ୱ ଅର୍ଥନୀତିର ପୁନରୁଦ୍ଧାର କ୍ଷେତ୍ରରେ ଏକ ବଡ଼ ବିପର୍ଯ୍ୟୟ ଭାବରେ ଉଭା ହୋଇଛି। ଏହାର ପ୍ରଭାବ ଶକ୍ତି ବଜାର, ଯୋଗାଣ ଶୃଙ୍ଖଳା, ବାଣିଜ୍ୟ ମାର୍ଗ ଏବଂ ବିଶ୍ୱ ଆର୍ଥିକ ପରିସ୍ଥିତି ଉପରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଶକ୍ତି, ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ବୃଦ୍ଧି ପାଇବା ଯୋଗୁଁ ମୁଦ୍ରାସ୍ଫୀତିଜନିତ ଚାପ ପୁଣି ବଢ଼ିଯାଇଛି। ଏହା ବିଶ୍ୱର ଅନେକ ପ୍ରମୁଖ ଅର୍ଥନୀତିରେ 'ଷ୍ଟାଗଫ୍ଲାସନ୍' (କମ୍ ଅଭିବୃଦ୍ଧି ଏବଂ ଉଚ୍ଚ ମୁଦ୍ରାସ୍ଫୀତି) ବିଷୟକୁ ନେଇ ଚିନ୍ତା ସୃଷ୍ଟି କରିଛି। ସର୍ଭେରେ ଉଲ୍ଲେଖ କରାଯାଇଛି ଯେ ଉପସାଗରୀୟ କ୍ଷେତ୍ରରୁ ଶକ୍ତି ଯୋଗାଣରେ ଦୀର୍ଘ ସମୟ ଧରି ବ୍ୟାଘାତ ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ଦୁର୍ବଳ କରିପାରେ ଏବଂ ଅନେକ ଦେଶ ପାଇଁ ଆର୍ଥିକ ଆହ୍ୱାନକୁ ବଢ଼ାଇପାରେ। ଭାରତ ପାଇଁ ଏହି ବାହ୍ୟ ଚାପର ପ୍ରଭାବ ଧୀରେ ଧୀରେ ଘରୋଇ ଅର୍ଥନୀତିରେ ଦୃଶ୍ୟମାନ ହେଉଛି। ରିପୋର୍ଟରେ କୁହାଯାଇଛି, ଭାରତୀୟ ଅର୍ଥନୀତି ଏପ୍ରିଲରେ ଏହାର ଅଭିବୃଦ୍ଧି ଗତି ବଜାୟ ରଖିଥିଲା। ଇ-ୱେ ବିଲ୍ ଜେନେରେସନ୍, ପିଏମ୍‌ଆଇ ସୂଚକାଙ୍କ ଏବଂ ବିଦ୍ୟୁତ୍ ବ୍ୟବହାର ଅଭିବୃଦ୍ଧି ପରିସର ମଧ୍ୟରେ ରହିଛି। ତଥାପି, ୮ଟି ମୁଖ୍ୟ ଶିଳ୍ପ ଏବଂ ଇନ୍ଧନ ବ୍ୟବହାରର ସୂଚକାଙ୍କରେ ହ୍ରାସ ସୂଚାଇଥାଏ ଯେ ବିଶ୍ୱ ଆହ୍ୱାନ ଘରୋଇ ଅର୍ଥନୀତିର କିଛି କ୍ଷେତ୍ରକୁ ପ୍ରଭାବିତ କରିବା ଆରମ୍ଭ କରିଛି।

ଏପ୍ରିଲ ମୁଦ୍ରାସ୍ଫୀତି ତଥ୍ୟକୁ ଉଲ୍ଲେଖ କରି ସର୍ଭେରେ କୁହାଯାଇଛି ଯେ ଗ୍ରାହକ ମୁଦ୍ରାସ୍ଫୀତି ଏବଂ ପାଇକାରୀ ମୁଦ୍ରାସ୍ଫୀତି ମଧ୍ୟରେ ପାର୍ଥକ୍ୟ ବୃଦ୍ଧି ପାଉଛି। ଖୁଚୁରା ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇ ୩.୪୮ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ଲକ୍ଷ୍ୟଠାରୁ ଏହା ତଳେ ରହିଛି। ଅନ୍ୟପକ୍ଷରେ, ପାଇକାରୀ ମୁଦ୍ରାସ୍ଫୀତି ଦ୍ରୁତ ଗତିରେ ୮.୩ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାର ମୁଖ୍ୟ କାରଣ ହେଉଛି ବିଶ୍ୱ ସ୍ତରରେ ଶକ୍ତି ମୂଲ୍ୟ ବୃଦ୍ଧି ଏବଂ ଦୁର୍ବଳ ଟଙ୍କାର ପ୍ରଭାବ। ରିପୋର୍ଟ ଅନୁଯାୟୀ, ପାଇକାରୀ ମୁଦ୍ରାସ୍ଫୀତି ଏବଂ ଇନ୍ଧନ ମୂଲ୍ୟରେ ସମ୍ପ୍ରତି ବୃଦ୍ଧି ଆଗାମୀ ମାସଗୁଡ଼ିକରେ ପରିବହନ, ଶକ୍ତି ଏବଂ ଖାଦ୍ୟ ସାମଗ୍ରୀ ମାଧ୍ୟମରେ ଖୁଚୁରା ମୁଦ୍ରାସ୍ଫୀତିକୁ ମଧ ପ୍ରଭାବିତ କରିପାରେ। ଯଦି ବର୍ଷା ଅଭାବ ହୁଏ ଏବଂ ବର୍ତ୍ତମାନର ଭୂ-ରାଜନୈତିକ ପରିସ୍ଥିତି ଜାରି ରହେ, ତେବେ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ଗ୍ରାମାଞ୍ଚଳ ଚାହିଦାକୁ ଦୁର୍ବଳ କରିପାରେ। ଏହା ହେଲେ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧି ପ୍ରଭାବିତ ହେବାର ସମ୍ଭାବନା ରହିଛି।

# ସ୍ପାଇସ୍‌ଜେଟ୍‌କୁ ୧୨୫ କୋଟିର ଟିକସ ନୋଟିସ୍

**ନୂଆଦିଲ୍ଲୀ,୩୦।୫(ଏଜେନ୍ସି):** ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ବିଭାଗ ବଜେଟ ବିମାନ କମ୍ପାନୀ ସ୍ପାଇସଜେଟକୁ ପ୍ରାୟ ୧୨୫ କୋଟି ଟଙ୍କାର ଟିକସ ଦାବି ନୋଟିସ୍ ଜାରି କରିଛି। ଅଧିକାରୀଙ୍କ ଅନୁଯାୟୀ, ଆର୍ଥିକ ଭାବରେ ସଂଘର୍ଷ କରୁଥିବା ଏୟାରଲାଇନ୍ସ ଉପରେ ଗତ କିଛି ମାସ ଧରି ଜିଏସ୍‌ଟି ରିଟର୍ଣ୍ଣ ଦାଖଲ ନ କରିବାର ଅଭିଯୋଗ ରହିଛି। ବିଭାଗ ସ୍ପାଇସଜେଟର ଜିଏସ୍‌ଟି ପଞ୍ଜିକରଣ ବାତିଲ କରିବା ପାଇଁ ମଧ ପ୍ରକ୍ରିୟା ଆରମ୍ଭ କରିଛି। ରିଟର୍ଣ୍ଣ ଦାଖଲରେ ବାରମ୍ବାର ବିଳମ୍ବ ଏବଂ ନିୟମାବଳୀ ଅନୁପାଳନ ନ କରିବା ପାଇଁ ଜିଏସ୍‌ଟି ବିଭାଗ ସ୍ପାଇସଜେଟକୁ କାରଣ ଦର୍ଶାଅ ନୋଟିସ ପଠାଇଛି। ଏହି ନୋଟିସରେ ଏୟାରଲାଇନ୍ସର ଜିଏସ୍‌ଟି ପଞ୍ଜିକରଣ ବାତିଲ କରିବାକୁ ମଧ ପ୍ରସ୍ତାବ ଦିଆଯାଇଛି। ଅଧିକାରୀମାନେ କହିଛନ୍ତି ଯେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରିଟର୍ଣ୍ଣ ଦାଖଲ କରିବାରେ ବିଫଳ ହେବା ପରେ ସିଜିଏସ୍‌ଟି ଏବଂ ଏସ୍‌ଜିଏସ୍‌ଟି ଆଇନ, ୨୦୧୭ର ଧାରା ୬୨ ଅନୁଯାୟୀ ଏକ ଅସ୍ଥାୟୀ ମୂଲ୍ୟାୟନ ପରେ ଏହି ଟିକସ ଦାବି ଜାରି କରାଯାଇଛି।

ମୂଲ୍ୟାଙ୍କନ ଅନୁଯାୟୀ, ବିଭାଗ ବିଭିନ୍ନ ମାସ ପାଇଁ ମୋଟ ୧୨୪.୬୫ କୋଟି ଟଙ୍କାର ଡିମାଣ୍ଡ ନୋଟିସ ଜାରି କରିଛି। ଅଧିକାରୀମାନେ କହିଛନ୍ତି ଯେ ବିମାନ କମ୍ପାନୀର ଜିଏସ୍‌ଟି ପଞ୍ଜିକରଣ ବାତିଲ କରିବା ସମ୍ପର୍କରେ ଏକ କାରଣ ଦର୍ଶାଅ ନୋଟିସ ମେ' ୨୫ରେ ଜାରି କରାଯାଇଥିଲା। ଏହା ସତ୍ତ୍ୱେ, କମ୍ପାନୀ ଏ ପର୍ଯ୍ୟନ୍ତ ବିଚାରାଧୀନ ଅନୁପାଳନ ଆବଶ୍ୟକତା ପୂରଣ କରିନାହିଁ। ଜଣେ ଅଧିକାରୀ କହିଛନ୍ତି ଯେ ଯଦି ସ୍ପାଇସଜେଟ୍ ଶୀଘ୍ର ଏହାର ବିଚାରାଧୀନ ରିଟର୍ଣ୍ଣ ଦାଖଲ କରେ ନାହିଁ ଏବଂ ଜିଏସ୍‌ଟି ଆଇନ ଅନୁଯାୟୀ ଏହାର ବୈଧାନିକ ଦାୟିତ୍ୱ ପୂରଣ କରେ ନାହିଁ, ତେବେ ନିୟମ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ବଡ଼ ଚେତାବନୀ**

# ବିପଦରେ ଦୁନିଆ

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ଏକ ବଡ଼ ଚେତାବନୀ ଜାରି କରିଛି, ଯେଉଁଥିରେ କୁହାଯାଇଛି ଯେ ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ବିଶ୍ୱ ବର୍ତ୍ତମାନ ପର୍ଯ୍ୟନ୍ତ ତାର ସବୁଠାରୁ ବଡ଼ ଶକ୍ତି ସଙ୍କଟ ଦେଇ ଗତି କରୁଛି। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ଅନୁଯାୟୀ, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଏବଂ ହର୍ମୁଜ୍ ପ୍ରଣାଳୀକୁ ଘେରି ରହିଥିବା ବାଧା ବିଶ୍ୱରେ ରାଷ୍ଟ୍ରଗୁଡିକର ଶକ୍ତି ରଣନୀତିରେ ପରିବର୍ତ୍ତନ ଆଣିଛି। ବର୍ତ୍ତମାନ ବିଶ୍ୱ ସବୁଠାରୁ ବଡ଼ ଶକ୍ତି ସୁରକ୍ଷା ସଙ୍କଟ ଦେଇ ଗତି କରୁଛି, ଯାହା ପୂର୍ବରୁ କେବେ ଦେଖାଯାଇ ନ ଥିଲା। ବିଶ୍ୱବ୍ୟାପୀ ସରକାର ଏବଂ କମ୍ପାନୀଗୁଡ଼ିକ ଶକ୍ତି ସୁରକ୍ଷା ସମ୍ପର୍କରେ ବଢୁଥିବା ଚିନ୍ତା ଦ୍ୱାରା ଦ୍ରୁତ ଗତିରେ ସେମାନଙ୍କର ଯୋଗାଣ ଶୃଙ୍ଖଳ, ବାଣିଜ୍ୟ ମାର୍ଗ ଏବଂ ଶକ୍ତି ନିର୍ଭରଶୀଳତାର ପୁନଃମୂଲ୍ୟାୟନ କରୁଛନ୍ତି। ଆହୁରିମଧ ହର୍ମୁଜ୍ ପ୍ରଣାଳୀରେ ସାମ୍ପ୍ରତିକ ବାଧା ଆଗାମୀ ବର୍ଷ ପାଇଁ ବିଶ୍ୱ ନିବେଶ ପ୍ରାଥମିକତାରେ ବଡ଼ ପରିବର୍ତ୍ତନ ଆଣିବାର ସମ୍ଭାବନା ରହିଛି। ୧୯୭୦ ଦଶକ ପରେ ଏହାକୁ ବିଶ୍ୱର ସବୁଠୁ ବଡ଼ ଶକ୍ତି ସଙ୍କଟ ବୋଲି କୁହାଯାଉଛି। ଏ ନେଇ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି ବଡ଼ ଚେତାବନୀ ଜାରି କରିଛି।

ଆଇଇଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫାତିହ ବିରୋଲ କହିଛନ୍ତି ଯେ, ମଧ ପ୍ରାଚ୍ୟ ସଙ୍କଟରେ ବିଶ୍ୱବ୍ୟାପୀ ସରକାର ଏବଂ କମ୍ପାନୀଗୁଡ଼ିକ ଶକ୍ତି ସୁରକ୍ଷା ସମ୍ପର୍କରେ ବଢୁଥିବା ଚିନ୍ତା ଦ୍ୱାରା ଦ୍ରୁତ ଗତିରେ ସେମାନଙ୍କର ଯୋଗାଣ ଶୃଙ୍ଖଳ, ବାଣିଜ୍ୟ ମାର୍ଗ ଏବଂ ଶକ୍ତି ନିର୍ଭରଶୀଳତାର ପୁନଃମୂଲ୍ୟାୟନ କରୁଛନ୍ତି। ଆମଦାନୀ ଶକ୍ତି ଉପରେ ଅତ୍ୟଧିକ ନିର୍ଭରଶୀଳ ଦେଶଗୁଡ଼ିକ - ବିଶେଷକରି ଏସିଆର ଦେଶଗୁଡ଼ିକ - ଏବେ ସେମାନଙ୍କର ଶକ୍ତି ଉତ୍ସଗୁଡ଼ିକୁ ବିବିଧ କରିବା ଏବଂ ଭୂ-ରାଜନୈତିକ ବାଧାବିଘ୍ନର ପ୍ରତି ସେମାନଙ୍କର ଦୁର୍ବଳତାକୁ ହ୍ରାସ

**୧୯୭୦ ପରେ ସବୁଠୁ ବଡ଼ ଶକ୍ତି ସଙ୍କଟ**


**ରଣନୀତି ବଦଳାଉଛନ୍ତି ରାଷ୍ଟ୍ର**

କରିବା ପାଇଁ ସେମାନଙ୍କର ପ୍ରୟାସକୁ ତ୍ୱରାନ୍ୱିତ କରୁଛନ୍ତି। ବଜାର ଅନିଶ୍ଚିତତା ସତ୍ତ୍ୱେ, ମୋଟ ବିଶ୍ୱ ଶକ୍ତି ନିବେଶ ବୃଦ୍ଧି ପାଇ ୨୦୨୬ରେ ୩.୪ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏଥିରେ ବିଦ୍ୟୁତ ଗ୍ରୀନ୍, ବ୍ୟାଟେରୀ ସଂରକ୍ଷଣ, କମ ନିର୍ଗମନ ଇନ୍ଧନ, ନବୀକରଣୀୟ ଶକ୍ତି, ପରମାଣୁ ଶକ୍ତି, ବିଦ୍ୟୁତୀକରଣ ଏବଂ ଶକ୍ତି ଦକ୍ଷତା ଭଳି କ୍ଷେତ୍ରରେ ପ୍ରାୟ ୨.୨ ଟ୍ରିଲିୟନ ଡଲାର ବିନିଯୋଗ ହେବ ବୋଲି ଆଶା କରାଯାଉଛି।

ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ଆକଳନ ଅନୁଯାୟୀ, ୨୦୨୬ରେ ଲଗାତାର ତୃତୀୟ ବର୍ଷ ପାଇଁ ତୈଳ କ୍ଷେତ୍ରରେ ନିବେଶ ହ୍ରାସ ପାଇ ୫୦୦ ବିଲିୟନ ଡଲାର ତଳକୁ ଖସିଯିବ। ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ଉଚ୍ଚ ସ୍ତରରେ ରହିଥିବା ସତ୍ତ୍ୱେ ମଧ ଏହି ଧାରା ପ୍ରକାଶ ପାଉଛି। ଏଜେନ୍ସି ଉଲ୍ଲେଖ କରିଛି ଯେ ମୂଲ୍ୟରେ ଏହି ବୃଦ୍ଧି କେତେ ଦିନ ପର୍ଯ୍ୟନ୍ତ ରହିବ ତାହାକୁ ନେଇ ଅନିଶ୍ଚିତତା ଜାରି ରହିଛି। ଏହା ବ୍ୟତୀତ, ଯୋଗାଣ ଶୃଙ୍ଖଳ ବାଧା ଏବଂ ଅଫଶୋର ରିଗ୍‌ଗୁଡ଼ିକର ସୀମିତ ଉପଲବ୍ଧତା ଭଳି କାରଣଗୁଡ଼ିକ ମଧ୍ୟପ୍ରାଚ୍ୟ ବାହାରେ ତୈଳ କ୍ଷେତ୍ରରେ ନୂତନ ନିବେଶକୁ ବାଧା ଦେଉଛି। ଅପରପକ୍ଷେ ପ୍ରାକୃତିକ ଗ୍ୟାସରେ ନିବେଶ ୩୩୦ ବିଲିୟନ ଡଲାରକୁ ବୃଦ୍ଧି ପାଇବାର ଆକଳନ କରାଯାଇଛି। ଏହା ଗତ ଦଶନ୍ଧିରେ ରେକର୍ଡ ହୋଇଥିବା ସର୍ବୋଚ୍ଚ ସ୍ତର। ଏହି ଅଭିବୃଦ୍ଧି ମୁଖ୍ୟତଃ ଯୁକ୍ତରାଷ୍ଟ୍ର ଏବଂ କାତାରରେ ଏଲ୍‌ଏନ୍‌ଜି ରପ୍ତାନି ପ୍ରକଳ୍ପ ଦ୍ୱାରା ପରିଚାଳିତ। ରିପୋର୍ଟ ଅନୁଯାୟୀ, ୨୦୬ ସୁଦ୍ଧା ନବୀକରଣୀୟ ଶକ୍ତିରେ ନିବେଶ ପ୍ରାୟ ୬୬୫ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଏଥିମଧ୍ୟରୁ, କେବଳ ସୌର ପ୍ରକଳ୍ପରେ ୩୬୫ ବିଲିୟନ ଡଲାର ହେବ। ଏହାଛଡା ପରମାଣୁ ଶକ୍ତିରେ ନିବେଶ ମଧ ବାର୍ଷିକ ୮୦ ବିଲିୟନ୍ ଡଲାର ଅତିକ୍ରମ କରିଛି। ବର୍ତ୍ତମାନ, ବିଶ୍ୱ ସ୍ତରରେ ପ୍ରାୟ ୮୦ ଗିଗାୱାଟ ନୂତନ ପରମାଣୁ କ୍ଷମତା ଉପରେ କାର୍ଯ୍ୟ ଚାଲିଛି। ଆଇଇଏ ଏହା ମଧ ଉଲ୍ଲେଖ କରିଛି ଯେ ଏଆଇ ଏବଂ ଡାଟା ସେଣ୍ଟରଗୁଡ଼ିକର ଦ୍ରୁତ ପ୍ରସାରଣ ବିଶ୍ୱ ବିଦ୍ୟୁତ ଚାହିଦାକୁ ବୃଦ୍ଧି କରୁଥିବା ଏକ ପ୍ରମୁଖ କାରଣ ଭାବରେ ଉଭା ହେଉଛି।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମରୁତଃ ॥

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ସରୋଜିନୀ ଗଡନାୟକ
ନୟାପଲ୍ଲୀ, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର
ଆବିର୍ଭାବ: ୦୭.୦୭.୧୯୪୦
ତିରୋଧାନ: ୨୧.୦୫.୨୦୨୬

ବୋଉ ତମେ ଆମ ପାଇଁ ସବୁକିଛି ଥିଲ। ତୁମର ନିରନ୍ତର ଉତ୍ସର୍ଗ, ସ୍ନେହର ଛାୟା ଓ ଜ୍ଞାନର ମାର୍ଗଦର୍ଶନ ଆମ ଜୀବନକୁ ଆକାର ଦେଇଛି । ଆମେ କୃତଜ୍ଞ ଯେ ତୁମେ ଆମକୁ ସତ୍ୟ, ନ୍ୟାୟ ଓ ସହନଶୀଳତାର ପାଠ ଶିଖାଇଛ । ଆମର କଷ୍ଟରେ ସାଥୀ ହୋଇଛ ଏବଂ ସ୍ୱପ୍ନଗୁଡିକୁ ପୂରଣ କରିବାର ଶକ୍ତି ଦେଇଛ । ତୁମର ଅନୁପ୍ରେରଣା ଆମକୁ ସଦା ଚାଲିବାକୁ ଶିଖାଇଛି । ତୁମର ପ୍ରତି ଆମର ଅସୀମ କୃତଜ୍ଞତା - ତୁମେ ଆମ ଜୀବନର ଆଧାର ଥିଲ, ଥିବ ଓ ରହିବ । ଆଜି ଏକାଦଶାହ ଅବସରରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ

ପୁତ୍ର - ଶାନ୍ତନୁ, ସୁଧିର, ସୁଶୀଲ, ସନ୍ତୋଷ, ଶୁଭେନ୍ଦୁ, ସିଦ୍ଧାର୍ଥ, ଶଶାଙ୍କ, ପୁତ୍ରବଧୂ - ଲିନା, ମମତା, ଆରତୀ, ପ୍ରଭାତୀ, ସଂନ୍ଧ୍ୟା, ପ୍ରଗତୀ, ସୁନିତା, ଝିଅ- ସରିତା, ଜ୍ୱାଇଁ - ଦାମୋଦର, ନାତି ଓ ନାତୁଣୀ- ଚିନୁ, ସିନୁ, ବାପୁ, ସୋମୁ, ଲିଶୁ, ମାମାଲି, ଟ୍ୱିଙ୍କିଲ, ଟୋଷୁ, ଦିଶା, ମିଠୁ, ଲାଲଟୁ, ଅଣନାତି - ପିକୁନ୍, ଗଡ଼ନାୟକ ପରିବାର ଓ ବନ୍ଧୁବାନ୍ଧବ

# ବିନେଶଙ୍କ ଏସୀୟ କ୍ରୀଡ଼ା ଖେଳିବା ସ୍ୱପ୍ନ ଅଧୁରା

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଭାରତର ତାରକା ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗଟଙ୍କ ଆଗାମୀ ଏସୀୟ କ୍ରୀଡ଼ା ଖେଳିବା ସ୍ୱପ୍ନ ଅଧୁରା ରହିଯାଇଛି। ନୂଆଦିଲ୍ଲୀରେ ଏସୀୟ କ୍ରୀଡ଼ା ଲାଗି ଚାଲିଥିବା ଚୟନ ଶିବିରରେ ବିନେଶ ୫୩ କିଗ୍ରା ବିଭାଗର ସେମିଫାଇନାଲରେ ୪-୬ ସ୍କୋରରେ ପ୍ରତିପକ୍ଷ କୁସ୍ତିଯୋଦ୍ଧା ମୀନାକ୍ଷୀ ଗୋୟତଙ୍କଠାରୁ ହାରିଯାଇଛନ୍ତି। ଫଳରେ ୮ ବର୍ଷ ପରେ ଏସୀୟ କ୍ରୀଡ଼ାକୁ ଫେରିବା ପାଇଁ ସ୍ୱପ୍ନ ଦେଖୁଥିବା ଦୁଇଥରର ବିଶ୍ୱ ଚାମ୍ପିଅନସିପ୍ ପଦକ ବିଜୟିନୀ ବିନେଶଙ୍କ ଶେଷ ଆଶା ମଉଳି ଯାଇଛି। ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହେବା ପରେ ବିନେଶ କୁହନ୍ତି, ଭାରତୀୟ କୁସ୍ତି ମହାସଂଘ ସହ ଚାଲିଥିବା ବିବାଦରେ ମୁଁ ହାରିନାହିଁ। ଏକ ସମ୍ପୂର୍ଣ୍ଣ ବ୍ୟବସ୍ଥା ବିରୁଦ୍ଧରେ ମୁଁ ଲଢ଼େଇ କରୁଥିଲି। ଗୋଟିଏ ସ୍ଥାନରେ ମୁଁ ଏକୁଟିଆ ଛିଡ଼ା ହୋଇଥିଲି। ଯେତେବେଳେ କି ଅନ୍ୟପଟେ ସମସ୍ତେ ମୋ ବିରୁଦ୍ଧରେ ଥିଲେ।

■ ୧୮ ବର୍ଷରୁ କମ୍ ମହିଳା ଏସିଆ କପ୍ ହକି

## ଭାରତର ବିଜୟ ଅଭିଯାନ

**ଟୋକିଓ, ୩୦।୫ (ଏଜେନ୍ସି):** ଜାପାନର କାକାମିଘରା ସହରରେ ଆରମ୍ଭ ହୋଇଥିବା ୧୮ ବର୍ଷରୁ କମ୍ ଜୁନିଅର ମହିଳା ଏସିଆ କପ୍ ହକିର ଷଷ୍ଠ ସଂସ୍କରଣରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଅନୁଷ୍ଠିତ ପୁଲ୍-ଏ'ର ଏକ ମ୍ୟାଚରେ ଭାରତୀୟ ଯୁବ ମହିଳା ଦଳ ୨-୧ ଗୋଲରେ ମାଲେସିଆକୁ ହରାଇଦେଇଛି। ଭାରତ ପକ୍ଷରୁ ମଧ୍ୟପ୍ରଦେଶର ନୌସିନ ନାଜ ଡବଲ୍ ଗୋଲ୍ ଦେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେ ମ୍ୟାଚର ୧୯ତମ ଓ ୨୮ତମ ମିନିଟରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ବିଜୟ ସହ ଭାରତ ୩ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତୀୟ ଯୁବ ମହିଳା ହକି ଦଳ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ଦକ୍ଷିଣ କୋରିଆକୁ ଭେଟିବ। ଗତକାଲି ପୁରୁଷ ବିଭାଗରେ ଭାରତ ୧୩-୦ରେ କାଜାଖସ୍ଥାନକୁ ହରାଇ ବୃହତ ବିଜୟ ହାସଲ କରିଥିଲା।

## ଦ୍ୱିତୀୟ ଟି-୨୦: ଇଂଲଣ୍ଡ ବିଜୟୀ

**ବ୍ରିଷ୍ଟଲ, ୩୦।୫ (ଏଜେନ୍ସି):** ଭ୍ରମଣକାରୀ ଭାରତୀୟ ମହିଳା ଦଳ ବିପକ୍ଷରେ ଏଠାରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚକୁ ଇଂଲଣ୍ଡ ୨୬ ରନରେ ଜିତିନେଇଛି। ଫଳରେ ପ୍ରଥମ ମ୍ୟାଚକୁ ୩୮ ରନରେ ହାରିଥିବା ଇଂଲଣ୍ଡ ମହିଳା ଦଳ ସିରିଜକୁ ୧-୧'ର ବରାବରସ୍ତରକୁ ଆଣିଛି। ନିର୍ଣ୍ଣାୟକ ତଥା ୩ୟ ଟି-୨୦ ମ୍ୟାଚ ମଙ୍ଗଳବାର ଖେଳାଯିବ। ଦ୍ୱିତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୫ ୱିକେଟରେ ୧୬୮ ରନର ସମ୍ମାନଜନକ ସ୍କୋର କରିଛି। ଦଳ ପକ୍ଷରୁ ଫ୍ରେୟା କେମ୍ପ ସର୍ବାଧିକ ଅପରାଜିତ ୩୯, ଡାନି ୱାଟ ୨୯, ଆମି ଜୋନ୍ସ ଓ ଆଲିସା କାପସି ୨୮ ରନ ଲେଖାଏ କରିଥିଲେ। ବୋଲିଂରେ ଭାରତ ପକ୍ଷରୁ ବାମହାତୀ ସ୍ପିନର ଶ୍ରୀ ଚରଣୀ ୨୫ ରନ ବ୍ୟୟରେ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଭାରତୀୟ ମହିଳା ଦଳ ଇନିଂସର ଶେଷ ବଲରେ ୧୪୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦୁଇ ଓପନର୍ ସ୍ମୃତି ମନ୍ଧାନା ୩୨, ଶେଫାଳି ବର୍ମା ୨୨, ଅଧିନାୟିକା ହରମନପ୍ରୀତ୍ କୌର ୨୮ ରନ କରିଥିଲେ। ତେବେ ରିଟାୟର୍ଡ ଆଉଟ୍ ହୋଇଥିବା ଯଷ୍ଟିକା ଭାଟିଆ ୩୬ ବଲରେ ୩୩ ରନର ଧୀମା ଇନିଂସ ଖେଳିବା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ବୋଲିଂରେ ଇଂଲଣ୍ଡ ପକ୍ଷରୁ ଲୌରେନ ବେଲ୍, ଅଧିନାୟିକା ଚାର୍ଲି ଡିନ୍ ଓ କେମ୍ପ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

## ଫାଇନାଲରେ ସାତ୍ତ୍ୱିକ-ଚିରାଗ

**ସିଙ୍ଗାପୁର, ୩୦।୫ (ଏଜେନ୍ସି):** ତାରକା ଭାରତୀୟ ବ୍ୟାଡ୍ମିଣ୍ଟନ ଯୋଡ଼ି ସାତ୍ତ୍ୱିକସାଇରାଜ ରାନକୀରେଡ୍ଡୀ ଓ ଚିରାଗ ସେଟ୍ଟୀ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଡବଲ୍ସ ସେମିଫାଇନାଲ ମୁକାବିଲାରେ ୪ର୍ଥ ସିଡ୍ ସାତ୍ତ୍ୱିକ-ଚିରାଗ ୨୧-୧୯, ୨୧-୧୮ ସିଧାସଳଖ ଗେମରେ ବିଶ୍ୱର ଏକ ନମ୍ବର ଯୋଡ଼ି କୋରିଆର କିମ୍ ୱନ ହୋ ଓ ସିଓ ସେଉଙ୍ଗଙ୍କୁ ପରାସ୍ତ କରିଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିବା କିମ୍ ଓ ସିଓ ଯୋଡ଼ି ଆଜି ମାତ୍ର ୫୨ ମିନିଟ୍‌ରେ ମ୍ୟାଚ ହାରିଯାଇଥିଲେ। ସାତ୍ତ୍ୱିକ-ଚିରାଗ ଯୋ ଡ଼ି ରବିବାର ହେବାକୁ ଥିବା ଫାଇନାଲ ମୁକାବିଲାରେ ଇଣ୍ଡୋନେସିଆର ଫଜର ଆଲଫିଆନ ଓ ମହମ୍ମଦ ଶୋହିବୁଲ ଯୋଡ଼ିଙ୍କୁ ଭେଟିବେ।

# ବେଙ୍ଗାଲୁରୁ ବ୍ୟାଟିଂ ବନାମ ଗୁଜରାଟ ବୋଲିଂ

**ଅହମଦାବାଦ, ୩୦।୫ ଏଜେନ୍ସି):**



**ଆଇପିଏଲ୍ ଫାଇନାଲ ଆଜି**
ଭେନ୍ୟୁ : ଅହମ୍ମଦାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

ଆଇପିଏଲ୍-୨୦୨୬ର ପ୍ରଥମ ବଲ୍ ବୋଲିଂ ହେବା ପରେ ଗତ ୬୪ ଦିନରେ ୭୩ଟି ମ୍ୟାଚ୍ ଆୟୋଜିତ ହୋଇସାରିଛି। ବିଶ୍ୱର ସର୍ବବୃହତ୍ ତଥା ଲୋକପ୍ରିୟ ଟି-୨୦ ଟୁର୍ଣ୍ଣାମେଣ୍ଟର ୧୯ତମ ସଂସ୍କରଣର ଗ୍ରାଣ୍ଡ ଫାଇନାଲ ମୁକାବିଲା ରବିବାର ଖେଳାଯିବ। ବିଶ୍ୱର ସର୍ବବୃହତ୍ ଅହମ୍ମଦାବାଦ୍‌ର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଫାଇନାଲ ମୁକାବିଲା ଚଳିତ ଆଇପିଏଲ୍‌ର ଦୁଇ ଶ୍ରେଷ୍ଠ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଖେଳାଯିବ। ଲିଗ୍ ପର୍ଯ୍ୟାୟ ପରେ ବେଙ୍ଗାଲୁରୁ ପଏଣ୍ଟ ଟେବଲରେ ପ୍ରଥମ ଓ ଗୁଜରାଟ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ପ୍ରଦର୍ଶନ ବେଙ୍ଗାଲୁରୁର ଦମ୍‌ଦାର ବ୍ୟାଟିଂ ଓ ଗୁଜରାଟର ଶାଣିତ ବୋଲିଂ ଯୋଗୁଁ ସମ୍ଭବ ହୋଇଥିଲା। ଫଳରେ ଆସନ୍ତାକାଲି ଫାଇନାଲ ଲଢ଼େଇ ବେଙ୍ଗାଲୁରୁର ବ୍ୟାଟିଂ ଓ ଗୁଜରାଟର ବୋଲିଂ ମଧ୍ୟରେ ହେବ ବୋଲି ନିଃସନ୍ଦେହରେ କୁହାଯାଇପା ରେ। ଉଭୟ ଦଳ ପୂର୍ବରୁ ଗୋଟିଏ ଲେଖାଏଁ ଟୁର୍ଣ୍ଣାମେଣ୍ଟରେ ଟାଇଟଲ କବ୍‌ଜା କରିଛନ୍ତି। ଏଠାରେ ଯେଉଁଦଳ ବିଜୟୀ ହେବ ସେହି ଦଳ ଦ୍ୱିତୀୟ ଟାଇଟଲ ହାସଲ କରିବ।

ବେଙ୍ଗାଲୁରୁ ଓ ଗୁଜରାଟ ମଧ୍ୟରେ ସବୁଠାରୁ ବଡ଼ ଫରକ ହେଉଛି ବ୍ୟାଟିଂ। ଗୁଜରାଟ ତା'ର ପ୍ରଥମ ୩ ବ୍ୟାଟ୍ସମ୍ୟାନ- ଶୁବମନ ଗିଲ୍, ସାଇ ସୁଦର୍ଶନ ଓ ଜୋସ୍ ବଟ୍‌ଲରଙ୍କ ଉପରେ ନିର୍ଭର କରିଛି। ଲିଗ୍ ପର୍ଯ୍ୟାୟରେ ଆର୍‌ସିବି ଓ ଗୁଜରାଟ ସମାନ ୧୮ ପଏଣ୍ଟ ଲେଖାଏଁ ପାଇଁ କ୍ୱାଲିଫାୟର-୧ ଖେଳିଥିଲେ। ୯୨ ରନ୍‌ରେ ବଡ଼ ବ୍ୟବଧାନରେ ଗୁଜରାଟକୁ ପରାସ୍ତ କରି ଆର୍‌ସିବି କ୍ରମାଗତ ୨ୟ ବର୍ଷ ଫାଇନାଲରେ ପହଞ୍ଚିଛି। ଅଧିନାୟକ ରଜତ ପାଟିଦାରଙ୍କ ବିସ୍ଫୋରକ ଅପରାଜିତ ୯୩ ରନ୍ ସହ ବିରାଟ କୋହଲି ଓ କ୍ରୁନାଲ ପାଣ୍ଡ୍ୟା ଭଲ ଇନିଂସ ଖେଳିଥିଲେ। ଗୁଜରାଟ ୧୬୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା।

ତେବେ କ୍ୱାଲିଫାୟର-୨ରେ ଶୁବମନ ଗିଲ୍‌ଙ୍କ ଶତକ ବଳରେ ରାଜସ୍ଥାନକୁ ୭ ୱିକେଟ୍‌ରେ ହରାଇ ଗୁଜରାଟ ଫାଇନାଲରେ ପହଞ୍ଚିଛି। କ୍ୱାଲିଫାୟର-୧ରେ ପରାଜୟର ପ୍ରତିଶୋଧ ଲକ୍ଷ୍ୟରେ ଗୁଜରାଟ ଖେଳିବ। ଭୁବନେଶ୍ୱର କୁମାର ଓ ଜୋସ୍ ହାଜେଲ୍‌ଉଡ୍ ନୂଆବଲ୍‌ରେ ଚମତ୍କାର ବୋଲିଂକରି ନିୟମିତ ୱିକେଟ୍ ନେଉଛନ୍ତି। ଯଦି ଦୁହେଁ ଆରମ୍ଭରୁ ୭୦୦ରୁ ଅଧିକ ରନ୍ କରିଥିବା ଗୁଜରାଟ ଦୁଇ ରନ୍ ମେସିନ୍ ଓପନର ଗିଲ୍ ଓ ସୁଦର୍ଶନଙ୍କୁ ଆଉଟ୍ କରିଦିଅନ୍ତି; ମ୍ୟାଚ୍‌ର ଫଳାଫଳ ଭିନ୍ନ ହୋଇପାରେ। ଏଦୁହେଁ କ୍ୱାଲିଫାୟର-୨ରେ ୧୬୭ ରନ୍‌ର ଓପନିଂ ଭାଗୀଦାରି କରି ରାଜସ୍ଥାନକୁ ହରାଇଥିଲେ। ସୁଦର୍ଶନ ରେକର୍ଡ କ୍ରମାଗତ ୬ଟି ଓ ମୋଟ ୮ଟି ଅର୍ଦ୍ଧଶତକ ମାରିଛନ୍ତି। ଫର୍ମରେ ଥିବା ଗୁଜରାଟର ୩ନଂ ବ୍ୟାଟ୍ସମ୍ୟାନ୍ ଜୋସ୍ ବଟ୍‌ଲରଙ୍କ ଉପରେ ମଧ୍ୟ ନଜର ରହିବ। ଗୁଜରାଟର ମଧ୍ୟକ୍ରମ ଦୁର୍ବଳ ରହିଛି। ତେଣୁ ପ୍ରଥମ ୩ ବ୍ୟାଟର ବିଫଳ ହୋଇଥିବା ମ୍ୟାଚ୍‌ରେ ଗୁଜରାଟ ପରାସ୍ତ ହୋଇଛି। ଏହି ୩ ବ୍ୟାଟ୍ସମ୍ୟାନଙ୍କ ସହ ଗୁଜରାଟର ମ୍ୟାଚ୍ ବିଜେତା ହେଉଛନ୍ତି ତିନି ଫାଷ୍ଟବୋଲର କାଗିସୋ ରାବାଡା (୨୮), ମହମ୍ମଦ ସିରାଜ୍ (୧୮) ଓ ପ୍ରସିଦ୍ଧ କ୍ରିଷ୍ଣା (୧୬)। ଲେଗ୍ ସ୍ପିନର ରସିଦ୍ ଖାନ୍ ୧୯ଟି ୱିକେଟ୍ ନେଇଥିଲେ ହେଁ ଗତ କିଛି ମ୍ୟାଚ୍ରେ ଫର୍ମରେ ନାହାନ୍ତି। ଶୁକ୍ରବାର ୨ ଓଭରରୁ ରସିଦ୍ ୪୫ ରନ୍ ଦେଇଥିଲେ।

ବେଙ୍ଗାଲୁରୁ ଦଳଗତ ଭାବେ ବ୍ୟାଟିଂରେ ଭଲ ପ୍ରଦର୍ଶନ କରିଛି। ବିରାଟ କୋହଲି ୬୦୦ ରନ୍ କରିଥିବା ବେଳେ ଅଧିନାୟକ ରଜତ ପଟିଦାର ୪୮୬, ଦେବଦତ୍ତ ପାଡିକଲ ୪୬୩ ରନ୍ କରିଛନ୍ତି। ଟିମ୍ ଡେଭିଡ୍ ଓ କ୍ରୁନାଲ ପାଣ୍ଡ୍ୟାଙ୍କୁ କମ୍ ସୁଯୋଗ ମିଳିଥିଲେ ହେଁ ଦୁହେଁ ଭଲ ବ୍ୟାଟିଂ କରିଛନ୍ତି। ପାଟିଦାର ଏକା କ୍ୱାଲିଫାୟର-୧ରେ ଦଳକୁ ଜିତାଇଥିଲେ। ତେବେ ଭୁବନେଶ୍ୱର ଓ ହାଜେଲ୍‌ଉଡ୍‌ଙ୍କୁ ଛାଡ଼ିଦେଲେ ଆର୍‌ସିବିର ଦୁଇ ସଫଳ ବୋଲର ହେଉଛନ୍ତି ରସିକ ସଲାମ୍ ଓ ଜାକବ୍ ଡଫି। ୨୦୨୨ରେ ଆଇପିଏଲ୍ ପଦାର୍ପଣ କରି ଗୁଜରାଟ ଚାମ୍ପିଅନ୍ ହୋଇଥିଲା।

ଗୁଜରାଟ ୫ ବର୍ଷରେ ୩ୟ ଥର ଫାଇନାଲ ଖେଳିବାକୁ ଯାଉଛି। ଗତବର୍ଷ ପ୍ରଥମ ଟ୍ରଫି ଜିତିବା ପୂର୍ବରୁ ଆର୍‌ସିବି ୩ ଥର ରନର୍ସଅପ୍ ହୋଇଥିଲା। ୫ମ ଥର ଆର୍‌ସିବି ଫାଇନାଲ ଖେଳିବାକୁ ଯାଉଛି। ଫାଇନାଲରେ କିଙ୍ଗ୍ (କୋହଲି) ଓ ପ୍ରିନ୍ସ (ଗିଲ୍)ଙ୍କ ମଧ୍ୟରେ ମୁକାବିଲା ହେବ ବୋଲି ଆଲୋଚନା ହେଉଛି। ଆଇପିଏଲ୍‌ରେ ଉଭୟ ଦଳଙ୍କ ମଧ୍ୟରେ ୮ଟି ମୁକାବିଲା ହୋଇଥିବା ବେଳେ ଆର୍‌ସିବି ୫-୪ ସ୍ଥିତିରେ ଅଛି। ଚଳିତବର୍ଷ ଉଭୟ ଦଳଙ୍କ ମଧ୍ୟରେ ୩ ଥର ମୁକାବିଲା ହୋଇଛି। ଆର୍‌ସିବି ୨-୧ ମ୍ୟଚ୍‌ରେ ଆଗୁଆ ରହିଛି। ଭେଙ୍କଟେଶ ଆୟରଙ୍କ ସ୍ଥାନରେ ଆର୍‌ସିବି ଓପ୍‌ନର ଭାବେ ଫିଲ୍ ସଲ୍ଟଙ୍କୁ ଖେଳାଇପାରେ। ଗୁଜରାଟ ଦଳରେ ପରିବର୍ତ୍ତନର ସମ୍ଭାବନା କମ୍। ଫାଇନାଲରେ ଆର୍‌ସିବି ଫେଭରିଟ୍ ଥିଲେ ହେଁ ଟାଇଟଲ ଜିତିବାର ସମସ୍ତ ଦକ୍ଷତା ଗୁଜରାଟ ଦଳରେ ରହିଛି।

# ଜୋକୋଭିଚ୍‌ଙ୍କୁ ହରାଇ ପ୍ରି-କ୍ୱାର୍ଟରରେ ଫୋନସେକା

**ପ୍ୟାରିସ, ୩୦।୫ (ଏଜେନ୍ସି):** ଚଳିତ ଫ୍ରେଞ୍ଚ ଓପନ୍‌ର ସବୁଠୁ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ସର୍ବିଆ ତାରକା ନୋଭାକ ଜୋକୋଭିଚ ତୃତୀୟ ରାଉଣ୍ଡରେ ପରାଜୟ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବ୍ରାଜିଲର ଯୁବ ଖେଳାଳି ୨୮ତମ ସିଡ୍ ଜୋଆଓ ଫୋନସେକା ୪-୬, ୪-୬, ୬-୩, ୭-୫, ୭-୫ ସେଟ୍‌ରେ ଜୋକୋଭିଚଙ୍କୁ ହରାଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ବିଶ୍ୱ ମାନ୍ୟତାର ୩ୟ ସ୍ଥାନରେ ଥିବା ଜୋକୋଭିଚ୍ ଏହି ମ୍ୟାଚର ପ୍ରଥମ ଦୁଇଟି ସେଟ୍‌କୁ ଜିତି ଅଭିଯାନ ଆରମ୍ଭ କରିଥିଲେ। ତେଣୁ ସେ ସହଜରେ ବିଜୟୀ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ୧୯ ବର୍ଷୀୟ ଯୁବ ବ୍ରାଜିଲ ତାରକା ଜୋଆଓ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୩ଟି ସେଟରେ ଜୋକୋଭିଚଙ୍କୁ ଚକମା ଦେବା ସହ ମ୍ୟାଚକୁ ହାତେଇ ନେଇଥିଲେ। ଦିନକ ତଳେ ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନ୍ନର ଦ୍ୱିତୀୟ ରାଉଣ୍ଡରେ ହାରି ବିଦାୟ ନେଇସାରିଛନ୍ତି। ଅପରପକ୍ଷରେ ପୁରୁଷ ବିଭାଗରେ ଶନିବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଦ୍ୱିତୀୟ ମାନ୍ୟତା ଖେଳାଳି ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୬-୪, ୬-୩, ୫-୭, ୬-୨ ସେଟରେ ଫ୍ରାନ୍ସର କ୍ୱେଣ୍ଟିନ ହେଲୀସଙ୍କୁ ହରାଇ ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି।

**ଫ୍ରେଞ୍ଚ ଓପନ୍‌ରେ ବଡ଼ ବିପର୍ଯ୍ୟୟ**



ସେହିଭଳି ମହିଳା ବିଭାଗରେ ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା, ୧୬ତମ ସିଡ୍ ନାଓମି ଓସାକା, ୨୨ତମ ସିଡ୍ ରୁଷିଆର ଆନ୍ନା କାଲିନସ୍କାୟା, ପୋଲାଣ୍ଡର ମାଜା ଚ୍ୱାଲିସ୍କା ପ୍ରମୁଖ ୩ୟ ରାଉଣ୍ଡରେ ବିଜୟୀ ହୋଇ ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି।

## ବିବାଦ ପରେ ଓଡ଼ିଶା ଜିମ୍ନାଷ୍ଟିକ ସଂଘ ପାଇଁ ଆଡ୍‌ହକ କମିଟି ଗଠନ କଲା ଓଓଏ

**ଭୁବନେଶ୍ୱର, ୩୦।୫ (ସମିସ):** ଏକାଧିକ ଅନିୟମିତତା ଅଭିଯୋଗ ଆସିବା ପରେ ବିବାଦରେ ଫସିଯାଇଛି ଓଡ଼ିଶା ଜିମ୍ନାଷ୍ଟିକ ସଂଘ (ଓଜିଏ)। ଏହାକୁ ଏଡ଼ାଇବା ଲାଗି ରାଜ୍ୟ ଅଲିମ୍ପିକ ସଂଘ ପକ୍ଷରୁ ଜିମ୍ନାଷ୍ଟିକ ସଂଘର ପରିଚାଳନା ଲାଗି ଏକ ଆଡ୍‌ହକ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଆଡ୍‌ହକ କମିଟି ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ଏବଂ ଉଠାଯାଇଥିବା ବିବାଦୀୟ ପ୍ରସଙ୍ଗଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ। ଉଲ୍ଲେଖଯୋଗ୍ୟ, ନିକଟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଜାତୀୟ ଜିମ୍ନାଷ୍ଟିକ ଚାମ୍ପିଅନସିପ୍ ଆୟୋଜନକୁ ନେଇ ବିବାଦ ଦେଖାଯାଇଥିଲା। ଯେଉଁଥିରେ ରାଜ୍ୟ ଜିମ୍ନାଷ୍ଟିକ ସଂଘର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ'ଙ୍କ ଦେହାନ୍ତର ଦେଢ଼ବର୍ଷ ପରେ ମଧ୍ୟ ତାଙ୍କ ସଭାପତିତ୍ୱରେ ଏହି ଜାତୀୟ ଚାମ୍ପିଅନସିପ୍ ଆୟୋଜିତ ହୋଇଥିବା ସରକାରୀ ରେକର୍ଡ କହୁଛି। ଅର୍ଥାତ୍ ଓଡ଼ିଶା ଜିମ୍ନାଷ୍ଟିକ ସଂଘ ଯେଉଁ ଅଫିସିଆଲ ପ୍ୟାଡ ବ୍ୟବହାର କରି ଚାମ୍ପିଅନସିପ୍ ଆୟୋଜନ ବାବଦରେ ସରକାରଙ୍କଠାରୁ ୧.୧୮ କୋଟି ଟଙ୍କା ଆର୍ଥିକ ଅନୁଦାନ ଲାଭ କରିଛି ସେଥିରେ ସ୍ୱର୍ଗତ ସମୀର ଦେ ସଭାପତି ରହିଥିବା ଦର୍ଶାଯାଇଛି। ଏହି ଖବର ଜଣାପଡ଼ିବା ପରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଖୋଳତାଡ଼ ମଧ୍ୟ ଆରମ୍ଭ ହୋଇଛି। ଏନେଇ ଜିମ୍ନାଷ୍ଟିକ ସଂଘ ସମ୍ପାଦକ ଅଶୋକ ସାହୁ କ୍ଷମା ପ୍ରାର୍ଥନା କରି ଭୁଲବଶତଃ ସମୀରଙ୍କ ନାମ ପ୍ୟାଡରେ ରହିଯାଇଥିବା ନେଇ ସଫେଇ ଦେଇଥିଲେ।

# ସମ୍ଭାବ୍ୟ ଦଳରେ ନାହାନ୍ତି ଗିଲ୍ ଓ ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ,୩୦।୫(ଏଜେନ୍ସି):** ଜାପାନରେ ଆୟୋଜିତ ହେବାକୁ ଯାଉଥିବା ଏସିଆ ଗେମ୍ସ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ଏବଂ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୀମିତ ଓଭର ସିରିଜ୍ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୭ ଯାଏ ଭାରତରେ ଖେଳାଯିବ। ଏଣୁ ସମାନ ସମୟରେ ଦୁଇ ଦୁଇଟି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବାକୁ ଯାଉଥିବାରୁ ଏସିଆନ୍ ଗେମ୍ସ ଲାଗି ବିସିସିଆଇ ପକ୍ଷରୁ ଏକ ୩୦ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଭାରତୀୟ ଅଲିମ୍ପିକ୍ ସଂଘକୁ ପ୍ରଦାନ କରାଯାଇଛି। ଏହି ତାଲିକାରୁ ଏସିଆନ ଗେମ୍ସ ଓ ୱେଷ୍ଟଇଣ୍ଡିଜ୍ ସିରିଜ୍ ଲାଗି ଭାରତୀୟ ଦଳ ଚୟନ କରାଯିବ। ବିସିସିଆଇ ପକ୍ଷରୁ ଦିଆଯାଇଥିବା ତାଲିକାରେ ଦୁଇ ପ୍ରମୁଖ ଖେଳାଳିଙ୍କ ନାମ ନାହିଁ। ସେ ହେଉଛନ୍ତି ଭାରତର ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଓ ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଗିଲ୍ ଦିନିକିଆ ଦଳର ନେତୃତ୍ୱ ନେବାକୁ ଥିବାରୁ ତାଙ୍କୁ ଏହି ସମ୍ଭାବ୍ୟ ଦଳରେ ସାମିଲ ନ କରିବା ଏକ ସ୍ୱାଭାବିକ୍ ଘଟଣା। ସେହିପରି ଚୟନକର୍ତ୍ତାଙ୍କ ଯୋଜନାରେ ସୂର୍ଯ୍ୟକୁମାର ନ ଥିବାରୁ ତାଙ୍କୁ ମଧ୍ୟ ସମ୍ଭାବ୍ୟ ଦଳରେ ନିଆଯାଇ ନାହିଁ। କିନ୍ତୁ ଟିନ୍‌ଏଜ୍ ସେନ୍‌ସେସନ ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଏହି ତାଲିକାରେ ରହିଛି। ଏସିଆନ ଗେମ୍ସରେ କ୍ରିକେଟ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୩ଯାଏ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୬ରୁ ୧୭ ଯାଏ ଖେଳାଯିବ। ଏସିଆନ ଗେମ୍ସରେ ଯଦି କିଛି ପ୍ରଥମ ପସନ୍ଦର ଖେଳାଳିଙ୍କୁ ସାମିଲ କରାଯାଏ, ତେବେ ସେମାନେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ରେ ଖେଳିପାରିବେ। ଗିଲ୍ ଓ ସୂର୍ଯ୍ୟକୁମାରଙ୍କୁ ବାଦ୍ ଦେବା ପରେ ଏସିଆନ୍ ଗେମ୍ସ ଲାଗି ଶ୍ରେୟସ ଆୟର, ସଞ୍ଜୁ ସାମସନ ଓ ତିଳକ ବର୍ମା ରହିଛନ୍ତି।

**ଏସିଆନ୍ ଗେମ୍ସ କ୍ରିକେଟ ସମ୍ଭାବ୍ୟ ଦଳ**

ଯଶସ୍ୱୀ ଜୟସ୍ୱାଲ, ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର, ତିଳକ ବର୍ମା, ଈଶାନ କିଶାନ, ସଞ୍ଜୁ ସାମସନ, ଧ୍ରୁବ ଜୁରେଲ, ଋଷଭ ପନ୍ତ (ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ନୀତୀଶ କୁମାର ରେଡ୍ଡୀ, ଶାହାବାଜ ଅହମ୍ମଦ୍, ୱାଶିଂଟନ ସୁନ୍ଦର, ରିଙ୍କୁ ସିଂ, ଆୟୁଷ ବଦୋନି, ଋତୁରାଜ ଗାଏକ୍ୱାଡ୍, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ଖଲୀଲ ଅହମ୍ମଦ୍, ହର୍ଷିତ ରାଣା, ଯଶ ଠାକୁର (ସମସ୍ତେ ପେସ୍ ବୋଲର), ଅକ୍ଷର ପଟେଲ, ଅନୁକୂଳ ରୟ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ରବି ବିଷ୍ଣୋଇ ଓ ହର୍ଷ ଦୁବେ (ସମସ୍ତେ ସ୍ପିନର), ଶିବମ ଦୁବେ, ବିପରାଜ ନିଗମ।

### କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଯାପିତ

# କାଟାଗୋରୀ-ଏ'ରେ ବୋରିସ୍‌ଙ୍କୁ ଟାଇଟଲ୍

**ଭୁବନେଶ୍ୱର,୩୦।୫(ସମିସ):**




ଏସିଆ ମହାଦେଶର ସବୁଠାରୁ ବୃହତ୍ ଓ ୧.୩୧ କୋଟି ଟଙ୍କା ପୁରସ୍କାର ବିଶିଷ୍ଟ କିଟ୍ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। କିଟ୍ ୟୁନିଭର୍ସିଟି ଆନୁକୂଲ୍ୟରେ ଏବଂ ନିଜସ୍ୱ କ୍ୟାମ୍ପସରେ ମେ ୨୩ରୁ ୩୦ ତାରିଖଯାଏ ୫ଟି କାଟାଗୋରୀରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଆୟୋଜକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଏଥିରେ ୪୦ଟି ଦେଶରୁ ୨୫ ଗ୍ରାଣ୍ଡମାଷ୍ଟର ଓ ୫୦ଜଣ ଅନ୍ତର୍ଜାତୀୟ ମାଷ୍ଟରଙ୍କ ସମେତ ୪,୦୦୦ରୁ ଉର୍ଦ୍ଧ୍ୱ ଖେଳାଳି ଏହି ବୃହତ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଶନିବାର ଖେଳ ଶେଷ ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜ୍ୟଗୋଷ୍ଠୀ ଚେସ୍ ସଂଗଠନର ଅଧ୍ୟକ୍ଷ ତଥା ଏସୀୟ ଚେସ୍ ସଂଘର ଉପସଭାପତି ଭରତ ସିଂ ଚୌହାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚେସ୍ ବିଶାରଦ ରଞ୍ଜନ କୁମାର ମହାନ୍ତି, ଆଇଏମ୍ ଶେଖର ଚନ୍ଦ୍ର ସାହୁ, ନିଖିଳ ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଚିଫ୍ ଆର୍ବିଟର ବସନ୍ତ ବିଏର୍, କିଟ୍ ଓ କିସ୍ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

ଟୁର୍ଣ୍ଣାମେଣ୍ଟର ସବୁଠାରୁ ଉଚ୍ଚସ୍ତରର କାଟାଗୋରୀ-ଏ'ରେ ରୁଷିଆର ଗ୍ରାଣ୍ଡମାଷ୍ଟର ବୋରିସ ସାଭଚେଙ୍କୋ ସର୍ବାଧିକ ୮.୫ ପଏଣ୍ଟ ପାଇ ଚାମ୍ପିଅନ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୭ଲକ୍ଷ ୫୦ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କ ପଛକୁ ୪ଜଣ ଖେଳାଳି ୮ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ବେଲାରୁଷର ଜିଏମ୍ ଆଲେକସେଜ ପ୍ରଥମ ରନର୍ସ ଅପ୍ ସହ ୬ଲକ୍ଷ, ଭାରତର ଆଇଏମ୍ ଆରଣ୍ୟକ ଘୋଷ ଦ୍ୱିତୀୟ ରନର୍ସ ଅପ୍ ସହ ୪ଲକ୍ଷ, ଚତୁର୍ଥ ହୋଇଥିବା ୧୭ବର୍ଷରୁ କମ୍ ଖେଳାଳି ତଥା ଆଇଏମ୍ ମୟଙ୍କ ଚକ୍ରବର୍ତ୍ତୀ ୩ ଲକ୍ଷ ଓ ଭିଏତନାମର ଜିଏମ୍ ଡୁକ୍ ହୋଆ ଏନ୍‌ଗୁଏନ୍ ୫ମ ସ୍ଥାନ ଅଧିକାର କରି ୨ ଲକ୍ଷ ଟଙ୍କାର ପୁରସ୍କାର ପାଇଥିଲେ। କାଟାଗୋରୀ-ଏ'ରେ ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସମ୍ବିତ ପଣ୍ଡା ୭ପଏଣ୍ଟ ପାଇ ୨୮ତମ, ୧୭ ବର୍ଷରୁ କମ୍ ଖେଳାଳି ଏଫ୍‌ଏମ୍ ପ୍ରିଂଶ ଦାସ ୬.୫ ପଏଣ୍ଟ ପାଇ ୫୦ତମ, ଶ୍ରୀହନ ସାବତ ୬.୫ ପଏଣ୍ଟ ସହ ୬୫ତମ, ସିଏମ୍ ଆଶୀର୍ବାଦ ସ୍ୱାଇଁ ୬.୫ ପଏଣ୍ଟ ପାଇ ୭୩ତମ ସ୍ଥାନ ଅଧିକାର କରି ପ୍ରଥମ ୧୦୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।

ପୂର୍ବରୁ ଶେଷ ହୋଇଥିବା କାଟାଗୋରୀ-ବି'ରେ ପଶ୍ଚିମବଙ୍ଗର ଶଙ୍ଖଦୀପ ମାଇତି ଚାମ୍ପିଅନ ଓ ଓଡ଼ିଶାର ସତ୍ୟମ ସର୍ବଜିତ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଜି ଶେଷ ହୋଇଥିବା କାଟାଗୋରୀ-ସି'ରେ ଓଡ଼ିଶାର ବୈଭବ ସିଂ ଚାମ୍ପିଅନ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ଟ୍ରଫି ସହ ୪ଲକ୍ଷ ୫୦ହଜାର ଟଙ୍କା ଦିଆଯାଇଛି। ଟପ୍-୨୦ ଖେଳାଳିଙ୍କ ମଧ୍ୟରେ ଅନ୍ୟ କୌଣସି ଓଡ଼ିଆ ଖେଳାଳି ନାହାନ୍ତି। ସେହିପରି କାଟାଗୋରୀ-ଡି' ବ୍ଲିଜ୍‌ରେ ରେଳବାଇ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡର ଆରଣ୍ୟକ ଘୋଷ ଏବଂ କାଟାଗୋରୀ-ଇ' ବ୍ଲିଜ୍ ଓପନରରେ ଗୋଆର ଚୌତନ୍ୟ ଭି ଗାଓଁକର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଶୀର୍ଷ ଖେଳାଳିମାନେ ଅଂଶଗ୍ରହଣ କରି ନ ଥିଲେ।

### ୮ମ ରାମେଶ୍ୱର କପ୍ ୧୮ ବର୍ଷରୁ କମ୍ କ୍ରିକେଟ

# ଟାଉନ୍ କ୍ଲବ୍‌କୁ ହରାଇ ରାମେଶ୍ୱର ଚାମ୍ପିଅନ

**ଭୁବନେଶ୍ୱର,୩୦।୫(ସମିସ):** ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ନିଜ ପୁରୁଣା ଭୁବନେଶ୍ୱର ପ୍ରତିଦ୍ୱନ୍ଦ୍ୱୀ ଟାଉନ୍ କ୍ଲବ୍‌କୁ ୭୩ ରନ୍‌ରେ ପରାସ୍ତ କରି ଅଷ୍ଟମ ୧୮ ବର୍ଷରୁ କମ୍ ରାମେଶ୍ୱର କପ୍ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲ ପଡ଼ିଆରେ ଶନିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ସ୍ପୋର୍ଟିଂ ୩୦ ଓଭରରେ ୨୫୨ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସିଦ୍ଧାର୍ଥ ବେହେରା ୭୫, ବାବୁସାନ ମାଝୀ ୬୩ ଓ ଅଧିନାୟକ ଶୁଭାଶିଷ ମଲ୍ଲିକ ୪୪ ରନ୍ କରିଥିଲେ। ଜବାବରେ ଟାଉନ୍ କ୍ଲବତ ୨୯ ଓଭରରେ ୧୭୯ରନ୍ କରିଥିଲା। ଦଳପକ୍ଷରୁ କେବଳ ଆଦିତ୍ୟ ପ୍ରଧାନ ୬୩ରନ୍‌ର ଲଢୁଆ ଇନିଂସ ଖେଳିଥିଲେ। ଅଂଶୁମାନ ଆଚାର୍ଯ୍ୟଙ୍କ ଦ୍ରୁତ ୩୨ ରନ୍ କାମ ଦେଇ ନ ଥିଲା। ବିଜୟୀ ରାମେଶ୍ୱରର ବାବୁସାନ ମାଝୀଙ୍କୁ ପ୍ଲେୟର ଅଫ୍ ଦି ଫାଇନାଲ, ଶୁଭାଶିଷ ମଲିକଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍, ପରାଜିତ ଦଳର ଆଦିତ୍ୟ ପ୍ରଧାନ ଶ୍ରେଷ୍ଠ ବ୍ୟାଟର, ଆୟୁଷ ପ୍ରଧାନ ଶ୍ରେଷ୍ଠ ବୋଲର ଏବଂ କୁମାର ଏସ୍ ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ଫିଲ୍ଡରଭାବେ ବିବେଚନା କରାଯାଇଛି। ଖେଳ ଶେଷରେ ପୂର୍ବତନ ରଣଜୀ ଖେଳାଳି, କୋଚ୍ ତଥା ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୦,୦୦୦ ଟଙ୍କା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିକେ ଡେଭଲପର୍ସର ନିର୍ଦ୍ଦେଶକ ଅମରେଶ ପରିଡ଼ା ଓ ଜାରିକା ଡେଭଲେପର୍ସର ନିର୍ଦ୍ଦେଶକ ଅରବିନ୍ଦପ୍ରସାଦ ବଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ କାର୍ଯ୍ୟକାରୀ ସଭାପତି ପରେଶ ପଟେଲ ଓ ସାଧାରଣ ସମ୍ପାଦକ ଦୀପକ ମଙ୍ଗରାଜ ଓ ଅନ୍ୟ କର୍ମକର୍ତ୍ତାମାନେ ସଭା ପରିଚାଳନା କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ପ୍ରମୋଦ ଦାଶ ଓ ବିଶ୍ୱଜିତ ମଲିକ ଖେଳ ପରିଚାଳନା କରିଥିଲାବେଳେ ବିଘ୍ନେଶ ବେହେରା ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

**Excelsior Science Residential Higher Secondary School (CHSE)**
Permanently Recognized by Govt. of Odisha
**Excelsior Innovative School (CBSE)**
**Excelsior Entrance Academy**
Exclusive 1 Year Platform for JEE (Main/Adv.), NEET & Other Entrance Exam


**Chhotraypur, Jajpur Road, Jajpur**

ଉତ୍ତିଷ୍ଠତ ଜାଗ୍ରତ

# EXCELSIOR




## Where Perserverance Meets Excellence




## Percentage Analysis - 10th % V/s. 12th %

| S.N. | Student Name | 10th% | 12th% | Inc. % | S.N. | Student Name | 10th% | 12th% | Inc. % | S.N. | Student Name | 10th% | 12th% | Inc. % |
|---|---|---|---|---|---|---|---|---|---|---|---|---|---|---|
| 1 | ABHIJIT SAHU | 70.3 | 97.3 | 27.0 | 2 | YOSTNA RANI PARIDA | 70.0 | 96.8 | 26.8 | 3 | ANANYA SAHOO | 55.0 | 81.3 | 26.0 |
| 4 | SOMSWARAJ MOHANTY | 65.0 | 90.7 | 25.7 | 5 | STHITAPRAGYAN ARUK | 60.0 | 84.8 | 24.8 | 6 | PRIYANSU PANIGRAHI | 70.0 | 94.7 | 24.7 |
| 7 | SUBHAM KUMAR PATI | 66.0 | 90.0 | 24.0 | 8 | DEBASISH PUHAN | 74.5 | 98.0 | 23.5 | 9 | AYUSH PATRA | 70.3 | 93.0 | 22.7 |
| 10 | ARMAN DAS | 72.3 | 94.7 | 22.4 | 11 | JAGAT MANGAL SARANGI | 68.0 | 90.3 | 22.3 | 12 | ABHISHEK SAHOO | 65.0 | 87.3 | 22.3 |
| 13 | SMRUTI SUBHAM DUTTA | 70.3 | 92.5 | 22.2 | 14 | PARTHA SARATHI CHINARA | 63.0 | 84.7 | 21.7 | 15 | JIT JAYAPRAKASH SAHOO | 75.2 | 96.8 | 21.6 |
| 16 | SWAM PRAKASH SAHOO | 69.0 | 90.0 | 21.0 | 17 | MONIKA MARNDI | 75.0 | 95.7 | 20.7 | 18 | ABINASH SARANGI | 57.0 | 77.7 | 20.7 |
| 19 | RAJALAXMI DALAI | 70.6 | 91.0 | 20.4 | 20 | OM JAYAPRAKASH SAHOO | 71.3 | 91.7 | 20.4 | 21 | ARUNA KUMAR SAHOO | 70.0 | 90.3 | 20.3 |
| 22 | SANGRAM NAYAK | 74.3 | 94.3 | 20.0 | 23 | AYUSH KUMAR SAHOO | 64.0 | 84.0 | 20.0 | 24 | ADITYA KUMAR DAS | 71.5 | 91.5 | 20.0 |
| 25 | ASHUTOSH ROUT | 75.5 | 95.5 | 20.0 | 26 | SAI DEBASIS SAHOO | 71.2 | 91.2 | 20.0 | | **and 262 more.........** | | | |

## Our Academic Achievement

10th Intake of 90%
**28 Students**
12th Output of 90%
**179 Students**

Out of **308** Students **288** (93.5%) Students Surpassed/Maintained their 10th Percentage in 12th Exam.

## Result Analysis AHSE-2026

| | | |
|---|---|---|
| Total Students Appeared - 308 | Total Students Passed - 308 | Total Students Secured 1st Div. - 308 |
| 99% Above - 6 | 95% Above - 82 | 85% Above - 241 |
| 98% Above - 11 | 90% Above - 179 | 80% Above - 280 |

## For Admission Please Contact:

94371 73110, 94371 89122, 94370 64112, 84570 22795, 94370 71103, 70081 36699
70081 36699, 82492 05993, 79780 75324, 83289 48954, 85968 46553, 94371 73110